

ହର୍ମୁଜ୍‌ରେ ଆକ୍ରମଣକୁ ଭାରତ ସହିବନି

ପୃଷ୍ଠା ୫


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 56 ଭାଗ ୩୪ | ସଂଖ୍ୟା ୫୬ | Monday 18 May 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୧୮ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସହଜ ହେବନି ଡିଜିପି ଚୟନ

କିଏ ହେବ ରାଜ୍ୟର ପରବର୍ତ୍ତୀ ଡିଜିପି ତାକୁ ନେଇ ଗତ କିଛି ଦିନ ହେଲା ଗଣମାଧ୍ୟମଠୁ ଆରମ୍ଭ କରି ପାଡ଼ାର କଣିରଚରେ କବାଟକିଳା ଚର୍ଚ୍ଚା ଚାଲିଛି। କିଏ ତାଲିକାର ଶୀର୍ଷରେ ଅଛନ୍ତି, କାହାର ଲବି କେତେ ଷ୍ଟ୍ରଙ୍ଗ୍, ଏମିତି କେତେ କ'ଣ ତର୍କମା ଚାଲିଛି। ଲୋକସେବା ଭବନର ତୃତୀୟ ମହଲାରେ ମଧ୍ୟ ଏନେଇ ମାନସ ମନ୍ଥନ ହେଉଛି। ତେବେ ଆସନ୍ତା ଦୁଇ ବର୍ଷ ପାଇଁ ରାଜ୍ୟ ପୁଲିସ ପ୍ରଶାସନର ମୁଖିଆ ପଦବୀ ପାଇଁ ଜଣେ ଯୋଗ୍ୟ ଅଧିକାରୀଙ୍କୁ ଦାୟିତ୍ୱ କେବଳ ଏକ ପ୍ରଶାସନିକ ଚୟନ ନୁହେଁ, ଏକ ରଣନୈତିକ ନିଷ୍ପତ୍ତି ହେବ। କାରଣ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରକୁ ଦୁଇ ବର୍ଷ ପୂରିବାକୁ ଯାଉଛି। ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିଥିବାରୁ ପ୍ରାରମ୍ଭିକ ଦୁଇ ବର୍ଷ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ଓ ଭିତ୍ତିଭୂମିକୁ ଗୁରୁତ୍ୱ ଦେଇଥିଲେ। ଆଉ ଏଇ ଦୁଇ ବର୍ଷରେ ସରକାର ଶିଳ୍ପାୟନ ସହ ଭିତ୍ତିଭୂମି ବିକାଶ ନେଇ ଏକ ଶକ୍ତ ମୂଳଦୁଆ ପକାଇଦେଇଛନ୍ତି, ଯାହାକି ଆଗାମୀ କିଛି ବର୍ଷ ମଧ୍ୟରେ ଫଳବତୀ ହେବ। ଏବେ ସମୟ ଆସିଛି ଭାବମୂର୍ତ୍ତି ତିଆରି କରିବାର।

ମୁଖ୍ୟମନ୍ତ୍ରୀ ଯାହାଙ୍କୁ ଏହି ଆସନ ପାଇଁ ଯୋଗ୍ୟ ଭାବିବେ, ତାଙ୍କ କାନ୍ଧରେ ସରକାରଙ୍କ ଭାବମୂର୍ତ୍ତି ଗଠନ ଓ ସଜାଡ଼ିବାର ଦାୟିତ୍ୱ ରହିବ। ଯଦି ପୁଲିସ ବ୍ୟବସ୍ଥା ଦକ୍ଷ, ନିରପେକ୍ଷ ଏବଂ ଲୋକାଭିମୁଖୀ ହୁଏ, ତେବେ ସରକାରର ପ୍ରତିଛବି ଉଜ୍ଜ୍ୱଳ ହୁଏ। ଅପରପକ୍ଷରେ ଯଦି ଅପରାଧ ବଢ଼େ, ଦୁର୍ନୀତି ବଢ଼େ କିମ୍ବା ପୁଲିସ ଉପରେ ଜନସାଧାରଣଙ୍କ ଅସନ୍ତୋଷ ବଢ଼େ, ତାହା ସରକାରର ପ୍ରତିଛବିକୁ ପ୍ରଭାବିତ କରେ। ଆଗକୁ ପଞ୍ଚାୟତ ସହ ପୌର ନିର୍ବାଚନ ଆଉ ତା'ର ଦେଢ଼ ବର୍ଷ ପରେ ସାଧାରଣ ନିର୍ବାଚନ। ତେଣୁ ଏହି ଗଡ଼ିସନ୍ଧି ସମୟରେ ଯିଏ ବି ପୁଲିସ ପ୍ରଶାସନର ମଙ୍ଗ ଧରିବେ, ସିଏ କେବଳ ଜଣେ ଶକ୍ତିଶାଳୀ ଅଧିକାରୀ ହେବେନି, ବରଂ ରାଜ୍ୟର ଆଇନଶୃଙ୍ଖଳା ଓ ସରକାରୀ ଭାବମୂର୍ତ୍ତି ମଧ୍ୟରେ ଏକ ମଜଭୁତ ସେତୁ ହେବାକୁ ପଡ଼ିବ। ଏସବୁ ଦିଗକୁ ଚିନ୍ତା କରି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ କଠୋର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କଠୋର ଏଇଥିପାଇଁ କୁହାଯାଉଛି, କାରଣ ଯେଉଁମାନେ ଚର୍ଚ୍ଚାରେ ଥିବେ ହୁଏତ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିରାଶ କରିପାରନ୍ତି। ରାଜ୍ୟ ପ୍ରଶାସନିକ ମୁଖ୍ୟ ଭାବେ ପ୍ରଥମ ଥର ପାଇଁ ଜଣେ ମହିଳା ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଯେଉଁଭଳି ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଠିକ ସେହିଭଳି ପରବର୍ତ୍ତୀ ଡିଜିପି ଚୟନ ମଧ୍ୟ ଉଦାହରଣଯୋଗ୍ୟ ହେବ।

ଏସବୁ ଭିତରେ ଡିଜିପି ଚେୟାରରେ ଯେଉଁ ୧୧ ଜଣ ଅଫିସରଙ୍କ ତାଲିକା କେନ୍ଦ୍ରକୁ ପଠାଯାଇଛି ବୋଲି କୁହାଯାଉଛି ସେ ଭିତରେ ଚର୍ଚ୍ଚାରେ ଶୀର୍ଷରେ ଅଛନ୍ତି ୧୯୯୩ ବ୍ୟାଚ ଆଇପିଏସ ତଥା ଗୁଇନ୍ଦା ଡିଜି ଆଦିତି କୋଠେ ଓ ୧୯୯୦ ବ୍ୟାଚ ଆଇପିଏସ ତଥା ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡ଼ଙ୍ଗୀ। ବିଜେଡି ସରକାରରେ ଶ୍ରୀ କୋଠେଙ୍କ ଭଳି ଜଣେ ଦକ୍ଷ ଅଫିସରଙ୍କୁ ଅଣଦେଖା କରାଯାଇଥିଲା। ସେ ଗୁଇନ୍ଦା ଡିଜି ଭାବେ ଗତ ଦୁଇ ବର୍ଷ ହେଲା ତାଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଛି। ସେହିଭଳି ଅଗ୍ନିଶମ ଡିଜି ଭାବେ ଶ୍ରୀ ଷଡ଼ଙ୍ଗୀ ମଧ୍ୟ ଜଣେ ଦକ୍ଷ ଅଧିକାରୀ। ଏଇ ଦୁଇ ବରିଷ୍ଠ ଅଧିକାରୀଙ୍କୁ ନେଇ ପ୍ରଶାସନିକ ମହଲ ଓ ଗଣମାଧ୍ୟମରେ ହରଦମ ହେଉଥିବା ବେଳେ ଭିଜିଲାନ୍ସ ଏଡିଜି ଯଶୋବନ୍ତ ଜେଠୱା ଆଗାମୀ ଦିନରେ ଡାର୍କ ହର୍ସ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାରଣ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ରକ୍ଷା କରିବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିବାରୁ ଏହି ଦେଖିବାକୁ ଗଲେ ଦକ୍ଷତା ଆଧାରରେ କେହି କାହାଠାରୁ କମ୍ ନୁହଁନ୍ତି। ତେଣୁ ବିଭିନ୍ନ ମାନଦଣ୍ଡକୁ ବିଚାର କରି ଚୟନ ଏତେ ସହଜ ନୁହେଁ।

ସମ୍ପାଦକୀୟ

■ ଅଜିତ କୁମାର ଦାଶ

# ଚଣ୍ଡିଖୋଲରେ ହେବ ରଣନୈତିକ ତୈଳଭଣ୍ଡାର

- ଭାରତ-ୟୁଏଇ ମଧ୍ୟରେ ଚୁକ୍ତିନାମା
- ଭାରତର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବ
- ଗଚ୍ଛିତ ରହିବ ୩୦ ମିଲିଅନ୍ ବ୍ୟାରେଲ୍ କ୍ରୁଡ୍ ପେଟ୍ରୋଲିୟମ୍
- ମିଳିବ ୫ ହଜାର ନିଯୁକ୍ତି



ନୂଆଦିଲ୍ଲୀ,୧୭।୫: ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମିଳିତ ଉଦ୍ୟମରେ ଓଡ଼ିଶାର ଚଣ୍ଡିଖୋଲଠାରେ ଏକ ବିଶାଳ ରଣନୈତିକ ତୈଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତ ଅବସରରେ ଉଭୟ ଭାରତ ଓ ୟୁଏଇ ଏ ସଂକ୍ରାନ୍ତୀୟ ଏକ ମିଳିତ ରାଜିନାମାରେ ସହମତ ହୋଇଛନ୍ତି। ଚଣ୍ଡିଖୋଲରେ ପ୍ରତିଷ୍ଠା ହେବାକୁ ଥିବା ପ୍ରସ୍ତାବିତ ତୈଳ ଭଣ୍ଡାର ଭାରତର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବା କ୍ଷେତ୍ରରେ ଭାରତର ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

ଉଭୟ ରାଷ୍ଟ୍ରର ଆଧିକାରୀଙ୍କ ସୂତ୍ରରୁ ଶନିବାର ମିଳିଥିବା ତଥ୍ୟ ଅନୁସାରେ, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭସ ଲିମିଟେଡ଼ (ଆଇଏସପିଆରଏଲ) ଓ ଆବୁ ଧାବୀ ରାଷ୍ଟ୍ରୀୟ ତୈଳ କମ୍ପାନୀ (ଏଡିଏନଓସି) ମଧ୍ୟରେ ଏହି ମିଳିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତିନାମା ଅନୁଯାୟୀ, ଭାରତର ଏହି ରଣନୈତିକ ପେଟ୍ରୋଲିୟମ ଭଣ୍ଡାରରେ ଆବୁ ଧାବୀ ତୈଳ କମ୍ପାନୀର ୩୦ ମିଲିଅନ୍ ବ୍ୟାରେଲ୍ ପର୍ଯ୍ୟନ୍ତ କ୍ରୁଡ୍ ପେଟ୍ରୋଲିୟମ୍ ଗଚ୍ଛିତ ରହିବାର ବ୍ୟବସ୍ଥା ରହିଛି। ଚଣ୍ଡିଖୋଲରେ ହେବାକୁ ଥିବା ନୂତନ ତୈଳଭଣ୍ଡାର ସହ ବିଶାଖାପାଟଣାରେ ମହଜୁଦ ଥିବା ସମସ୍ତ ସୁବିଧାଗୁଡ଼ିକୁ ସାମିଲ କରାଯିବ ବୋଲି ଉଭୟ ପକ୍ଷ ସହମତ ହୋଇଛନ୍ତି। ଫୁଜାଇରା, ୟୁଏଇ ଓ ଏଲଏନଜି ତଥା ଏଲପିଜିର ମିଳିତ ସହଯୋଗରେ ଏଠାରେ ସମ୍ଭାବ୍ୟ ସଂରକ୍ଷଣ ପରିକଳ୍ପନା କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ୨୦୧୮ ମସିହାରେ ଚଣ୍ଡିଖୋଲଠାରେ ୮,୭୪୩ କୋଟି ଟଙ୍କା ମୂଲ୍ୟର ଏକ ୪ ନିୟୁତ ମେଟ୍ରିକ୍ ଟନ୍ ଭୂତଳ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିଲା। ଜମି ଅଧିଗ୍ରହଣ ଓ ସମନ୍ୱୟ କାରଣରୁ ଏହି ପ୍ରକଳ୍ପରେ ବିଳମ୍ବ ଘଟିଥିଲା। ତେବେ ସମ୍ପ୍ରତି ପଶ୍ଚିମଏସିଆରେ ସୃଷ୍ଟି ହୋଇଥିବା ଭୂ-ରାଜନୈତିକ ଉତ୍ତେଜନା ତଥା ପାରସ୍ୟ ଉପସାଗରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଅବରୋଧ ପରିପ୍ରେକ୍ଷୀରେ ଏହି ପ୍ରକଳ୍ପକୁ ଜରୁରିକାଳୀନ ଭିତ୍ତିରେ ପ୍ରାଥମିକତା

➪ପୃଷ୍ଠା-୬

## ୫ ଦିନରେ ବୋହିନେଲେ ୧୫ ଦିନର ତେଲ

- ସ୍ପଷ୍ଟ ହେଲାନି ଗୁଜବ ସୃଷ୍ଟିକାରୀ କିଏ
- ଷ୍ଟକ୍ ଥାଇ ଟାଙ୍କି ବନ୍ଦ ହୋଇଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଧୀରେ ଧୀରେ ସ୍ୱାଭାବିକ ହେଉଛି ପେଟ୍ରୋଲ ପମ୍ପ। କିଛି ଦିନ ତଳର ପ୍ରବଳ ଭିଡ଼ ଆଉ ଆଜି ଦେଖିବାକୁ ମିଳିନି। ଗତକାଲି ସନ୍ଧ୍ୟାରୁ ଭିଡ଼ କମିଥିବା ବେଳେ ରାଜ୍ୟରେ ତେଲ ଯୋଗାଣ ସ୍ଥିତି ଆସନ୍ତା ୨ରୁ ୩



ଦିନ ଭିତରେ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟରେ ଗତ ୫ ଦିନରେ ୧୫ ଦିନର ତେଲ ବିକ୍ରି ହୋଇଛି। ଏଥିସହ ଷ୍ଟକ୍ ଥାଇ ବିକ୍ରି କରି ନ ଥିବା ଡିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ପକ୍ଷରୁ କୁହାଯାଇଛି।

ତେବେ ଇତିମଧ୍ୟରେ ଏଭଳି ସ୍ଥିତି କାହିଁକି ସୃଷ୍ଟି ହୋଇଥିଲା, ତାହା ଏଯାଏଁ ସ୍ପଷ୍ଟ ହୋଇପାରିନି। କିନ୍ତୁ ସବୁ ଦୋଷ ଗ୍ରାହକଙ୍କ ଉପରେ ଲଦି ଦିଆଯାଇସାରିଛି।

ଗତ ୫ ଦିନ ମଧ୍ୟରେ ଯେଉଁଭଳି ଅସ୍ୱାଭାବିକ ଭାବେ ପେଟ୍ରୋଲ ଓ ଡିଜେଲ ବିକ୍ରି ବୃଦ୍ଧି ପାଇଥିଲା, ତା'ର ପ୍ରଭାବରେ ଆସନ୍ତା ୪/୫ ଦିନ ପର୍ଯ୍ୟନ୍ତ ପେଟ୍ରୋଲ ବ୍ୟବସାୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ଯେଉଁସବୁ ଟାଙ୍କିରେ ତେଲ ସରିଯାଇଛି ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେଠାରେ ତେଲ ପହଞ୍ଚିବ। ଅନ୍ୟପଟେ କିଛି ସ୍ଥାନରେ ତେଲ ଷ୍ଟକ୍ ଥାଇ ମଧ୍ୟ ବିକ୍ରି ହୋଇଥିବା ନେଇ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେବ ଏବଂ ଆବଶ୍ୟକ ସ୍ଥଳେ ତୈଳ କମ୍ପାନୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ

➪ପୃଷ୍ଠା-୬

## ଭୁବନେଶ୍ୱରରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ



- ■ ନେତା, କର୍ମୀଙ୍କୁ ଦେବେ ମନ୍ତ୍ର
- ■ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୫ (ସଂଚାର ବ୍ୟୁରୋ): ଆଜି ବିଳମ୍ବିତ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ, ସାଂସଦ ଦିଲ୍ଲୀପ ରାୟ, ବୈଜୟନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ବରିଷ୍ଠ ମନ୍ତ୍ରୀ ଓ ଦଳର ଅନ୍ୟ ବରିଷ୍ଠ ନେତାମାନେ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ନୀତିନ ନବୀନଙ୍କର ଏହା ପ୍ରଥମ ଓଡ଼ିଶା ଗସ୍ତ ହୋଇଥିଲେ ମଧ୍ୟ କୌଣସି ର୍ୟାଲି କରାଯାଇ ନ ଥିଲା।

➪ପୃଷ୍ଠା-୬



## ସନ୍ତୁଳି ହେବେ ଦିଲ୍ଲୀବାସୀ

### ୪୫ ଡିଗ୍ରୀ ଟପିପାରେ ପାରଦ

ନୂଆଦିଲ୍ଲୀ,୧୭।୫: ଆସନ୍ତା ସପ୍ତାହଟି ଦିଲ୍ଲୀବାସୀଙ୍କ ପାଇଁ କଷ୍ଟସାଧ୍ୟ ହେବ। କାରଣ ସମଗ୍ର ସପ୍ତାହରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫଳରେ ଦିଲ୍ଲୀବାସୀ ଭୀଷଣ ଗ୍ରୀଷ୍ମ ପ୍ରବାହରେ ସନ୍ତୁଳି ହେବା ନିଶ୍ଚିତ। ଆଇଏମ୍‌ଡି ପକ୍ଷରୁ ହୋଇଥିବା ପୂର୍ବାନୁମାନ ଅନୁସାରେ, ଦିଲ୍ଲୀ ସମେତ ଉତ୍ତର ଭାରତରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେବ। ପ୍ରବଳ ଗରମ ସହ ଲୁ' ପ୍ରଭାବ ରହିବ। ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ ଓ ହରିୟାଣା ସହ କିଛି ରାଜ୍ୟରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଲୁ'ର ପ୍ରଭାବ ରହିପାରେ। ତେବେ ପ୍ରବଳ ଝଡ଼ ତୋଫାନ ସହ ହାଲୁକା ବର୍ଷା ହେବାର ସମ୍ଭାବନା ଥିଲେ ବି ପରବର୍ତ୍ତୀ ସମୟରେ ତାପମାତ୍ରା ବୃଦ୍ଧି ପାଇବ। ଏଭଳି ସ୍ଥିତିର ମୁକାବିଲା ଲାଗି ସତର୍କ ରହିବାକୁ କୁହାଯାଇଛି। ଏପରି ସ୍ଥିତିରେ କାମ ନ ଥିଲେ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ଦିଲ୍ଲୀରେ ଆଜି ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ରହିଥିଲେ ବି ଆସନ୍ତା ୩ ଦିନ ଭିତରେ ଏହା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଉତ୍ତର ଓ ମଧ୍ୟ ଭାରତରେ ଦ୍ରୁତ ଗତିରେ ତାପମାତ୍ରା ବଢ଼ୁଥିବା ନଜରକୁ ଆସିଛି। ପଶ୍ଚିମ ହିମାଳୟ ଅଞ୍ଚଳରେ ତାପମାତ୍ରା ୩ରୁ ୪ ଡିଗ୍ରୀ ବଢ଼ିଲାଣି। ଯାହା ଫଳରେ ଉତ୍ତର ଭାରତରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଜାରି ରହିଛି।

ଅନ୍ୟପକ୍ଷରେ ଓଡ଼ିଶାରେ ମଧ୍ୟ ଅସହ୍ୟ କଲାଣି ତାତି। ଦିନକୁ ଦିନ ବଢ଼ୁଛି ଖରାର ପ୍ରଭାବ। ପଶ୍ଚିମ ଓଡ଼ିଶାରୁ ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାରୁ ଉପକୂଳ ଓଡ଼ିଶା ସବୁଠି ଲୋକେ ଖରାରେ ସିଝୁଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତାତିର ତୀବ୍ରତା ଅଧିକ ଅନୁଭବ ହେଉଛି। ସକାଳ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ତାତି ଓ ଗୁଳୁଗୁଳିରେ ଜନଜୀବନ ପ୍ରଭାବିତ। ଏହି ପରିସ୍ଥିତିରେ କେମିତି ଚାଲିଛି ଜୀବନ ଓ କେତେ ପ୍ରସ୍ତୁତ ସ୍ୱାସ୍ଥ୍ୟ ବ୍ୟବସ୍ଥା। ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଛି। ଆଜି ରାଜ୍ୟର ୧୧ଟି ସହରର ତାପମାତ୍ରା

➪ପୃଷ୍ଠା-୬

## ଜେଇ ବାବୁଙ୍କ ଟଙ୍କା ଲୋଭ

## ୧.୩୬ ଲକ୍ଷ ନେଉଥିଲେ, ଧରିଲା ଭିଜିଲାନ୍ସ

ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଲାଞ୍ଚୁଆ ସରକାରୀ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି ଟଙ୍କା ଲୋଭ। ନିଜ ଦରମା ଟଙ୍କା ବ୍ୟତୀତ ଅନ୍ୟାୟୋଚିତ ଅର୍ଥ ଆହରଣ ଲୋଭ ଯୋଗୁଁ ତାଙ୍କୁ ଏବେ ଗିରଫ ହେବାକୁ ପଡ଼ିଛି। ଆଜି ସେ ୧ ଲକ୍ଷ ୩୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଛନ୍ତି।





ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଭାପୁର ଗ୍ରାମ୍ୟ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି ଓ ତାଙ୍କର ଜଣେ ବେସରକାରୀ ସହଯୋଗୀ ଆଶୁତୋଷ ବଳିଆରସିଂହଙ୍କୁ ଭିଜିଲାନ୍ସ ଗିରଫ କରିଛି। ଜନୈକ ଠିକାଦାରଙ୍କଠାରୁ ବକେୟା ବିଲ୍ ପାସ୍ ଓ ସିକ୍ୟୁରିଟି ଟଙ୍କା ଫେରସ୍ତ କରିବା ପାଇଁ ୧ ଲକ୍ଷ ୩୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଏହି ଦୁଇ ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳରେ ୨୦୨୧-୨୨ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' ଅଧୀନରେ ହୋଇଥିବା ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ବିଲ୍ କ୍ଲିୟର କରିବା ଏବଂ ଗଚ୍ଛିତ ଥିବା ସିକ୍ୟୁରିଟି ଟଙ୍କା ଫେରସ୍ତ କରିବା ପାଇଁ ଜେଇ ଶ୍ରୀ ସୁବୁଦ୍ଧି ଲାଞ୍ଚ ଦାବି କରିଥିଲେ।

ଠିକାଦାର ଜଣଙ୍କ ଏ ନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ପୂର୍ବ ପ୍ରସ୍ତୁତି ମୁତାବକ ଏକ ସ୍ୱତନ୍ତ୍ର ଟିମ୍ ଜାଲ ବିଛାଇଥିଲା। ଶ୍ରୀ ସୁବୁଦ୍ଧି ଓ ଶ୍ରୀ ବଳିୟାରସିଂହ ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ କାବୁ କରିଥିଲେ। ଦୁଇ ଜଣଙ୍କ ନିକଟରୁ ପ୍ରମାଣ ସ୍ୱରୂପ ସମସ୍ତ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି। ଏଥିସହ ଶ୍ରୀ ସୁବୁଦ୍ଧି ଆହୁରି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ଓ ଖାନତଲାସୀ ଜାରି ରହିଛି। ଏହି ଦୁର୍ନୀତି ମାମଲାରେ ଗତକାଲି ଭିଜିଲାନ୍ସ ଥାନାରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା।

➪ପୃଷ୍ଠା-୬

## ଆଜି କେରଳ ମୁଖ୍ୟମନ୍ତ୍ରୀଙ୍କ ଶପଥ

ତିରୁଅନନ୍ତପୁରମ୍,୧୭।୫: ସୋମବାର କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ) ନେତା ଭି.ଡି.ସତିସନ୍ କେରଳର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ। ତିରୁଅନନ୍ତପୁରମ୍‌ସ୍ଥିତ ସେଣ୍ଟ୍ରାଲ ଷ୍ଟାଡିଅମରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ମେ' ୪ ତାରିଖ ନିର୍ବାଚନୀ ଫଳାଫଳ ଘୋଷଣା ପରେ ୧୪୦ଆସନ ବିଶିଷ୍ଟ କେରଳ ବିଧାନସଭାରେ ୟୁଡିଏଫ୍ ମୋଟ ୧୦୨ଟି ଆସନ ପାଇ ସରକାର ଗଠନ କରିବାକୁ ଦାବିଦାର ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନିର୍ବାଚନକୁ ନେଇ କେରଳ କଂଗ୍ରେସରେ ଅନିଶ୍ଚିତ ଲାଗି ରହିଥିଲା। ଶେଷରେ କଂଗ୍ରେସ ହାଇକମାଣ୍ଡ ଭିଡି ସତିସନଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ କରିଥିଲେ। ସୋମବାର ଶପଥ ଗ୍ରହଣ ସମାରୋହରେ ରାହୁଲ ଗାନ୍ଧୀ, ପ୍ରିୟଙ୍କାଗାନ୍ଧୀ ଭଦ୍ରା, ମଲ୍ଲିକାର୍ଜୁନ ଖଡଗେଙ୍କ ପରି ବରିଷ୍ଠ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସିବିଏସ୍‌ଇ ପୁନଃମୂଲ୍ୟାୟନ ଫି' ହ୍ରାସ

ନୂଆଦିଲ୍ଲୀ,୧୭।୫: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଫଳାଫଳ ପରବର୍ତ୍ତୀ ସେବା ପାଇଁ ଧାର୍ଯ୍ୟ ଫି'ରେ ଏକ ବଡ଼ ହ୍ରାସ ଘୋଷଣା କରିଛି। ଏହି ଘୋଷଣା ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଏଣିକି ମୂଲ୍ୟାଙ୍କିତ ଉତ୍ତର ପତ୍ରର ସ୍କାନ କପି ପାଇବା ପାଇଁ ୧୦୦ ଟଙ୍କା ଏବଂ ନମ୍ବର ଯାଞ୍ଚ ପାଇଁ ୧୦୦ ଟଙ୍କା ଦେବାକୁ ପଡିବ। ସେହିଭଳି ପୁନଃମୂଲ୍ୟାୟ ଅନୁରୋଧ ପାଇଁ ଶୁଳ୍କ ପ୍ରତି ପ୍ରଶ୍ନ ପାଇଁ ୨୫ ଟଙ୍କାକୁ ହ୍ରାସ କରାଯାଇଛି। ତେବେ ପୁନଃମୂଲ୍ୟାୟନ ପରେ ଯଦି ଛାତ୍ରଛାତ୍ରୀଙ୍କ ମାର୍କ ବୃଦ୍ଧିପାଏ ତା'ହେଲେ ସେମାନଙ୍କୁ ସେହି ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ଦିଆଯିବ ବୋଲି ସିବିଏସଇ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟାଙ୍କିତ ଉତ୍ତର ପତ୍ରର ସ୍କାନ କପି ପାଇଁ ପ୍ରତି ବିଷୟ ପାଇଁ ୭୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ପୁନଃ ଯାଞ୍ଚ ଅନୁରୋଧ ପାଇଁ ୫୦୦ ଟଙ୍କା ଦେବାକୁ ପଡୁଥିଲା। ସେହିଭଳି ପୁଣିଥରେ ମୂଲ୍ୟାୟନ କରିବାକୁ ଛାତ୍ରଛାତ୍ରୀମାନେ ପ୍ରତି ପ୍ରଶ୍ନ ପାଇଁ ୧୦୦ ଟଙ୍କା ଦେଉଥିଲେ।

## ୫ କୋଟିର ରୂପା ଜବତ

ରାଜକୋଟ,୧୭।୫:ସିଲଭର ବାର ଆମଦାନୀ ଓ ବ୍ୟବସାୟ ଉପରେ କେନ୍ଦ୍ର ସରକାର କଟକଣା ଲଗାଇବାର ଦିନକ ପରେ ରବିବାର ଗୁଜରାଟର ରାଜକୋଟସ୍ଥିତ ହିରାସାର ବିମାନବନ୍ଦରରେ ରାଜ୍ୟ ଆତଙ୍କବାଦ ନିରୋଧୀ ଦଳ ୧୮୦ କିଲୋଗ୍ରାମ ରୂପା ଜବତ କରିଛି। ଜବତ ରୁପାର ମୂଲ୍ୟ ୫ କୋଟିରୁ ଊର୍ଦ୍ଧ୍ୱ ହୋଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ରାଜକୋଟ ବିମାନବନ୍ଦରରେ ବିମାନ କାର୍ଗୋ ଜରିଆରେ ବିପୁଳ ରୂପା ଚାଲାଣ ହେଉଥିବା ରାଜ୍ୟ ଆତଙ୍କବାଦ ନିରୋଧୀ ଦଳ କ୍ରାଇମବ୍ରାଞ୍ଚକୁ ସତର୍କ କରାଯାଇଥିଲା। ପରେ କ୍ରାଇମବ୍ରାଞ୍ଚ ଓ ଏଟିଏସର ପକ୍ଷରୁ ବିମାନ ବନ୍ଦର ଉପରେ ମିଳିତ ଚଢ଼ାଉ କରାଯାଇଥିଲା। ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ରୁପା ଚାଲାଣ କରାଯାଉଥିବା କ୍ରାଇମବ୍ରାଞ୍ଚ ଅନୁମାନ କରୁଛି।

## ବଜ୍ରାଘାତ ଓ ବିଦ୍ୟୁତ୍ ଆଘାତ ୪ ମୃତ



ଲକ୍ଷ୍ମୀପୁର / ଛତ୍ରପୁର, ୧୭।୫ (ସଂଚାର ବ୍ୟୁରୋ): ଆଜି ରାଜ୍ୟରେ ୩ଟି ପୃଥକ୍ ସ୍ଥାନରେ ଅଘଟଣରେ ମୋଟ ୪ଟି ଅମୂଲ୍ୟ ଜୀବନ ଝଡ଼ିପଡ଼ିଛି। ଗୋଟିଏ ପଟେ ଲକ୍ଷ୍ମୀପୁରରେ କାଳବୈଶାଖୀଜନିତ ବଜ୍ରପାତରେ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତରେ ଆଉ ଦୁଇ ଜଣ ମୃତ୍ୟୁବରଣ କରିଛନ୍ତି।

ମିଳିଥିବା ସୂଚନାନୁସାରେ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଆଜି ଅପରାହ୍ନରେ ହଠାତ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ଏଥିରୁ ରକ୍ଷା ପାଇବା ପାଇଁ କାଇପଦର ଗାଁ ନିକଟରେ ଥିବା ଡାଳ ଖାଇ ମନ୍ଦିର ପାଖରେ ବର୍ଷା ଯୋଗୁଁ ଦୁଇ ଜଣ ଫେରିବାଲା ଆଶ୍ରୟ ନେଇଥିଲେ। ତେବେ ଏହି ସମୟରେ ବଜ୍ରପାତ ହେବାରୁ ଉକ୍ତ ଫେରିବାଲାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କର ପରିଚୟ ମିଳିପାରିନାହିଁ। ସେହିପରି ଡୁମୁରିପଦର ଗାଁରେ ଆମ୍ବ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତରେ ବବୁଲୁ ହିକକା ନାମକ ଜନୈକ ଯୁବକଙ୍କର ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ରମ୍ଭା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଘରେ ବିଦ୍ୟୁତ ୱାଇରିଂ କାମ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ଜଣ

➪ପୃଷ୍ଠା-୬



## କାନ ଡେରିଥା

ଡାକ୍ତର ହୋଇବେ ପଇସା ଫୋପାଡ଼ି

ରୋଗୀଙ୍କୁ କରିବେ ସୁସ୍ଥ ପାଠ ନପଢ଼ି

ସେ ରୋଗୀଙ୍କୁ ଦେଖିବେ

ପଇସାରେ ହେବେ ବ୍ୟସ୍ତ

ପ୍ରକୃତ ଡାକ୍ତର ନଷ୍ଟ...

ପରିଶ୍ରମ କରି ପାଠ ପଢ଼ିପଢ଼ି

ସ୍ୱପ୍ନ ହେବ ଧୂଳିସାତ ।

■ ଦେବାଶିଷ

# ରିପୋର୍ଟ କାର୍ଡ ପ୍ରସ୍ତୁତିକୁ ନେଇ ଛାତି ଧଡ଼ଧଡ଼

ଭୁବନେଶ୍ୱର, ୧୭।୫ (ସଂଚାର ବ୍ୟୁରୋ): ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ମନ୍ତ୍ରୀମାନେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଏବେ ରିପୋର୍ଟ ପ୍ରସ୍ତୁତ ପାଇଁ ଜୋରଦାର କସରତ ଆରମ୍ଭ ହୋଇଛି। ତେବେ ଏହି ରିପୋର୍ଟକୁ ନେଇ କେତେକ ମନ୍ତ୍ରୀଙ୍କ ଛାତି ଧଡ଼ଧଡ଼ ହେଉଥିବା ଆଲୋଚନା ହେଉଛି।

ଆସନ୍ତା ଜୁନ୍ ମାସରେ ରାଜ୍ୟ ସରକାର ତାଙ୍କର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛନ୍ତି। ଏହି ଅବସରରେ ବର୍ତ୍ତମାନ ସୁଦ୍ଧା ମନ୍ତ୍ରୀମାନେ କି କି ସଫଳତା ହାସଲ କରିଛନ୍ତି, ତା'ର ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଜୁନ୍ ୧୨ରୁ ୨୧ ତାରିଖ ମଧ୍ୟରେ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ମନ୍ତ୍ରୀମାନେ ଏବେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ ପ୍ରସ୍ତୁତି ପାଇଁ ଲାଗିପଡ଼ିଛନ୍ତି।

ତେବେ କେତେକ ବିଭାଗର ରିପୋର୍ଟ କାର୍ଡ ପ୍ରସ୍ତୁତି ସମୟରେ ମନ୍ତ୍ରୀ ଓ ବିଭାଗୀୟ ବାବୁମାନେ ଅତ୍ୟନ୍ତ ସର୍ତ୍ତକତା ଅବଲମ୍ବନ କରୁଛନ୍ତି। ବିଶେଷକରି ପରିବହନ, ଖାଦ୍ୟ

- ➘ ଗଣମାଧ୍ୟମରେ ରଖିବେ ସଫଳତାର ତାଲିକା
- ➘ ଭବିଷ୍ୟତ ରୋଡ୍‌ମ୍ୟାପ ସହ ରିପୋର୍ଟ ପାଇଁ କସରତ



ଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ଆଦି ବିଭାଗର ରିପୋର୍ଟ କାର୍ଡ ପ୍ରସ୍ତୁତ କ୍ଷେତ୍ରରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଆଲୋଚନା ହେଉଛି। ରାଜ୍ୟରେ ଧାନ ବିକ୍ରି, ପେଟ୍ରୋଲ ବିକ୍ରି, ଦରଦାମ୍ ବୃଦ୍ଧିକୁ ନେଇ ଯୋଗାଣ ବିଭାଗ ଅକଳରେ ଥିବା ବେଳେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବିଭାଗ ଲାଗି ଅଡୁଆ ହୋଇଛି।

ସେହିଭଳି ଏସସିବି ଅଗ୍ନିକାଣ୍ଡ, ଝାଡ଼ାବାନ୍ତି, ଜଣ୍ଡିସ ସମେତ ରାଜ୍ୟରେ ଡାକ୍ତର ଅଭାବ ସ୍ୱାସ୍ଥ୍ୟ ବିଭାଗର ସମସ୍ୟା ହୋଇଥିବା ବେଳେ ରାଜ୍ୟରେ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତିକୁ ନେଇ ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅକଳରେ ପଡିଛନ୍ତି। ରାଜ୍ୟରେ ଦେଖାଦେଇଥିବା ପାନୀୟ ଜଳ ସଙ୍କଟ ପଞ୍ଚାୟତିରାଜ ବିଭାଗର ରିପୋର୍ଟ କାର୍ଡ ପାଇଁ ଅଡୁଆ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଲିଥିବା ସୀମା ବିବାଦ ରାଜସ୍ୱ ବିଭାଗ ପାଇଁ ଅଡୁଆ ହୋଇଛି। ଏହାଛଡ଼ା ରାଜ୍ୟରେ

➪ପୃଷ୍ଠା-୬

# ଲୋଭ



ପୁଷ୍ପଲତା ମିଶ୍ର



ଲୋଭ ଏମିତି ଦୁଇଟି ଅକ୍ଷର ଯାହାକୁ କି ଯିଏ ବୁଝି ପାରି ନ ଥାଏ ସେ ଆଗକୁ ଆଗକୁ ମାଡି ଚାଲିଥାଏ,ଆଉ ଯେତେ ବେଳେ ବୁଝିଯାଏ ତାକୁ ରସାତଳକୁ ନେଇଯାଏ। ଏମିତି କି ମାନ ସମ୍ମାନ କିଛି ରହେ ନାହିଁ, ମୁଣ୍ଡ ଟେକି ଚାଲି ପାରନ୍ତି ନାହିଁ। ଲୋଭରୁ ପାପ ଆଉ ପାପରୁ ମୃତ୍ୟୁ ହୁଏ। ବଞ୍ଚି ରହିଲେ ବି ମରଣଠାରୁ ହୀନଭାଓ୍ୱେ ଚଳିବାକୁ ହୁଏ।

ଏମିତି ଗୋଟିଏ ଘଟଣା। ନିପଟ ମଫସଲ ଗାଁ ର ସନାତନ ସେଠି ଅତ୍ୟନ୍ତ ଦରିଦ୍ର ପରିବାର, ଘରେ ସ୍ତ୍ରୀ ଚାରୋଟି ପୁଅ ଓ ଦୁଇ ଝିଅକୁ ନେଇ ତାଙ୍କ ପରିବାର। ଚାରି ଜଣ ପୁଅକୁ ପାଠ ପଢ଼ାଇବା ବହୁତ କଷ୍ଟ। ତିନି ପୁଅ କୌଳିକ ବୃତ୍ତିକୁ ଆପଣେଇ ଚଳୁ ଥିଲେ କିନ୍ତୁ ସାନ ପୁଅ ରବି ପାଠ ପଢ଼ି ବ୍ୟାଙ୍କରେ ଚାକିରୀ ପାଇଲା। ଦୁଃଖ କଷ୍ଟ ଅଭାବରେ ବଢ଼ି ଆସିଥିବା ସନାତନ ସେଠିଙ୍କ ସାନ ପୁଅ ରବି ସେଠି ଚାକିରି ପାଇ ଇନ୍ଦ୍ର ଚନ୍ଦ୍ର ମାନୁ ନ ଥାଏ।ଚାକିରି ରୁ ଯାହା ଦରମା ପାଏ ସେଥିରେ ସନ୍ତୁଷ୍ଟ ନ ହୋଇ ଅଧିକ କେମିତି ଟଙ୍କା ରୋଜଗାର କରିବ ସେହି ଚିନ୍ତାରେ ଥାଏ ରବି ସେଠି। ସାଧାରଣ ଲୋକମାନଙ୍କଠାରୁ ଏ କାମ ହେଇପାରିବନି, ସେ କାଗଜପତ୍ର ଠିକ୍ ନାହିଁ କହି ଅସତ୍ ଉପାୟରେ ଟଙ୍କା ଆଦାୟ କରୁଥାଏ। ବ୍ୟାଙ୍କ ମ୍ୟାନେଜର ରବି ସେଠିଙ୍କର ସ୍ତ୍ରୀ ରଞ୍ଜିତା ସେଠି ଭିନ୍ନ ଧରଣର ମହିଳା ଥିଲେ। ଯେତେବେଳେ ଦରମା ଟଙ୍କା ବ୍ୟତୀତ ଅଧିକ ଟଙ୍କା ଦେଖେ ସେତେବେଳେ ସେ ରବିବାବୁଙ୍କୁ ପଚାରେ ଏତେ ଟଙ୍କା କୋଉଠୁ ଆଣିଲ ? ତାର ଉତ୍ତର ରବି ବାବୁ ରଞ୍ଜିତାକୁ ଦିଅନ୍ତି ନାହିଁ। ଏମିତି ଅର୍ଥ ଲୋଭ ଘାରି ଥାଏ ଯେ ସେଇ ଅସତ୍ ଟଙ୍କାରେ ଘର ଉପରେ ଘର ଏମିତି ବଢ଼େଇ ଚାଲିଥାନ୍ତି।

ଦିନେ ବ୍ୟାଙ୍କକୁ ଜଣେ ମୂର୍ଖ ଗରିବ ଲୋକଟି ଆସିଥିଲେ, ତାଙ୍କ ଭଉଣୀର ମୃତ୍ୟୁ ହେଇଛି। ସେଇ ଭଉଣୀର ବ୍ୟାଙ୍କ ଖାତାରେ ଯୋଉ ଟଙ୍କା ଅଛି ସେଇ ଟଙ୍କା କେମିତି ବ୍ୟାଙ୍କରୁ ପାଇବ ? ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ହତାଶ ହେଇ ଗଲାଣି ସେ ଗାଉଁଲି ମୂର୍ଖ ଲୋକଟି। କାକୁତି ମିନତି ହେଇ ମ୍ୟାନେଜରକୁ କହିଲା ଆଜ୍ଞା ମୋ ଭଉଣୀଟି ମରି ଯାଇଛି, ତା ବହିରେ ଥିବା ଟଙ୍କା ମତେ ଦିଅ। ବ୍ୟାଙ୍କ ବହିରୁ ଟଙ୍କା ଦେବାର ଅଧିକାର ଥିଲା ମ୍ୟାନେଜର ରବି ସେଠିଙ୍କର। କିନ୍ତୁ ରବିବାବୁ ତ ଲାଞ୍ଚ ଖାଇବାରେ ମାଷ୍ଟର୍ ତେଣୁ ସେ ଗରିବ ଲୋକଟିକୁ କହିଲେ- ତୋ ଭଉଣୀ ମରିଛି ବୋଲି କିଛି ପ୍ରମାଣ ଅଛି ? ସେ କାଗଜ ପତ୍ର ଆମକୁ ଦେଖେଇଲେ ଟଙ୍କା ପାଇବ।ଏହା କହି ରବି ବାବୁ ବହୁତ ଖୁସି ହେଉଥାନ୍ତି ଯେ ପ୍ରମାଣ ତ ଦେଇ ପାରିବନି,ଏହି ଟଙ୍କାକୁ ନିଜ ନାମରେ କରିନେବି।କିନ୍ତୁ ମୂର୍ଖ ଲୋକଟି ମରିବାର ପ୍ରମାଣ ପତ୍ର କାଗଜ କଥା କିଛି ବୁଝି ପାରିଲା ନାହିଁ। କେବଳ ମ୍ୟାନେଜରର ଗୋଟିଏ କଥା ତା ମୁଣ୍ଡରେ ଖେଳିଲା ଭଉଣୀ ମରିଛି ବୋଲି ପ୍ରମାଣ କଣ ଦବ ?? ତା ମୁଣ୍ଡରେ ପଶିଲା ଭଉଣୀ ଯୋଉଠି ପୋତା ହୋଇଛି , ସେଇଠିକୁ ଗଲା ଆଉ ସେଠି ଗାତ ଖୋଳି ବାହାର କଲା ଭଉଣୀର କଙ୍କାଳ। କଙ୍କାଳକୁ କାନ୍ଧରେ ପକାଇ ସିଧା ଚାଲିଲା ବ୍ୟାଙ୍କକୁ .......।

ବ୍ୟାଙ୍କରେ ପହଞ୍ଚି ମ୍ୟାନେଜରଙ୍କ ଆଗରେ ଭଉଣୀର କଙ୍କାଳକୁ ଥୋଇ ଦେଇ କହିଲା ଦେଖନ୍ତୁ ବାବୁ ଏ ମୋ ଭଉଣୀ ମରିଛି ପ୍ରମାଣ ଦେଖନ୍ତୁ। ମ୍ୟାନେଜର ରବି ବାବୁଙ୍କ ମୁଣ୍ଡ ଗୋଲମାଲ ହୋଇଗଲା।ଏ କଥା ସାରା ଦୁନିଆ ଜାଣିଲା ରବି ବାବୁଙ୍କ ଲୋଭରୁ ଅପମାନରେ ମୁଣ୍ଡ ତଳକୁ ହେଇଗଲା। ସରକାରଙ୍କ ହସ୍ତକ୍ଷେପରେ ସେଇ ମୂର୍ଖ ଲୋକକୁ ତାର ପ୍ରାପ୍ୟ ଟଙ୍କା ମିଳିଲା।କିନ୍ତୁ ରବି ବାବୁଙ୍କୁ ଚାକିରିରୁ ବହିଷ୍କାର କରାଗଲା। ଅତି ଲୋଭରୁ ପାପ ଆଉ ପାପରୁ ଚାକିରି ଚାଲିଗଲା।

ଭୁବନେଶ୍ୱର, ମୋବାଇଲ୍: ୯୩୩୮ ୨୯୪୬୫୭

# ଭାବନା

ସତ୍ୟନାରାୟଣ ପ୍ରଧାନ



ଅଭାବ ପରିବାରକୁ ପୋଷିବା ଲାଗି ସ୍ୱାମୀର ରୋଜଗାରରେ ସହଯୋଗର ହାତ ବଢ଼ାଇବା ଲାଗି ସ୍ତ୍ରୀ ଲୋକଟି ମନରେ ଚିନ୍ତା କରିଥିଲା। ନିଜ ଘର କାମ ସାରିବା ସହିତ ପାଖ କମ୍ପାନୀରେ ବେଶି ନ ହେଲେ ଦିନର ପାଳି ଅନୁସାରେ ଡ୍ୟୁଟି କରି ପୁଣି ଫେରି ଆସୁଥିଲା। ସେ ମାସରେ ଯାହା କିଛି ଦରମା ପାଏ ସ୍ୱାମୀଙ୍କ ହାତରେ ହସି ଧରାଇ ଦେବାରେ କେବେ କୁଣ୍ଠାବୋଧ ପ୍ରକାଶ କରେନାହିଁ। ସଂସାର କହିଲେ ସ୍ୱାମୀ ସ୍ତ୍ରୀ ଆଉ ଆଗକୁ କି ପଛକୁ ନ ଥିବା ଗୋଟେ ବୋଲି ପୁଅ ଯାହାକୁ ସ୍ନେହରେ ନାଁ ଦେଇଥିଲେ କାଳିଆ। ଦିନେ ଅଚାନକ ଦେହ ପୁଅର ଖରାପ ହେବାରୁ ଡାକ୍ତରଖାନାରେ ଦେଖାଇବା ପରେ ଯାହା ହେଲେ ବି ଘରେ ରହି ତାର ଯତ୍ନ ନେବା ସହ ସମୟ ଅନୁସାରେ ଔଷଧ ଖାଇବାକୁ ପଡିବ ଡାକ୍ତର ବାବୁ କହିଥିଲେ। ନିୟମିତ ଭାବେ ଚାକିରୀ କରି ନ ଥିବାରୁ ପୁଅର ଦେହ ଖରାପ ଯୋଗୁଁ ସେ ଦୁଇ ଦିନ ଦେଖା କରି ବିନା କାମରେ ଘରକୁ ଫେରି ଆସୁଥିଲା। ପୁଅର ଦେହ ଭଲ ଭାବରେ ସୁସ୍ଥ ହୋଇ ନ ଥିବାରୁ ମାଆକୁ ତାର ମୋଟେ ପାଖରୁ ଛାଡିବାକୁ ନାରାଜ ହୋଇଥିଲା। ମାଆ ତାକୁ ଯେତେ ବୁଝାଇଲେ ବି ସେ ମୋଟେ ଛାଡୁ ନ ଥିଲା। ତା ପରଦିନ ଦେହ ତାର ଟିକେ ସୁସ୍ଥ ହେବାରୁ ମାଆ ତାର କମ୍ପାନୀକୁ ଯାଇ ସତ କଥା ଜଣାଇବା ପାଇଁ ପହଞ୍ଚିଗଲା।

କମ୍ପାନୀ ମାଲିକ ଗାଳି ଗୁଲଜ କରିବା ସହିତ ମିଛ ବାହାନା କରି ରହି ଯାଉଛ ବଡ଼ ପାଟିରେ ସମସ୍ତଙ୍କ ଆଗରେ କହିଥିଲା। ମାଆଟିଏ ବୋଲି ପୁଅର ଯତ୍ନ ନେଇ ସତ କହିବାର ଫଳ ଏହା ବୋଲି ଭାବି ସିଧା ଘରକୁ ଚାଲିଗଲା। ସେତେବେଳକୁ ସ୍ୱାମୀ ତାର ଟ୍ରଲିରେ ଲୋକଙ୍କ ଜିନିଷ ପତ୍ର ନେବା ଆଣିବା ସାରି ସନ୍ଧ୍ୟାରେ ଘରେ ବିଶ୍ରାମ କରୁଥାଏ। ସେ ସ୍ତ୍ରୀର ମନ ଦୁଃଖ ହେବାର କାରଣ ଜାଣି ସେମାନେ ଗରିବ ହେଲେ ବି ଆତ୍ମ ସମ୍ମାନକୁ ନ ହରାଇ ସତ କଥା କହିବାର ପ୍ରମାଣ ସ୍ୱରୂପ ରୋଗୀଣା ପୁଅକୁ ଟ୍ରଲିରେ ବସାଇ କମ୍ପାନୀ ମାଲିକ ପାଖରେ ହାଜର ହୋଇ ଯାଇଥିଲେ। କମ୍ପାନୀ ମାଲିକ ସବୁ ନିଜ ଆଖିରେ ଦେଖି ତାଙ୍କ ମନରେ ଉଠିଥିବା ଭାବନାରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡିଥିଲା।।

ଅଣ୍ଡିଆ, ଯାଜପୁର, ମୋବାଇଲ୍:୯୧୭୮୩୧୩୬୪୪

ସମୟର ଛାୟାଚିତ୍ର

# ଦୃଷ୍ଟିକୋଣର ପରିଧି ଓ ସ୍ପର୍ଶର ମହୌଷଧୀ



ଡକ୍ଟର ଲକ୍ଷ୍ମଣ ସାହୁ



ସାଂପ୍ରତିକ ସମୟରେ ଜୀବନର ଗତି ଦ୍ରୁତ ହୋଇଛି। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ବୃଦ୍ଧି ପାଇବାରେ ଲାଗିଛି । ଏପରି ପରିସ୍ଥିତିରେ ଦୃଷ୍ଟିକୋଣର ଗୁରୁତ୍ୱ ଅଧିକ ବୃଦ୍ଧି ପାଇଛି। ଆଧୁନିକ ଜୀବନରେ ଚାପ, ଅସନ୍ତୋଷ ଓ ଅବସାଦ ଭଳି ସମସ୍ୟା ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଉଛି। ସେସବୁ ସମସ୍ୟାଗୁଡ଼ିକର ମୁଖ୍ୟ କାରଣ ହେଉଛି ଆମେ ଜୀବନର ଘଟଣାଗୁଡ଼ିକ ପ୍ରତି ଏକ ସନ୍ତୁଳିତ ଓ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିପାରୁନେ। ବାସ୍ତବ ଜୀବନରେ ଆମ ଦୃଷ୍ଟିକୋଣ ଦ୍ୱାରା ଆମେ ସମ୍ମୁଖୀନ ହେଉଥିବା ଅଧିକାଂଶ ସମସ୍ୟା ବଡ଼ କି ଜଟିଳ ନୁହେଁ। ଯଦି ଆମେ ଆତ୍ମ-ଉନ୍ନତି ମାଧ୍ୟମରେ ସେଗୁଡ଼ିକୁ ଦୂର କରିପାରିବା, ତେବେ ଆମେ ସବୁ ପ୍ରକାର ସମସ୍ୟାର ସମାଧାନ କରିପାରିବା।

ଆମେ ଏହି ପ୍ରତିବାଦ ଗୁଡ଼ିକୁ ଆତ୍ମ-ବିକାଶର ସୁଯୋଗ ଭାବରେ ଗ୍ରହଣ କରିପାରିବା। ଆମର ବ୍ୟକ୍ତିତ୍ୱକୁ ପରିଷ୍କାର କରିବାର ଏହି ସମାନ ଚ୍ୟାଲେଞ୍ଜଗୁଡ଼ିକ ଏକ ମାଧ୍ୟମ ହୋଇପାରିବେ। ଦୃଷ୍ଟିକୋଣ କେବଳ ଆଶାବାଦ ବିଷୟରେ ନୁହେଁ , ବରଂ ବିଚକ୍ଷଣତା ଓ ସନ୍ତୁଳନ ମଧ୍ୟ ଏହାକୁ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଏକ ସକାରାତ୍ମକ ଦୃଷ୍ଟିକୋଣର ଅର୍ଥ ନୁହେଁ ଯେ ଆମେ ବାସ୍ତବତା ପ୍ରତି ଆଖି ବୁଜି ଦେବା। ଏହାର ଅର୍ଥ ହେଉଛି ଆମେ ଜ୍ଞାନ ଓ ଧୈର୍ଯ୍ୟ ସହିତ ପରିସ୍ଥିତିକୁ ବୁଝି ଗ୍ରହଣ କରିବା। ତାର ଉନ୍ନତି କିମ୍ବା ପ୍ରତିକ୍ରିୟା ପାଇଁ ଗୁରୁତ୍ୱ ଦେଇ ଅନୁସନ୍ଧାନ କରିବା। ଆଜି ଏକ ସମାଲୋଚନାମୂଳକ ଓ ବିଚକ୍ଷଣ ଦୃଷ୍ଟିକୋଣ ବିକଶିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, ଯାହା ଦ୍ୱାରା ଆମେ ସତ୍ୟ ଓ ଭ୍ରମ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ ଭାବରେ ବାଛବିଚାର କରିପାରିବା। କୌଣସି ଧାରଣାକୁ ଅନ୍ଧ ଭାବରେ ଗ୍ରହଣ କରିବା ଆମର ଦୃଷ୍ଟିକୋଣକୁ ସଂକୀର୍ଣ୍ଣ ଓ ବିକୃତ କରିପାରେ।

ଯଦି ଆମର ଦୃଷ୍ଟିକୋଣ ଖୋଲା ଓ ସହାନୁଭୂତିଶୀଳ ହୁଏ, ତେବେ ଆମେ ଅନ୍ୟମାନଙ୍କ ଭାବନା ଓ ପରିସ୍ଥିତିକୁ ସହଜରେ ବୁଝିପାରିବା। ବିପରୀତରେ ଯଦି ଦୃଷ୍ଟିକୋଣ ଅହଂକାରକ ଓ ସଂକୀର୍ଣ୍ଣ ହୁଏ, ତେବେ ଏହା ଆମ ପାଇଁ ଅଧିକ ଦୂରତା ଓ ଉତ୍ତେଜନା ସୃଷ୍ଟି କରିପାରେ। ଏଭଳି ଏକ ବିବିଧ ସମାଜରେ ଯଦି ଲୋକମାନେ ପରସ୍ପର ପ୍ରତି ସମ୍ମାନ ଓ ବୁଝାମଣାର ମନୋଭାବ ବଜାୟ ରଖନ୍ତି, ତେବେ ଉପଯୁକ୍ତ ଆଲୋଚନା ମାଧ୍ୟମରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟକୁ ମଧ୍ୟ ସମାଧାନ କରାଯାଇପାରିବ। ତଥାପି ଯଦି ଦୃଷ୍ଟିକୋଣ ଧର୍ମାନ୍ଧତା ଓ ଅସହିଷ୍ଣୁତାରେ ପରିପୂର୍ଣ୍ଣ, ତେବେ ସେହି ପାର୍ଥକ୍ୟଗୁଡ଼ିକ ଛୋଟ ବଡ଼ ସଂଘର୍ଷରେ ପରିଣତ ହୋଇପାରେ।

ଏହା ମଧ୍ୟ ସତ୍ୟ ଯେ ପଦ୍ଧତି ଏହା ଜନ୍ମଗତ ନୁହେଁ, କିନ୍ତୁ ଏହା ଧୀରେ ଧୀରେ ବିକଶିତ ହୁଏ। ଆତ୍ମ ପ୍ରତିଫଳନ, ଅଧ୍ୟୟନ, ସଂଳାପ ଓ ଅଭିଜ୍ଞତା ମାଧ୍ୟମରେ । ବ୍ୟକ୍ତି ତାଙ୍କ ଦୃଷ୍ଟିକୋଣକୁ ଅଧିକ ପରିବର୍ତ୍ତନ କରିପାରିବେ , ଏପରି ମଧ୍ୟ ପରିପକ୍ୱ ଓ ବିସ୍ତାର କରିପାରିବେ। ବେଳେ ବେଳେ ଆମେ ଆମର ଚିନ୍ତାଧାରାର ସୀମାକୁ ଆଗକୁ ବଢ଼ାଇଥାଉ ଅନ୍ୟମାନଙ୍କ ଅଭିଜ୍ଞତାକୁ ଚିହ୍ନିବା ଓ ସେଥିରୁ ଶିଖିବାର ଆବଶ୍ୟକତା ରହିଛି। ଯେତେବେଳେ ଆମେ ଚେଷ୍ଟା କରିବା ଆମର ଆଭିମୁଖ୍ୟ ସ୍ୱାଭାବିକ ଭାବରେ ବିସ୍ତାର ହୋଇଯାଏ। କେବଳ ସମସ୍ୟା ପ୍ରତି ଗୁରୁତ୍ୱପୂର୍ଣ୍ଣ ଦୂରଦୃଷ୍ଟି ନରଖିବା ଦ୍ୱାରା ସମାଧାନ ମିଳେ ନାହିଁ। ଏଥିପାଇଁ ସୃଜନଶୀଳ ଓ ସମାଧାନ-ଏକ କେନ୍ଦ୍ରିତ ପଦ୍ଧତି ବିକଶିତ କରିବାକୁ ପଡିବ।

ପ୍ରକୃତରେ ଦୃଷ୍ଟିକୋଣ ହେଉଛି ମାନବ ଜୀବନର ମୂଳଦୁଆ, ଯାହା ଜଣଙ୍କର ଚିନ୍ତାଧାରା, ଆଚରଣ ଓ ସଫଳତାକୁ ଆକାର ଦେଇଥାଏ। ପରିସ୍ଥିତି ସର୍ବଦା ଆମ ନିୟନ୍ତ୍ରଣରେ ନଥାଏ। କିନ୍ତୁ ସେମାନଙ୍କ ପ୍ରତି ଆମର ମନୋଭାବ ରଖିବା ଆବଶ୍ୟକ। ଯଦି ଆମେ ଏକ ସକାରାତ୍ମକ, ବିସ୍ତୃତ ଓ ସନ୍ତୁଳିତ ଦୃଷ୍ଟିକୋଣ ବିକଶିତ କରୁ, ତେବେ ଜୀବନର କଷ୍ଟକର ପଥଗୁଡ଼ିକ ମଧ୍ୟ ତୁଳନାତ୍ମକ ଭାବରେ ସହଜ ହୋଇଯାଏ। ତେଣୁ ନିଜ ଭିତରେ ଦେଖିବା ଓ ଆମର ଦୃଷ୍ଟିକୋଣକୁ ବୁଝିବା ଅତ୍ୟନ୍ତ ଜରୁରୀ ଅଟେ। ଯଦି ଏଥିରେ ସଂକୀର୍ଣ୍ଣ ମନୋଭାବ, ନିରାଶାବାଦ କିମ୍ବା ପକ୍ଷପାତର ଉପାଦାନ ଥାଏ, ତେବେ ଆମକୁ ସେଗୁଡ଼ିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବାକୁ ପଡିବ। ଦୃଷ୍ଟିକୋଣରେ ପରିବର୍ତ୍ତନ ହେଉଛି ସେହି ଚାବି ଯାହା ଜଣେ ବ୍ୟକ୍ତିକୁ ସୀମାବଦ୍ଧତାରୁ ମୁକ୍ତ କରେ ଓ ନୂତନ ସମ୍ଭାବନାର ଦ୍ୱାର ଖୋଲିଦେଇଥାଏ। ପରିସ୍ଥିତି ନୁହେଁ, ବରଂ ପ୍ରକୃତରେ ଦୃଷ୍ଟିକୋଣ ଜୀବନକୁ ଆକାର ଦିଏ ଓ ବିସ୍ତାରିତ କରେ।



ଜୀବନ ନିରନ୍ତର ଗତିଶୀଳ। ଏହି ଗତି ସମୟର ଛାୟା ଚିତ୍ରରେ ଯାତ୍ରାର ବିଭିନ୍ନ ରୂପ ଗ୍ରହଣ କରେ। ଜୀବନ ପ୍ରତି ଆମର ଦୃଷ୍ଟିକୋଣ ଆମର ଆଭ୍ୟନ୍ତରୀଣ ସ୍ୱଭାବ ଓ ଜୀବନର ପ୍ରତିଫଳନକୁ ନିର୍ଣ୍ଣୟ କରେ। ଜଗତର ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନ ଯାତ୍ରାରେ ପ୍ରାୟ ସମାନ ପରିସ୍ଥିତିର ସମ୍ମୁଖୀନ ହୁଏ। ଏହି ପରିସ୍ଥିତିଗୁଡ଼ିକ ମଧ୍ୟରେ ସଫଳତା, ବିଫଳତା, ସୁଖ, ଦୁଃଖ, ବିପର୍ଯ୍ୟୟ, ସଂଘର୍ଷ ଓ ସୁଯୋଗ ଅନ୍ତର୍ଭୁକ୍ତ ରହିଛି। ତଥାପି ସେହି ପରିସ୍ଥିତିଗୁଡ଼ିକ ପ୍ରତି ପ୍ରତ୍ୟେକ ବ୍ୟକ୍ତିର ପ୍ରତିକ୍ରିୟା ଭିନ୍ନ ଭିନ୍ନ ହୋଇଥାଏ। ପ୍ରକୃତରେ ସେମାନଙ୍କ ଦୃଷ୍ଟିକୋଣର ପାର୍ଥକ୍ୟରୁ ଉତ୍ପନ୍ନ ହୋଇଥାଏ। ଦୃଷ୍ଟିକୋଣ ହେଉଛି ମାନସିକ ଦର୍ପଣ । ଯାହା ମାଧ୍ୟମରେ ଆମେ ବିଶ୍ୱକୁ ଦେଖୁ ଓ ବୁଝିପାରୁ। ତେଣୁ ଏକଥା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ମାନବ ଜୀବନ ପ୍ରକୃତିର ପରିସ୍ଥିତି ଅପେକ୍ଷା ତା'ର ନିଜସ୍ୱ ଦୃଷ୍ଟିକୋଣ ଦ୍ୱାରା ଅଧିକ ପ୍ରଭାବିତ ହୁଏ।

ଦୃଷ୍ଟିକୋଣ କେବଳ ଧାରଣାର ଏକ ସଂଗ୍ରହ ନୁହେଁ, ବରଂ ଆମର ଅଭିଜ୍ଞତା, ମୂଲ୍ୟବୋଧ, ଶିକ୍ଷା ଓ ଜୀବନ ପ୍ରତି ଏକୀକୃତ ଫଳାଫଳ। ଏହା ହେଉଛି ସେହି ମୂଳଦୁଆ, ଯାହା ଉପରେ ଆମେ ଆମର ନିଷ୍ପତ୍ତି, କାର୍ଯ୍ୟ ଓ ଭବିଷ୍ୟତ ନିର୍ମାଣ କରୁ। ଏକ ସକାରାତ୍ମକ ଦୃଷ୍ଟିକୋଣ ଥିବା ବ୍ୟକ୍ତି ବିସ୍ତୃତ ଓ ଖୋଲା କଷ୍ଟକର ଓ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅନୁକୂଳ ସୁଯୋଗ ପାଇଥାଏ। ବିପରୀତରେ ନିରାଶାବାଦୀ ଦୃଷ୍ଟିକୋଣ ଥିବା ବ୍ୟକ୍ତି ଅନୁକୂଳ ପରିସ୍ଥିତିରେ ଥାଇ ମଧ୍ୟ ସଂକୀର୍ଣ୍ଣ, ନକାରାତ୍ମକ , ଅସନ୍ତୋଷ ଓ ବିଫଳତା ଆଡ଼କୁ ଯାଇଥାଏ।

ଏଠାରେ ଏକ ସରଳ ଉଦାହରଣ ଦେଲେ ସହଜରେ ଜୀବନ ମନୋଭାବର ଗୁରୁତ୍ୱକୁ ବୁଝିହେବ। ପାଣିରେ ଅଧା ପୂର୍ଣ୍ଣ ପାତ୍ରକୁ ଦୁଇଟି ଉପାୟରେ ଦେଖାଯାଇପାରେ। ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣରୁ ଅଧା ପୂର୍ଣ୍ଣ ଓ ଅନ୍ୟଟି ନକାରାତ୍ମକ ଦୃଷ୍ଟିକୋଣରୁ ଅଧା ଖାଲି। ଜୀବନର ପ୍ରତ୍ୟେକ କ୍ଷେତ୍ର ଓ ଦିଗରେ ଏହି ପାର୍ଥକ୍ୟ ସ୍ପଷ୍ଟ ହୋଇଛି। ଜଣେ ବ୍ୟକ୍ତିଙ୍କ ଉପଯୁକ୍ତ ମନୋଭାବ ହେଉଛି ସଫଳତା କିମ୍ବା ବିଫଳତାର ପ୍ରାଥମିକ ନିର୍ଣ୍ଣାୟକ। ଯେଉଁ ବ୍ୟକ୍ତି ନିଜ ଲକ୍ଷ୍ୟ ପ୍ରତି ଏକ ଆଶାବାଦୀ ଓ ଦୃଢ଼ ଆଭିମୁଖ୍ୟ ବଜାୟ ରଖନ୍ତି , ସେ ଯେତେ ଅସୁବିଧା ପଡ଼ିଲେ ମଧ୍ୟ ଟିକେ ବି ବିରକ୍ତ ହୁଅନ୍ତି ନାହିଁ। ବରଂ ଆଗ୍ରହ ସହକାରେ ସେଗୁଡ଼ିକୁ ଶିଖିବା ଓ ନିଜକୁ ଉନ୍ନତ କରିବାର ଏକ ସୁଯୋଗ ଭାବରେ ଦେଖନ୍ତି , ସେହି ବ୍ୟକ୍ତି ଆଗକୁ ବଢ଼ିବା ସହିତ ଶେଷରେ ସଫଳତା ପାଇଥାନ୍ତି।

ଏହି ଦୃଷ୍ଟିକୋଣରେ ସ୍ପର୍ଶ ଭାବନା ଲୁଚି ରହିଛି। କହିବା ବାହୁଲ୍ୟ ଏକ ଗଭୀର ଶାରୀରିକ ଓ ଭାବପ୍ରବଣ ଅନୁଭୂତି ହେଉଛି ସ୍ପର୍ଶ। ସ୍ପର୍ଶ ମଣିଷକୁ ଜୀବିତ, ସଂଯୁକ୍ତ ଓ ସମ୍ପୃକ୍ତ ହେବାର ଅନୁଭବ ଦିଏ। ଏହା କେବଳ ଏକ ଶାରୀରିକ ଅନୁଭବ ନୁହେଁ, ବରଂ ପ୍ରେମ, ସାନ୍ତ୍ୱନା ଓ ଅନ୍ତରଙ୍ଗତାର ଏକ ଭାବନା ମଧ୍ୟ। ଯାହା କେହି ଦୂରରେ ଥିବାବେଳେ ମଧ୍ୟ ସ୍ମୃତିରେ ଅନୁଭବ କରାଯାଇପାରେ। ଏହା ମଧ୍ୟ ଏକ ଆଧ୍ୟାତ୍ମିକ ଅନୁଭୂତି ହୋଇପାରେ। ସ୍ପର୍ଶକୁ କେବେ ଶବ୍ଦର ଆବଶ୍ୟକତା ନାହିଁ । ବରଂ ଏହା ନିଜେ ଏକ ସମ୍ପୂର୍ଣ୍ଣ ସତ୍ତା। ବର୍ତ୍ତମାନ ପିଲାମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାରର ସ୍ପର୍ଶର ପ୍ରତିକ୍ରିୟା କିପରି ଦେବାକୁ ହୁଏ ତାହା ଶିଖାଯାଏ। ସେମାନେ ମଧ୍ୟ 'ଭଲ ସ୍ପର୍ଶ' ଓ 'ଖରାପ ସ୍ପର୍ଶ' ମଧ୍ୟରେ ପାର୍ଥକ୍ୟ ବୁଝିବା ଆରମ୍ଭ କରିଛନ୍ତି। ଏହା ବ୍ୟତୀତ, ଅନେକ ସ୍ପର୍ଶ ଅଛି ଯାହା ନିଜର ଦୃଷ୍ଟିକୋଣ ନେଇ ପ୍ରକାଶ କରାଯାଇପାରିବ ନାହିଁ। ସମ୍ପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିବା ପାଇଁ କେବଳ ଗୋଟିଏ ସ୍ପର୍ଶ ଯଥେଷ୍ଟ। ଯାହା ଶରୀରରେ ଶୀହରଣ ଓ ଭାବନା କି ଭିନ୍ନ ଭିନ୍ନ ଉତ୍ତେଜନା ସୃଷ୍ଟି କରିପାରେ.

କେବଳ ଏକ ସ୍ପର୍ଶ ଶରୀରରେ ଶକ୍ତି ସଞ୍ଚାର କରେ। ଏହା ସ୍ୱକୀୟ ଦୃଷ୍ଟିକୋଣରୁ ହେଉ ଅବା ଭାବନାର ଗଭୀରତାରୁ ଅଭିଜ୍ଞତାରୁ ମୁକ୍ତା ବାହାର କରେ। ଏହା ହୃଦୟରୁ ହୃଦୟକୁ କଥା ହୁଏ। ଏହି ସ୍ପର୍ଶ ବୁଝିବା କଷ୍ଟକର, କିନ୍ତୁ ଏତେ ଏହା ଜଟିଳ ନୁହେଁ ଯେ ଏହାକୁ ବୁଝିହେବ ନାହିଁ। ଆମେ ମନେ ରଖିଛେ ଯେ କିପରି ବିଫଳତା ପରେ ଆମର ବାପା ଆମ ମୁଣ୍ଡରେ ହାତ ରଖି କହିଥିଲେ, "ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ। ବେଳେ ବେଳେ ଜୀବନରେ ଏପରି ପରିସ୍ଥିତି ଘଟେ। ଏହାର ଅର୍ଥ ନୁହେଁ ଯେ ଆମେ ହାର ମାନିବା ଉଚିତ୍। ବାଟୋଇ ପରି ଏହାକୁ ଏକ ବିରାମ ବୋଲି ଭାବି, କିଛି ବିଶ୍ରାମ ପରେ, ପୁଣି ବାହାରି ପଡ଼ିବା।" ହୁଏତ ଆଜି ଆମେ ଆମ ବାପାଙ୍କ କଥା ମନେ ରଖି ନ ଥାଉ, କିନ୍ତୁ ତାଙ୍କ ମଧୁର ସ୍ପର୍ଶ ଏବେ ବି ମନେ ପଡ଼େ।

ଆଜି,ସେହି ପରିସ୍ଥିତି ଠାରୁ ଆମେ ଦଶ ପାଦ ଆଗରେ ଅଛେ , କିନ୍ତୁ ତାଙ୍କର ସେହି ଅମୃତବୋଳା ସ୍ପର୍ଶ ଆମକୁ ସର୍ବଦା ମନେ ପକାଇ ଦେଉଛି ଯେ ଆମେ ମଧ୍ୟ ଥରେ ଅସହାୟ ଥିଲେ। ସେହି ସ୍ପର୍ଶ ଆମକୁ ବଞ୍ଚାଇ ରଖିଥିଲା। ଆମ ଜୀବନରେ ଏପରି ଅନେକ ମୁହୂର୍ତ୍ତ ଆସିଥିବ। ଆମେ ହୁଏତ ସେ ସମୟରେ ଆମର ପିତାମାତା, ଭାଇଭଉଣୀ, ବନ୍ଧୁମାନଙ୍କ ସ୍ପର୍ଶ ପ୍ରତି ଧ୍ୟାନ ଦେଇ ନ ଥିଲେ। କିନ୍ତୁ ଆଜି ସେହି ସମସ୍ତ ସ୍ପର୍ଶ ଆମ ସ୍ମୃତିରେ ଅମର ଅଛି। ଅନେକ ସମୟରେ, ସ୍ପର୍ଶ ଦ୍ୱାରା ସ୍ପର୍ଶର ଉତ୍ତର ମିଳେ। ଆମେ ମଧ୍ୟ ଆମର ପ୍ରିୟଜନମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ସେମାନଙ୍କ ମୁଣ୍ଡରେ ହାତ ରଖିଥିଲେ। ଆମେ ନିଶ୍ଚିତ ଭାବରେ ସେମାନଙ୍କ କାନ୍ଧକୁ ଚାପୁଡ଼ା ମାରିଥିଲେ। ଅନ୍ୟ ବ୍ୟକ୍ତି ନିଶ୍ଚିତ ଭାବରେ ଆମକୁ ଉର୍ଜିତ ହୋଇ ବିଦାୟ ଦେଇଥିଲେ। ସ୍ପର୍ଶ ଭାବନାକୁ ସଂଚାରିତ କରେ।

ଏକ କୋମଳ ଏପରିକି ଏକ ଛୋଟ ସ୍ପର୍ଶ ଆତ୍ମାର ଅନ୍ତର୍ନିହିତ ସ୍ପର୍ଶକୁ ଆନ୍ଦୋଳିତ କରେ। ଆନନ୍ଦର ଭାବନାକୁ ଜାଗ୍ରତ କରେ। ସ୍ପର୍ଶ ଆମର କୋମଳ ଭାବନାକୁ ପ୍ରକାଶ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଯାଏ , ଯାହା ଶବ୍ଦ ବିନା ବହୁତ କିଛି ପ୍ରକାଶ କରିଥାଏ।

ଏହା କେବଳ ଶରୀର ପର୍ଯ୍ୟନ୍ତ ସୀମିତ ନୁହେଁ। ଯଦି ଗଭୀର ଭାବରେ ଅନୁଭବ କରାଯାଏ, ତେବେ ଏକ ସ୍ପର୍ଶ ଆତ୍ମାକୁ ପ୍ରବେଶ କରେ। ଯେତେବେଳେ ଜଣେ ସୈନିକ ଯୁଦ୍ଧକ୍ଷେତ୍ରକୁ ଯିବାକୁ ଯାଉଥାଏ, ତାଙ୍କ ମାଆ କିମ୍ବା ବାପା ପୁଅ କାନ୍ଧରେ ହାତ ରଖି କୁହନ୍ତି, "ଦେଶରେ ଆଜି ତୁମର ଆବଶ୍ୟକତା ଅଛି। ଯାଅ ଓ ବିଶ୍ୱକୁ ଦେଖାଇଦିଅ ଯେ ଆମର ମଧ୍ୟ ଶକ୍ତି ଅଛି," । ଏହା ତାଙ୍କର ସମର୍ଥନ ହୋଇଯାଏ, ଓ ସେ ପୂର୍ଣ୍ଣ ଶକ୍ତିରେ ଶତ୍ରୁକୁ ପରାସ୍ତ କରନ୍ତି। ବାସ୍ତବରେ ସମ୍ପର୍କକୁ ଗଭୀର କରିବାରେ ଏହି ସ୍ପର୍ଶ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ବର୍ଷ ବର୍ଷ ଧରି ଅବିଚ୍ଛେଦ୍ୟ ଥିବା ଭାଇମାନେ ଯେତେବେଳେ ପରସ୍ପରକୁ ଭେଟିବେ, ସେତେବେଳେ ଗୋଟିଏ ସ୍ପର୍ଶ ସେମାନଙ୍କର ପକ୍ଷପାତର କାନ୍ଥକୁ ମୁହୂର୍ତ୍ତକରେ ଭାଙ୍ଗି ପକାଇଥାଏ। ସେମାନଙ୍କ ହୃଦୟରେ ଥିବା କ୍ରୋଧ ଲୁହ ଆକାରରେ ବାହାରକୁ ଆସିଥାଏ। ସେମାନଙ୍କ ହୃଦୟରୁ ପ୍ରେମର ଝରଣା ପ୍ରବାହିତ ହୁଏ। ଉଭୟ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ପ୍ରେମର ଏହି ଝରଣା ସବୁବେଳେ କେଉଁଠାରେ ଲୁଚି ରହିଥିଲା ! ସତରେ ସ୍ପର୍ଶ ହେଉଛି ଏକ ଭାବନା ଯାହାର କୌଣସି ଶବ୍ଦର ଆବଶ୍ୟକତା ନାହିଁ। ଏହା ହେଉଛି ସ୍ପର୍ଶ ଯାହା ଗୋଟିଏ ମୁହୂର୍ତ୍ତରେ ପକ୍ଷପାତର କାନ୍ଥକୁ ଭାଙ୍ଗିରୁଜି ଦିଏ। ପୁଣି ଏହା ସଂଘର୍ଷ ସହ୍ୟ କରିବାର ଅକଳନ ଶକ୍ତି ଦିଏ। ଏହା ସାହାଯ୍ୟରେ ଜଣେ ବ୍ୟକ୍ତି ଜୀବନସାରା ବଞ୍ଚିପାରେ। ସ୍ପର୍ଶ ଉତ୍ସାହଜନକ। ଏହା ଭାବନାର ସମୁଦ୍ରକୁ ଆଲୋଡ଼ିତ କରେ। ଏହା ଜଣଙ୍କୁ କନ୍ଦାଇଥାଏ, ହସାଇଥାଏ, ଓ କେତେକ ସମୟରେ ସେମାନଙ୍କୁ ଏପରି ଏକ ଦୁନିଆକୁ ନେଇଯାଏ ଯେଉଁଠାରେ କେହି ଅପରିଚିତ ନୁହଁନ୍ତି, ସମସ୍ତେ ନିଜର ନିଜର ଲାଗନ୍ତି ।

ଏହା ବ୍ୟତୀତ, ସ୍ପର୍ଶ ଜଣେ ବ୍ୟକ୍ତିକୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଶକ୍ତି ପ୍ରଦାନ କରେ। ଯେତେବେଳେ ଜଣେ ସୈନିକ ଯୁଦ୍ଧକ୍ଷେତ୍ରକୁ ଯାଆନ୍ତି, ସେତେବେଳେ ତାଙ୍କ ପରିବାରର ସଦସ୍ୟଙ୍କ ସ୍ନେହପୂର୍ଣ୍ଣ ସ୍ପର୍ଶ ପ୍ରେରଣାର ଉତ୍ସ ହୋଇଯାଏ। ଏହି ସମାନ ସ୍ପର୍ଶ ତାଙ୍କୁ ସାହସ ଓ ଆତ୍ମବିଶ୍ୱାସ ପ୍ରଦାନ କରେ, ଯାହା ତାଙ୍କୁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ କରିବାକୁ ସକ୍ଷମ କରିଥାଏ। ସ୍ପର୍ଶର ପ୍ରଭାବ ଏତେ ବ୍ୟାପକ ଯେ ଏହା ଜଣେ ବ୍ୟକ୍ତିଙ୍କ ସମଗ୍ର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ। ସ୍ପର୍ଶ ମାଧ୍ୟମରେ, ଜଣେ ବ୍ୟକ୍ତି ନିଜକୁ ଓ ଅନ୍ୟମାନଙ୍କ ଭିତରେ ଥିବା ଲୁକ୍କାୟିତ ଭାବନାକୁ ବୁଝିପାରେ।

ଏଣୁ କୁହାଯାଇପାରେ ସ୍ପର୍ଶ ଏକ ଭାବନା ଯାହା ଶବ୍ଦ ଓ ପ୍ରତୀକକୁ ଅତିକ୍ରମ କରେ। ଏହା ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ, ଭାବପ୍ରବଣ ଭାବରେ ସଂଯୋଗ କରେ ଓ ଜୀବନକୁ ପ୍ରକୃତରେ ଅର୍ଥପୂର୍ଣ୍ଣ କରିଥାଏ। ଆଜିର ବ୍ୟସ୍ତବହୁଳ ଓ ଯାନ୍ତ୍ରିକ ଦୁନିଆରେ, ଯେଉଁଠାରେ ଲୋକମାନେ ପରସ୍ପରଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି , ସେଠାରେ ସ୍ନେହପୂର୍ଣ୍ଣ ସ୍ପର୍ଶର ଆହୁରି ଅଧିକ ଆବଶ୍ୟକତା ରହିଛି।

ଅତଏବ ଆମକୁ ଆମ ଜୀବନରେ ଦୃଷ୍ଟିକୋଣ ନେଇ ସ୍ପର୍ଶର ଗୁରୁତ୍ୱ ବୁଝିବାକୁ ପଡିବ। ଏପରିକି ଆମର ସ୍ନେହପୂର୍ଣ୍ଣ ସ୍ପର୍ଶ ମାଧ୍ୟମରେ ଅନ୍ୟମାନଙ୍କୁ ଆନନ୍ଦ, ଉତ୍ସାହ, ସାହସ, କରୁଣା ଓ ନିଜର ଦୃଷ୍ଟି ଓ ଭାବନାରେ ପରିପୂର୍ଣ୍ଣ କରିବାକୁ ପଡିବ। ନିଜ ଦୃଷ୍ଟିକୋଣକୁ ସାକାର କରି ଥରେ ଭାବିଲେ ହୁଏତ ଏଇ ଛୋଟିଆ ସ୍ପର୍ଶ କାହା ଜୀବନରେ ଗଭୀର ପରିବର୍ତ୍ତନ ଆଣିପାରେ। ଏହି ସକାରାତ୍ମକ ଦୃଷ୍ଟିଭଙ୍ଗୀର ସ୍ପର୍ଶ ହେଉଛି ମାନବତାର ସବୁଠୁ ସୁନ୍ଦର ଓ ଶକ୍ତିଶାଳୀ ମହୋଷଧି ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୧୮ ମେ ୨୦୨୬, ଭୁବନେଶ୍ୱର
Monday 18 May 2026, Bhubaneswar

# ସୁବିଧା ନାଁରେ ଗ୍ରାହକ ପ୍ରତାରଣା

ଆଧୁନିକ ସମୟରେ ଅନଲାଇନ୍ କ୍ୟାବ୍ ସେବା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡ଼ିଛି। ଓଲା, ଉବର୍ ଭଳି ଆପ୍ ମାଧ୍ୟମରେ ଘରୁ ବାହାରି କେବଳ କିଛି କ୍ଲିକ୍ କରି ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଏକ ସହଜ ବ୍ୟାପାର ହୋଇଯାଇଛି। କିନ୍ତୁ ଏହି ସୁବିଧା ଆଡରେ ଲୁଚି ରହିଛି ଏକ ବିରାଟ ପ୍ରତାରଣାର ଜାଲ। ଗ୍ରାହକମାନେ ପ୍ରତିଦିନ ଅତିରିକ୍ତ ଟଙ୍କା ଦାବି, ଲୁକ୍କାୟିତ ଚାର୍ଜ ଏବଂ ବିଭିନ୍ନ ପ୍ରକାରର ଚାଲାକିର ଶିକାର ହେଉଛନ୍ତି। ଏହା କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଏକ ସାମାଜିକ ସମସ୍ୟା ହୋଇ ଉଠିଛି।

ଓଡ଼ିଶାର ବିଭିନ୍ନ ସହର ଯଥା ଭୁବନେଶ୍ୱର, କଟକ, ରାଉରକେଲା ଏବଂ ବ୍ରହ୍ମପୁରରେ ଏହି ଅଭିଯୋଗ ଦିନକୁ ଦିନ ବଢ଼ୁଛି। ବୁକିଂ କରିବା ସମୟରେ ଦେଖାଯାଉଥିବା ଭଡ଼ା ଏବଂ ପ୍ରକୃତ ଯାତ୍ରା ସମୟରେ ଦାବି କରାଯାଉଥିବା ଭଡ଼ା ମଧ୍ୟରେ ବହୁତ ଅନ୍ତର ଥାଏ। ଡ୍ରାଇଭରମାନେ ଅତିରିକ୍ତ ଟଙ୍କା ମାଗିବା, ସର୍ଜ ପ୍ରାଇସିଙ୍ଗ୍ ନାମରେ ଅଯଥା ବଢ଼ାଇ ଦେବା, ରାସ୍ତା ବଦଳାଇ ଦେବା ଏବଂ ଯାତ୍ରୀଙ୍କୁ ଭୟଭୀତ କରି ଟଙ୍କା ଆଦାୟ କରିବା ଘଟଣା ସାଧାରଣ ହୋଇଯାଇଛି। କେତେକ କ୍ଷେତ୍ରରେ କ୍ୟାବ୍ ବୁକ୍ କରିବା ପରେ ଡ୍ରାଇଭର ଆସି ନ ପହଞ୍ଚିଲେ ମଧ୍ୟ କ୍ୟାନ୍ସଲେସନ୍ ଚାର୍ଜ୍ କଟାଯାଏ। ଆଉ ଏକ ଚାଲାକି ହେଉଛି ପେଟ୍ରୋଲ୍ ଚାର୍ଜ୍ ବା ପାର୍କିଙ୍ଗ୍ ଫି ନାମରେ ଅତିରିକ୍ତ ଟଙ୍କା ମାଗିବା। ଏସବୁ ଘଟଣା ଗ୍ରାହକଙ୍କ ଆର୍ଥିକ କ୍ଷତି ସହ ମାନସିକ ଦୁଃଶ୍ଚିନ୍ତା ବଢ଼ାଉଛି।

ମହିଳା ଯାତ୍ରୀଙ୍କ ପାଇଁ ଏହା ଆହୁରି ବିପଜ୍ଜନକ। ରାତିରେ ଯାତ୍ରା କରୁଥିବା ମହିଳାମାନେ ଡ୍ରାଇଭରଙ୍କ ଅନୁଚିତ ଆଚରଣ ଏବଂ ଅତିରିକ୍ତ ଟଙ୍କା ଦାବିର ଶିକାର ହେଉଛନ୍ତି। କେତେକ ସ୍ଥାନରେ ଡ୍ରାଇଭର ଗନ୍ତବ୍ୟସ୍ଥଳ ପହଞ୍ଚିବା ପୂର୍ବରୁ କ୍ୟାବ୍ ବନ୍ଦ କରି ଦେଇ ଅତିରିକ୍ତ ଟଙ୍କା ମାଗନ୍ତି। ଯଦି ଯାତ୍ରୀ ଅସ୍ୱୀକାର କରନ୍ତି ତେବେ ଖରାପ ବ୍ୟବହାର କରାଯାଏ। ଏହି ପରିସ୍ଥିତି ଗ୍ରାହକଙ୍କ ମଧ୍ୟରେ ଅନଲାଇନ୍ କ୍ୟାବ୍ ପ୍ରତି ଅବିଶ୍ୱାସ ସୃଷ୍ଟି କରୁଛି। ଯେଉଁ ସେବା ସମୟ ଏବଂ ଟଙ୍କା ସଞ୍ଚୟ ପାଇଁ ଆସିଥିଲା, ସେହି ସେବା ଏବେ ଲୁଟେରା ହୋଇ ପଡ଼ିଛି। ଏହି ସମସ୍ୟାର ମୂଳ କାରଣ ହେଉଛି




କମ୍ପାନୀଗୁଡ଼ିକର ଅନିୟନ୍ତ୍ରିତ ନୀତି ଏବଂ ଡ୍ରାଇଭରଙ୍କ ପ୍ରତି ଯଥେଷ୍ଟ ନିୟନ୍ତ୍ରଣର ଅଭାବ। ସର୍ଜ ପ୍ରାଇସିଙ୍ଗ୍ ଏକ ଯୁକ୍ତିଯୁକ୍ତ ବ୍ୟବସ୍ଥା ହୋଇପାରେ, କିନ୍ତୁ ତାହାକୁ ଅଯଥା ବ୍ୟବହାର କରି ଲୁଟ୍ କରିବା ଅନ୍ୟାୟ। କମ୍ପାନୀଗୁଡ଼ିକ ଡ୍ରାଇଭରଙ୍କୁ କମ୍ କମିସନ୍ ଦେବା ଏବଂ ଗ୍ରାହକଙ୍କୁ ଅଧିକ ଚାର୍ଜ୍ କରିବା ମାଧ୍ୟମରେ ନିଜର ଲାଭ ବଢ଼ାଉଛନ୍ତି। ଏଥିରେ ଗ୍ରାହକ ଦୁଇ ପାଖରୁ ପୀଡ଼ିତ ହେଉଛନ୍ତି। ଓଡ଼ିଶା ଉପଭୋକ୍ତା ଅଧିକାର କମିଶନ୍ ଏବଂ ପରିବହନ ବିଭାଗ ଏହି ଦିଗରେ ଯଥେଷ୍ଟ କାର୍ଯ୍ୟ କରି ନାହାନ୍ତି। ଅନେକ ଅଭିଯୋଗ ଦାଖଲ ହେଉଥିଲେ ମଧ୍ୟ ତାହାର ନିଷ୍ପତ୍ତି ହେଉନାହିଁ।

ଏହି ପରିସ୍ଥିତିର ସମାଧାନ ପାଇଁ କିଛି କଠୋର ପଦକ୍ଷେପ ଆବଶ୍ୟକ। ପ୍ରଥମତଃ ସରକାର ଏକ ସ୍ପଷ୍ଟ ନିୟମାବଳୀ ପ୍ରସ୍ତୁତ କରିବା ଉଚିତ୍, ଯେଉଁଥିରେ ସର୍ଜ ପ୍ରାଇସିଙ୍ଗ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯିବ। ଦ୍ୱିତୀୟତଃ ପ୍ରତି ଟ୍ରିପର ରୁଟ୍ ଏବଂ ଭଡ଼ା ଆଗରୁ ସ୍ପଷ୍ଟ ଭାବେ ଦେଖାଯିବା ଉଚିତ ଏବଂ ଯାତ୍ରା ସମୟରେ କୌଣସି ପରିବର୍ତ୍ତନ ହେଲେ ଗ୍ରାହକଙ୍କ ସମ୍ମତି ନେବା ଆବଶ୍ୟକ। ତୃତୀୟତଃ ଡ୍ରାଇଭରଙ୍କ ପାଇଁ ବ୍ୟାକ୍‌ଗ୍ରାଉଣ୍ଡ୍ ଚେକିଙ୍ଗ ଏବଂ ପ୍ରଶିକ୍ଷଣ ବାଧ୍ୟତାମୂଳକ କରାଯାଉ। ଚତୁର୍ଥତଃ ଅଭିଯୋଗ ନିଷ୍ପତ୍ତି ପାଇଁ ଏକ ଦ୍ରୁତ ଟ୍ରିବ୍ୟୁନାଲ ଗଠନ କରାଯାଉ। କମ୍ପାନୀଗୁଡ଼ିକୁ ମଧ୍ୟ ଜରିମାନା ଏବଂ ଲାଇସେନ୍ସ ସସ୍ପେନ୍ସନ ଭଳି କଠୋର ଶିକ୍ଷା ଦେବା ଦରକାର।

ଗ୍ରାହକମାନେ ମଧ୍ୟ ସଚେତନ ହେବା ଆବଶ୍ୟକ। ବୁକିଂ କରିବା ପୂର୍ବରୁ ରିଭ୍ୟୁ ପଢ଼ିବା, ସ୍କ୍ରିନ୍ ସଟ୍ ନେବା ଏବଂ ଅସୁବିଧା ହେଲେ ତୁରନ୍ତ ଅଭିଯୋଗ କରିବା ଉଚିତ। କିନ୍ତୁ ଏହା କେବଳ ଗ୍ରାହକଙ୍କ ଦାୟିତ୍ୱ ନୁହେଁ। ସରକାର ଏବଂ କମ୍ପାନୀ ଉଭୟଙ୍କର ଦାୟିତ୍ୱ ଯେ ଏକ ବିଶ୍ୱାସଯୋଗ୍ୟ ସେବା ପ୍ରଦାନ କରିବା।

ଅନଲାଇନ୍ କ୍ୟାବ୍ ସେବା ଏକ ଆଧୁନିକ ସୁବିଧା, କିନ୍ତୁ ଏହାକୁ ଲୁଟେରା ବ୍ୟବସାୟରେ ପରିଣତ ହେବାକୁ ଦେବା ଉଚିତ୍ ନୁହେଁ। ଗ୍ରାହକଙ୍କ ଅଧିକାର ସୁରକ୍ଷିତ କରିବା ଏବଂ ସେବାକୁ ସ୍ୱଚ୍ଛ କରିବା ଜରୁରୀ। ଯଦି ଏହି ଦିଗରେ ତୁରନ୍ତ ପଦକ୍ଷେପ ନ ନିଆଯାଏ ତେବେ ଏହି ସେବା ଗ୍ରାହକଙ୍କ ପାଇଁ ଏକ ଭୟର ପ୍ରତୀକ ହୋଇ ରହିବ। ସୁବିଧା ଏବଂ ସୁରକ୍ଷା ଉଭୟ ମିଳିଲେ ହିଁ ଏହି ସେବା ପ୍ରକୃତ ଅର୍ଥରେ ସଫଳ ହୋଇପାରିବ।

# ଏକାଠି ଗୁନ୍ଥି ରଖନ୍ତୁ ପରିବାରକୁ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**



ଆଜିର ଖବରକାଗଜ ଉପରେ ଆଖି ପକାଇଲା ବେଳକୁ ଛାତି ଭିତରେ ଦଳକାଇ ଦେଲାଭଳି ଘଟଣାଟି ଅସହ୍ୟ କଷ୍ଟ ଦେଲା। ବାଲିପାଟଣା ଥାନା ଅଧୀନ ବସନ୍ତଡିହ ଗ୍ରାମର ଏକୋଇଶ ବର୍ଷ ବୟସର ପୁଅ ଶିବ ପ୍ରସାଦ ବାପାଙ୍କୁ ମଦ ପିଉଥିବାର ଦେଖି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଗଲା। ତାଙ୍କ ବାପା ରାଜକିଶୋର ସାହୁଙ୍କର ସେ ଗୋଟିଏ ପୁଅ ଏବଂ ତାଙ୍କର ବି ଜଣେ ଭଉଣୀ ଅଛନ୍ତି। ବାପାଙ୍କର ଦୀର୍ଘ ଦିନର ଜଳଖିଆ ଦୋକାନର ରୋଜଗାରରୁ ଘର ଚଳେ। କିନ୍ତୁ ମଦ ନିଶାରେ ରାଜୁ ସବୁକିଛି ଅଜାଡ଼ି ଦେଇ ଘରକୁ କିଛି ଯୋଗାନ୍ତି ନାହିଁ। ପରିବାରରେ ଅଭାବ ଅନଟନ କଳହ ଭିତରେ, ବାପାଙ୍କୁ କାମରେ ସାହାଯ୍ୟ କରି ନିକଟସ୍ଥ କଲେଜରେ ସ୍ନାତକ ପଢ଼ୁଥିବା ଶିବ ସବୁବେଳେ ମନସ୍ତାପରେ ରହୁଥିଲେ। ଆଜି ବାପାଙ୍କ ମଦ୍ୟପାନ ଦେଖି ନିଜ ମାନସିକ ଭାରସାମ୍ୟ ହାରାଇ ଦୋକାନ ଘର ଛେଣିରେ ରଷିଲଗାଇ ଝୁଲି ପଡ଼ିଲେ। ସମ୍ପର୍କୀୟ ଓ ଗ୍ରାମବାସୀ କେବଳ ନୁହଁନ୍ତି ଏହି ଘଟଣାଟି ଓଡ଼ିଶାର ଅଗଣିତ ବାପ-ମାଆଙ୍କ ପାଇଁ ଏକ ଆହ୍ୱାନ। ବିଶେଷକରି ନିଶାସେବନ, କଳହ, ଅଭାବ କିପରି ଏକ ପରିବାର ଉଜାଡ଼ି ଦିଏ? କିପରି ଏକ ମେଧାବୀ ପିଲାର ସ୍ୱପ୍ନ ସବୁ ସରିଯାଏ? କିପରି ଜଣେ ମାଆ ସହିପାରିବ, କିଏ ତା କୋଳ ଆଉ ଭରି ଦେଇପାରିବ? ଏହି ଲେଖାଟି ଲେଖିଲା ବେଳକୁ ମନେ ପଡୁଛି ମୁଁ ଯେତେବେଳେ ଫୁଲ ଗୁଚ୍ଛୋ ଭାବେ ଏହି ମାଳଟି କେବଳ ନାମକୁ ମାତ୍ର ଏକ ଫୁଲ ମାଳ ନୁହେଁ ଏହା ଭିତରେ ତ ସତରେ ରହିଛି ଅନେକ ଚେତନା, ଅନେକ ଭାବନା, ଅନେକ ସମ୍ଭାବନା, ଅନେକ ଜାଣିବାର ଜୀବନ ବିଦ୍ୟା, ଜୀବନ ସୂତ୍ର।

ଆମ ଜୀବନରେ ପ୍ରଥମେ ଆମ ସଂସାର, ଆମ ବନ୍ଧୁବର୍ଗ, ପଡ଼ା ପଡ଼ୋଶୀ ସମାଜ। ଏହି ସବୁକୁ ନେଇ ସୂତାଟି ଗୋଲ ହୋଇ ତିଆରି ହୋଇଛି ଯାହାର ସମର୍ପଣ ପ୍ରାପକ ହେଉଛନ୍ତି ଭଗବାନ। ଜୀବନରେ ନିଶ୍ଚିନ୍ତ ଭାବରେ ତାଳ ମେଳର ଅଭାବ ରହିବ, ଚାପ ରହିବ, ଜଣେ ଖୋଜିବ ଖୁସି, ଖୋଜିବ ନିଜ ଲୋକମାନେ ଯୋଡ଼ି ହୁଅନ୍ତୁ ତା ସହିତ, ତା ଭାବନା ସହିତ, ତା କୋହ ସହିତ କିନ୍ତୁ ଏ ସବୁ ଭିତରେ ଅଚାନକ ଝଡ଼ ପରି ଅନେକ ଆହ୍ୱାନ ଏହି ମାଳକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବା ପାଇଁ ଆସିଥାଏ। କିନ୍ତୁ ଏ ସ୍ଥାନରେ ଭଲ ପାଇବା, ଭାଇଚାରା, ମଣିଷ ପଣିଆ ବିଶ୍ୱ ଭ୍ରାତୃତ୍ୱ ଏହା ହିଁ ସବୁଠାରୁ ବଡ଼ ଜୀବନ ଚେତନା। ବଡ଼ ସମୟର ଆହ୍ୱାନ। ଜୀବନର ଅନ୍ୟ ଏକ ପାର୍ଶ୍ୱ ବି ଲେଖୁଛି। ଜଣେ ସନ୍ଧ୍ୟା ପୂର୍ବରୁ ଯଦି ଦୀପ ଲଗାଇ ଦିଏ ତେବେ ଘର ଅନ୍ଧାର ହୋଇନଥାଏ। ଏହା ପାଇଁ ନିର୍ଦ୍ଦିଷ୍ଟ ସମୟ ରହିଥାଏ। ତାହେଲେ କଣ କରିବା? କିପରି ଗୋଟିଏ ସୂତାରେ ଗୋଟିଏ ପରିବାରକୁ ବାନ୍ଧି ପାରିବା, ଏହି ପରିବାରର ଖୁସି, ଆନନ୍ଦ, ସମର୍ପଣ ହିଁ ଭଗବାନଙ୍କ ଚରଣ ପ୍ରାପ୍ତି। ଶିବ ପରି ଅନେକ ପିଲାଙ୍କ ଜୀବନ ଅକାଳରେ ଚାଲି ଯାଉଛି ନିଜ କର୍ମର ନୁହେଁ ବରଂ କେଉଁଠି ପିତାର କର୍ମରୁ କେଉଁଠି ମାତର କର୍ମରୁ ମଧ୍ୟ। କାହିଁକି ପିଲାମାନଙ୍କ ଭିତରେ ଭଲପାଇବା ବାନ୍ଧି ହୋଇପାରୁନି? କାହିଁକି ପିଲାଟି ନିଶାଗ୍ରସ୍ତ ଭାବରେ, ସନ୍ତ୍ରସ୍ତ ଭାବରେ ବାପା ହେଉ ବା ମାଆ, କାହିଁକି ଏ ଦୃଶ୍ୟ ସେ ଦେଖିବ? ସେ ସହିବ? ଜୀବନର ଗାଡ଼ି ଚଲାଇବା ଭିତରେ ନିଜ ସହିତ ପିଲାମାନଙ୍କୁ ମଧ୍ୟ ସଂସ୍କାର ହେଉଛି ବଡ଼ ଉପହାର। ଗୁରୁଜନ ମାନଙ୍କ ପ୍ରତି ସମ୍ମାନବୋଧ ଠାରୁ ସାମାଜିକ ସେବା ସବୁକିଛିର ଶିକ୍ଷା ପିଲାଟି ପାଉ।

ପିଲାଟି ସତ କହିବା ହେଉ ବା ଅହିଂସାର ଭାବନା। ଘରୁ ଦେଖୁ, ତା ବାପା-ମାଆ ତା ପାଇଁ କେବଳ ଜନ୍ମଦାତା ଦାତ୍ରୀ ଭାବେ ନୁହଁନ୍ତି ତାର ପ୍ରଥମ ଓ ପରମ ବନ୍ଧୁ। ପିଲାମାନେ ବି ଦେଖନ୍ତୁ ଭାଇ ହେଉ ବା ଭଉଣୀ କିପରି ଅତୁଟ ବନ୍ଧନରେ ସମାଜର ସମୟର ଆହ୍ୱାନକୁ ସାମ୍ନା କରୁଛନ୍ତି? ପିଲାମାନେ ପ୍ରତିଜ୍ଞା ଭୁଲି ଯାଆନ୍ତି। ସଂସ୍କାର ଓ ଏହାକୁ ପାଳନ କରିବା ନିମନ୍ତେ ପ୍ରତିଶ୍ରୁତି ପିଲା ନ ଭୁଲୁ ଏହା ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ। ସେ ଭୁଲି ନଯାଉ ଏଥିପାଇଁ ସବୁ ବଡ଼ମାନେ ତାକୁ ମଝିରେ ମଝିରେ ସ୍ନେହରେ ବୁଝାଇବା ଦରକାର। କହିବାର ଶୈଳୀ ଠିକ୍ ହେଲେ ପିଲାମାନେ କଥା ମାନନ୍ତି। ଭଲ ସଂସ୍କାର ପିଲା ମନରେ ଭଲ ବିଚାର ଆଣେ। ତାକୁ ବାଟବଣା ହେବାରୁ ରୋକେ, ଜୀବନ ଜୀଇଁବାର ଉପାୟ ଶିଖାଏ। ପିଲା ପରିବାର ଓ ସମାଜକୁ ଭଲପାଇ ଏଥିପାଇଁ ପ୍ରଥମରୁ ବାପ-ମାଆ ଯତ୍ନଶୀଳ ହେବା ଦରକାର। ପିଲାମାନେ ପିଲାଟି ବେଳୁ ହିଁ ସଂସ୍କାର ପାଇଲେ ଶିଖିବେ ଜୀବନ ଆଗେଇ ନେବାର ନିଜକୁ ନିଜେ ଗଢ଼ିତୋଳିବାର ମହାନ ଶିକ୍ଷା। ଜୀବନର ଯେତେ ପରୀକ୍ଷା, ଝଡ଼, ଝଞ୍ଜା, ଆହ୍ୱାନ ଆସୁ ସବୁ କିଛିକୁ ସେ ସାମ୍ନା କରିପାରିବ। କେବଳ ନିଜକୁ ବା ପରିବାରକୁ ନୁହେଁ ସମାଜର ମହାନ ଉନ୍ନତିକଳ୍ପେ ନିଜକୁ ସାମିଲ କରିପାରିବ। ପଣ୍ଡିତ ଗୋପବନ୍ଧୁ ଦାସଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ଶିଶୁ ବଢ଼ି କ୍ରମେ ହୁଏ ଯୁବା ବୃଦ୍ଧ, ଚତୁର ପ୍ରବୀଣ ନର, ପ୍ରଭାତେ ଅରୁଣେ ଲୁଚି ରହିଥାଏ ମଧ୍ୟାହ୍ନ ତେଜ ପ୍ରଖର।'

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ:୭୦୦୮୪୭୮୯୮୬**

# ସୁନା କିଣିବା ଉପରେ କଟକଣା କାହିଁକି ?



**ଅସିତ ମହାନ୍ତି**



ସୁନା କିଣିବା ବନ୍ଦ କରିବା ପାଇଁ ଭାରତ ସରକାରଙ୍କର ଜନସାଧାରଣଙ୍କୁ କରାଯାଇଥିବା ଆହ୍ୱାନ ଏକ ସରଳ ଆର୍ଥିକ ପରାମର୍ଶ ନୁହେଁ, ବରଂ ଏହା ବର୍ତ୍ତମାନ ଦେଶ ଯେଉଁ ଭୟଙ୍କର ଆର୍ଥିକ ପରିସ୍ଥିତିରେ ଫସି ରହିଛି ତାହାର ପ୍ରତିଫଳନ। ସୁନା କେବଳ ଭାରତୀୟ ସମାଜରେ ଅଳଙ୍କାର କିମ୍ବା ନିବେଶର ପ୍ରତୀକ ନୁହେଁ, ବରଂ ଏହା ସାଂସ୍କୃତିକ ଏବଂ ଭାବପ୍ରବଣତାର ମଧ୍ୟ ଏକ ପ୍ରତିଫଳନ। ଯେତେବେଳେ ସରକାର ସୁନା ନ କିଣିବାକୁ ଜନସାଧାରଣଙ୍କୁ ଅନୁରୋଧ କରନ୍ତି, ଏହା ବୁଝାଏ ଯେ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ଏତେ ବୃଦ୍ଧି ପାଇଛି ଯେ ସୁନା ଆମଦାନୀ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିପାରେ।

ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ସୁନା ଆମଦାନୀକାରୀ ଦେଶ। ପ୍ରତିବର୍ଷ ବିଦେଶରୁ କୋଟି କୋଟି ଡଲାର ମୂଲ୍ୟର ସୁନା ଆସେ, ଏବଂ ଏହି ଆମଦାନୀ ଆମର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରେ। ଯେତେବେଳେ ତୈଳ ମୂଲ୍ୟ ପୂର୍ବରୁ ଉଚ୍ଚ ଥାଏ, ଟଙ୍କା ଚାପରେ ରହିଥାଏ, ଏବଂ ମୁଦ୍ରାସ୍ଫୀତି ନିରନ୍ତର ବୃଦ୍ଧି ପାଉଥାଏ, ସୁନା ଆମଦାନୀ ବିଦେଶୀ ମୁଦ୍ରା ଭଣ୍ଡାରକୁ ଆହୁରି ହ୍ରାସ କରିଥାଏ। ଏହି କାରଣରୁ ସରକାର ଜନସାଧାରଣଙ୍କୁ ସୁନା କିଣିବା ବନ୍ଦ କରିବାକୁ, ପେଟ୍ରୋଲ ଏବଂ ଡିଜେଲ ସଞ୍ଚୟ କରିବାକୁ ଏବଂ ରନ୍ଧନ ତେଲ ହ୍ରାସ କରିବାକୁ ନିବେଦନ କରିଥିଲେ। ଏହି ଆହ୍ୱାନ, ପ୍ରକୃତରେ, ବିଶେଷଜ୍ଞମାନେ ପୂର୍ବରୁ ଆକଳନ କରିଥିବା ସଙ୍କଟର ଏକ ସ୍ୱୀକୃତି।

କିନ୍ତୁ ପ୍ରଶ୍ନ ହେଉଛି ଏହି ପରିସ୍ଥିତି କାହିଁକି ଉପୁଜିଛି। ଏହାର ଉତ୍ତର ଆମକୁ ଭାରତର ବୈଦେଶିକ ନୀତି ଏବଂ ଆର୍ଥିକ ନିଷ୍ପତ୍ତିରେ ଖୋଜିବାକୁ ପଡ଼ିବ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ ଇରାନଠାରୁ ନିଜକୁ ଦୂରେଇ ରଖିଛି ଏବଂ ଇସ୍ରାଏଲ ସହିତ ଏହାର ନିକଟତା ବୃଦ୍ଧି କରିଛି। ଇରାନ ଭାରତ ପାଇଁ ଶସ୍ତା ତେଲର ଏକ ପ୍ରମୁଖ ଉତ୍ସ ଥିଲା। ସେଠାରୁ ଆମଦାନି ହୋଇଥିବା ତେଲ ବର୍ଷ ବର୍ଷ ଧରି ଆମର ଶକ୍ତି ଖର୍ଚ୍ଚକୁ ନିୟନ୍ତ୍ରଣରେ ରଖିଥିଲା। କିନ୍ତୁ ଯେତେବେଳେ ପାଶ୍ଚାତ୍ୟ ଚାପ ଯୋଗୁଁ ଭାରତ ଇରାନଠାରୁ ନିଜକୁ ଦୂରେଇ ରଖିଲା, ସେତେବେଳେ ଏହା ଶସ୍ତା ତେଲର ବିକଳ୍ପ ହରାଇଲା। ଫଳସ୍ୱରୂପ, ପେଟ୍ରୋଲ ଏବଂ ଡିଜେଲ ମହଙ୍ଗା ହୋଇଗଲା, ପରିବହନ ଖର୍ଚ୍ଚ ବୃଦ୍ଧି ପାଇଲା ଏବଂ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଗଲା।

ଏହି ସମୟରେ, ସରକାର ନିର୍ବାଚନୀ ରାଜନୀତିକୁ ପ୍ରାଥମିକତା ଦେଇଥିଲେ। ପାଞ୍ଚଟି ରାଜ୍ୟରେ ନିର୍ବାଚନ ପାଖେଇ ଆସୁଥିଲା, ଏବଂ ଜନସାଧାରଣଙ୍କୁ ପ୍ରକୃତ ଅର୍ଥନୈତିକ ସ୍ଥିତି ପ୍ରକାଶ କରିବା ରାଜନୈତିକ ଭାବରେ ବିପଦପୂର୍ଣ୍ଣ ଥିଲା। ତେଣୁ, ଏହି ପ୍ରସଙ୍ଗଗୁଡ଼ିକୁ ପରଦା ପଛରେ ରଖାଯାଇଥିଲା। ପ୍ରଧାନମନ୍ତ୍ରୀ ସାତଟି ପଏଣ୍ଟ ବିଷୟରେ ଜନସାଧାରଣଙ୍କୁ ସ୍ପଷ୍ଟ ଭାବରେ ଚେତାବନୀ ଦେଇ ନଥିଲେ, ବରଂ ନିର୍ବାଚନୀ ଭାଷଣରେ ଏହି ଅସୁବିଧାଗୁଡ଼ିକୁ ଲୁଚାଇ ରଖିଥିଲେ। କିନ୍ତୁ ଯେତେବେଳେ ନିର୍ବାଚନ ସରିଗଲା ଏବଂ ଆର୍ଥିକ ସଙ୍କଟ ଦେଖାଦେଲା, ଜନସାଧାରଣଙ୍କୁ ସଞ୍ଚୟ ଏବଂ କଟକଣାର ବାର୍ତ୍ତା ଦିଆଯାଇଥିଲା।

ଏଠାରେ ସରକାରଙ୍କର ସବୁଠାରୁ ବଡ଼ ଭୁଲ ଥିଲା ଯେ ଏହା ସମୟାନୁସାରେ ଜନସାଧାରଣଙ୍କୁ ଆର୍ଥିକ ବାସ୍ତବତା ପ୍ରକାଶ କରିନଥିଲା। ଯଦି ପୂର୍ବରୁ ସ୍ପଷ୍ଟ କରାଯାଇଥାନ୍ତା ଯେ ବିଦେଶୀ ମୁଦ୍ରା ଭଣ୍ଡାର ଚାପରେ ଅଛି ଏବଂ ତେଲ ଏବଂ ସୁନା ଆମଦାନୀ ମହଙ୍ଗା ହେଉଛି, ତେବେ ଜନସାଧାରଣ ମାନସିକ ଭାବରେ ପ୍ରସ୍ତୁତ ହୋଇଥାନ୍ତେ। ତଥାପି, ନିର୍ବାଚନୀ ଲାଭ ପାଇଁ ସତ୍ୟକୁ ଲୁଚାଇବା ଏବଂ ପରେ ହଠାତ୍ ସଞ୍ଚୟ ଘୋଷଣା କରିବା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଦିଏ। ବିଡ଼ମ୍ବନା ହେଉଛି ଯେ ସାଧାରଣ ଲୋକଙ୍କୁ ସୁନା କିଣିବାକୁ ନୁହେଁ ବରଂ ତେଲ ସଞ୍ଚୟ କରିବାକୁ କୁହାଯାଉଥିବା ବେଳେ, ସରକାର ନିଜେ ମହଙ୍ଗା ଗସ୍ତ ଏବଂ ରୋଡ୍ ଶୋ'ରେ ଇନ୍ଧନ ନଷ୍ଟ କରୁଛନ୍ତି। ସମ୍ପ୍ରତି, ପ୍ରଧାନମନ୍ତ୍ରୀ ୫୦ଟି ଯାନ ସହିତ ଏକ ରୋଡ୍ ଶୋ' କରିଥିଲେ, ଯାହା ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ବୃଦ୍ଧି କରିଥିଲା। ପାଞ୍ଚଟି ରାଷ୍ଟ୍ର ଗସ୍ତ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ଏହି ବିରୋଧାଭାସ ଜନସାଧାରଣଙ୍କୁ ଅସୁବିଧାରେ ପକାଇଛି। ଗୋଟିଏ ପଟେ, ସାଧାରଣ ଲୋକଙ୍କୁ ହ୍ରାସ କରିବାକୁ କୁହାଯାଉଥିବା ବେଳେ, ଅନ୍ୟ ପଟେ, ସରକାର ନିଜେ ଅଯଥା ଖର୍ଚ୍ଚରେ ଲିପ୍ତ ଅଛନ୍ତି। ଏହି ଅସମାନତା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ଭାରତର ଅର୍ଥନୀତି ବର୍ତ୍ତମାନ ଅସ୍ଥିର। ଟଙ୍କା ଚାପରେ ଅଛି, ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି, ଏବଂ ବେକାରୀ ପୂର୍ବରୁ ଗୁରୁତର। ଯେତେବେଳେ ଶକ୍ତି ମହଙ୍ଗା ହୁଏ, ଏହା ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରେ - କୃଷି ଉତ୍ପାଦନ ମହଙ୍ଗା ହୁଏ, ଶିଳ୍ପ ଖର୍ଚ୍ଚ ବୃଦ୍ଧି ପାଏ ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଯାହା ସାମଗ୍ରୀ ମୂଲ୍ୟ ବୃଦ୍ଧି କରେ। ଏହି କାରଣରୁ ବିଶେଷଜ୍ଞମାନେ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ଭାରତରେ ଏକ ଆର୍ଥିକ ମାନ୍ଦାବସ୍ଥା ଅନିବାର୍ଯ୍ୟ। ସରକାରଙ୍କ ଭୁଲ କେବଳ ଇରାନଠାରୁ ଦୂରେଇ ରହିବା ଏବଂ ଇସ୍ରାଏଲ ସହିତ ନିକଟତର ହେବା ପର୍ଯ୍ୟନ୍ତ ସୀମିତ ନୁହେଁ। ପ୍ରକୃତ ଭୁଲ ଥିଲା ଯେ ଏହା ଲୋକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇନଥିଲା। ପାଶ୍ଚାତ୍ୟ ଚାପ ସହିତ ବୈଦେଶିକ ନୀତିକୁ ଗ୍ରହଣ କରିବା ଏବଂ ଘରୋଇ ଆବଶ୍ୟକତାକୁ ଅଣଦେଖା କରିବା କାରଣରୁ ଜନସାଧାରଣ ଏବେ ସୁନା କିଣିବା ଏବଂ ତେଲ ସଂରକ୍ଷଣ କରିବା ପାଇଁ ଆବେଦନ ଶୁଣୁଛନ୍ତି।

ଆର୍ଥିକ ସଙ୍କଟ କେବଳ ସଂଖ୍ୟାର ଖେଳ ନୁହେଁ; ଏହା ସାଧାରଣ ଲୋକଙ୍କ ଥାଳିର ବିଷୟ। ଯେତେବେଳେ ରୋଷେଇ ତେଲ କାଟିବାକୁ ପଡ଼ିଥାଏ, ଯେତେବେଳେ ପେଟ୍ରୋଲ ଏବଂ ଡିଜେଲରେ ସଞ୍ଚୟ କରିବାର ବାଧ୍ୟତା ଥାଏ, ସେତେବେଳେ ଏହା କେବଳ ଅର୍ଥନୀତି ନୁହେଁ, ବରଂ ଏକ ଜୀବନ ପ୍ରତି ବିପଦପୂର୍ଣ୍ଣ କଷ୍ଟ। ଏବଂ ଯେତେବେଳେ ସରକାର ନିଜେ ଏହି ଅସୁବିଧାଗୁଡ଼ିକ ପ୍ରତି ଉଦାସୀନ ଦେଖାଯାଏ, ସେତେବେଳେ ଜନସାଧାରଣଙ୍କ ବିଶ୍ୱାସ ଟଳମଳ ହେବାକୁ ଆରମ୍ଭ କରେ। ଏହି ସମଗ୍ର ପରିସ୍ଥିତିରୁ ସବୁଠାରୁ ବଡ଼ ଶିକ୍ଷା ହେଉଛି ଯେ ଆର୍ଥିକ ନୀତିଗୁଡ଼ିକ କେବଳ କୂଟନୈତିକ ସମ୍ପର୍କ ଉପରେ ଆଧାରିତ ହୋଇପାରିବ ନାହିଁ। ସେଗୁଡ଼ିକୁ ଲୋକଙ୍କ ଆବଶ୍ୟକତା ଏବଂ ଦେଶର ବାସ୍ତବତା ସହିତ ଯୋଡ଼ିବାକୁ ପଡ଼ିବ। ଭାରତକୁ ଏହାର ଶକ୍ତି ନୀତିରେ ଆତ୍ମନିର୍ଭରଶୀଳତା ଏବଂ ସନ୍ତୁଳନ ଆଣିବାକୁ ପଡ଼ିବ ଯାହା ଦ୍ୱାରା ଜନସାଧାରଣ ଭବିଷ୍ୟତରେ ଏପରି ସଙ୍କଟର ସମ୍ମୁଖୀନ ନ ହୁଅନ୍ତି।

ଆଜି ଯେତେବେଳେ ସରକାର ସୁନା ନ କିଣିବାକୁ ଜନସାଧାରଣଙ୍କୁ ନିବେଦନ କରୁଛନ୍ତି, ଏହା କେବଳ ଆର୍ଥିକ ସଙ୍କଟର ଏକ ସଙ୍କେତ ନୁହେଁ, ବରଂ ଏକ ଅସନ୍ତୁଳିତ ନୀତିର ପରିଣାମ ଯେଉଁଥିରେ ନିର୍ବାଚନୀ ରାଜନୀତି ଅର୍ଥନୈତିକ ବାସ୍ତବତାକୁ ଚାପି ଦେଇଛି। ଜନସାଧାରଣଙ୍କୁ ସଞ୍ଚୟ ବିଷୟରେ ପ୍ରଚାର କରିବା ପୂର୍ବରୁ, ସରକାର ନିଜେ ଏକ ଉଦାହରଣ ସ୍ଥାପନ କରିବା ଉଚିତ। ତେବେ ହିଁ ଜନସାଧାରଣଙ୍କ ବିଶ୍ୱାସ ପୁନରୁଦ୍ଧାର ହେବ ଏବଂ ଅର୍ଥନୀତି ସ୍ଥିର ହେବ।

**ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ, ସୁଜନପୁର, ଯାଜପୁର**
**ମୋବାଇଲ୍ଃ ୯୪୩୭୨୮୮୦୨୮**

# ଏଇଠି ଅଛି, ଏଇଠି ନାହିଁ



**ତ୍ରିନାଥ ଓଝା**

'ଏଇଠି ଅଛି, ଏଇଠି ନାହିଁ'- ପିଲାମାନଙ୍କୁ ଆମେ କୌତୁହଳୀ ଭାବରେ ଯେଉଁପରି କୁହୁକ ଯାଦୁ ଦେଖାଇ ଭଣ୍ଡେଇ ଥାଉ ଠିକ ସେହିପରି ଆମ ଓଡ଼ିଶାରେ ତେଲ ଆଉ ଗ୍ୟାସ ଅବସ୍ଥା। ଆମ ପରି ମେହନତୀ ବର୍ଗର ମଣିଷ ମାନଙ୍କ ପାଇଁ ଉପରୋକ୍ତ ଦୁଇଟି ଜିନିଷ ଅପରିହାର୍ଯ୍ୟ ଆବଶ୍ୟକତା। ସରକାରଙ୍କ ମନ୍ତ୍ରୀ କହୁଛନ୍ତି ଯାହା ସବୁ ମିଡ଼ିଆ, ସୋସିଆଲ ମିଡ଼ିଆରେ ଦେଖାଯାଉଛି ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ତେଲ ଓ ଗ୍ୟାସ ରହିଛି। ପେଟ୍ରୋଲ ଆସୋସିଏସନର ନେତୃତ୍ୱ ମଧ୍ୟ କହୁଛନ୍ତି ଓଡ଼ିଶାରେ ଯଥେଷ୍ଟ ତେଲ ରହିଛି, ଲୋକମାନେ ଭୟଭୀତ ଅଯଥାରେ ହେଉଛନ୍ତି। କଥା ହେଉଛି ପ୍ରଧାନମନ୍ତ୍ରୀ ରାତି ପାହିବା ମାତ୍ରେ ଅଚାନକ ତୈଳ, ଗ୍ୟାସ ସଞ୍ଚୟ କଥାଟି କହିବାପରେ ବିଭିନ୍ନ ଧାଁ ଧଉଡ଼ ସବୁ ଆରମ୍ଭ ହୋଇଗଲା। ମୁଁ ଆମ ସିଡ଼ିଏ ସେକ୍ଟର ୧୦ ପେଟ୍ରୋଲ ପମ୍ପ କଥା କହୁଛି। ଦୁଇଦିନ ପାଇଁ ବନ୍ଦ ହୋଇଗଲା ବନ୍ଦର ପ୍ରଦର୍ଶନ ସ୍ୱରୂପ ତାର ବନ୍ଧା ହୋଇଗଲା। କାଲିଠାରୁ ତେଲ ମିଳୁଛି କିନ୍ତୁ ଏହାଏକ ଗୁରୁତ୍ୱପୂର୍ଣ୍ଣ ପାଞ୍ଚଛକି ରାସ୍ତାଟି ହୋଇଥିବାରୁ ଅସମ୍ଭବ ଗହଳି ସକାଳୁ ଅର୍ଦ୍ଧରାତି ପର୍ଯ୍ୟନ୍ତ। ବାଇକ ଠାରୁ ସ୍କୁଟି, ଅଟୋ ଠାରୁ କାର, ଡ଼ମ୍ପର ଠାରୁ ମାଟାଡୋର ସବୁ ଲାଇନ ଲଗାଇଛନ୍ତି। କେଉଁଠି ତେଲ ଅଭାବରୁ ଆମ୍ବୁଲାନ୍ସପରି ଅତି ଅପରିହାର୍ଯ୍ୟ ସଂସ୍ଥାରେ ନିରୀହ ମୁମୂର୍ଷୁ ଯେଉଁଲୋକଟି ବଞ୍ଚିବା ଆଶାରେ ଯାଉଥିଲା, ସେ ଲୋକଟିର ରାସ୍ତାରେ ହିଁ ଜୀବନ ଚାଲିଗଲା। କେଉଁଠି ଦେଢ଼ଶହ ଟଙ୍କା, ଦୁଇଶହ ଟଙ୍କାରେ ତେଲ ମିଳୁଛି ତ କେଉଁଠି ଜାରକିନରେ ଜଣେ ଜଣେ କୋଡିଏ ଲିଟର ଧରି ଯାଉଥିବାର ଚିତ୍ର ଆମେ ଦେଖୁଛୁ। ଜଗତସିଂହପୁର କଟକ ଜିଲ୍ଲାପାଳ ଖୋଦ ତେଲ ଟାଙ୍କିରେ ଚଢ଼ାଉ କରି




ଲୋକମାନଙ୍କୁ ଇଚ୍ଛା ମୁତାବକ ତେଲ ଦେବାକୁ ଓ ଷ୍ଟକ ସରିବା ପର୍ଯ୍ୟନ୍ତ ଧାଡ଼ିରେ ଥିବା ଲୋକମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସବୁ ଜିଲ୍ଲାରେ ତ ଜିଲ୍ଲାପାଳ ମାନେ ଚଢ଼ଉ କରୁନାହାଁନ୍ତି। ଇତିମଧ୍ୟରେ ତେଲ ରେଟ ତିନିଟଙ୍କା ବଢ଼ିଗଲା, ତେଲ ଟ୍ୟାଙ୍କର ଅଧିକ ଆସିଲା ତଥାପି ରାଜ୍ୟର ସବୁ ଟାଙ୍କିରେ ଅସମ୍ଭବ ଗହଳି।

ଆଛା, ଏହି ତେଲ କଷ୍ଟ କ'ଣ ଆଜିର? ଇରାନ-ଆମେରିକା ଯୁଦ୍ଧ ଓ ଆମ ଭାରତ କିପରି ପ୍ରଭାବିତ ହେଉଛି ଏ ଖବର ତ ତିନି ଚାରି ମାସ ତଳର। ତେବେ ବର୍ତ୍ତମାନ ଏମିତି ତେଲ ସଞ୍ଚୟର କଥା ଓ ଟାଙ୍କିରେ ଗହଳି ତା ପୂର୍ବରୁ ତ ଗ୍ୟାସର ଚଡ଼କ ପଡ଼ି ସାରିଛି। ଏହା ଭିତରେ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଥିଲା, ଫଳାଫଳ ପ୍ରକାଶ ପାଇଲା, ପ୍ରଧାନମନ୍ତ୍ରୀଙ୍କ ସୋମନାଥ ରାଲି ଅସମ୍ଭବ ଭିଡ଼ ହେଲା, ଏସବୁ ଭିତରେ କେହି କ'ଣ ତେଲ ଚିନ୍ତା ଆଉ କରିନଥିଲେ। ଏହାର ଅଭାବନୀୟ ପରିସ୍ଥିତି କେବଳ ଲୋକମାନଙ୍କ ଉପରେ ନୁହେଁ ଆମ୍ବୁଲାନ୍ସ ସେବା ପରି ଅପରିହାର୍ଯ୍ୟ ସେବା ସଂସ୍ଥା ଠାରୁ ସାଧାରଣ ପରିବନ ସବୁ ଉପରେ ଭୟାନକ ପ୍ରଭାବ ପଡ଼ିଲା। ଅଚାନକ ବସ ବନ୍ଦ ହୋଇଯିବା ଫଳରେ ଅନେକ ଲୋକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯୋଗ ଦେଇପାରିଲେ ନାହିଁ। ବର୍ତ୍ତମାନ ମଧ୍ୟ ତେଲ ରେଟ ବଢ଼ିବା ସତ୍ତ୍ୱେ ସର୍ବନିମ୍ନ ଗୋଟାଏ ଦୁଇଘଣ୍ଟା ଅପେକ୍ଷା ନକଲେ ତେଲ ମିଳୁନି। ଜଣେ ମଜଦୁର ଶ୍ରେଣୀର ଲୋକଟି ଯଦି ଏହିପରି ସମୟ ଦେବ ତାହେଲେ ତା କର୍ମ ସଂସ୍ଥାନଟି କ୍ଷତିଗ୍ରସ୍ତ ହେବ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତାଙ୍କ ପାଇଲଟ ଗାଡ଼ି ସଂଖ୍ୟା କମାଇ ଦେଲେ ସମସ୍ୟାର ସମାଧାନ ହେବନାହିଁ। ଯେଉଁ ବଡ଼ ବଡ଼ ରାଲି ସବୁ ହେଉଛି, ସଭାସମ୍ମିଳନୀ ହେଉଛି ଏହା ଉପରେ ରୋକ ଲାଗୁ।

ଆମର ସୌଭାଗ୍ୟ ଯେ ବିଶ୍ୱର ପ୍ରମୁଖ ତୈଳ ରାଷ୍ଟ୍ର ଉତ୍ପାଦନକାରୀ ଉଭୟ ଋଷ ଓ ଇରାନ ଆମର ଦୀର୍ଘକାଳୀନ ପରମ ମିତ୍ର। କିନ୍ତୁ ଦୁର୍ଭାଗ୍ୟକୁ ଆମେରିକା ହସ୍ତକ୍ଷେପର ଶୀକାର ହୋଇ ଆମ ଦେଶବାସୀ ଏହି ତେଲ ଓ ଗ୍ୟାସ ସଙ୍କଟ ସାମ୍ନା କରୁଛନ୍ତି। ହଁ, କେହି କେହି କହୁଛନ୍ତି ଇଭି ଯାନ କିଣିବା ପାଇଁ। କେତେକଙ୍କ ପାଖରେ ସରକାର ସବସିଡ ଦେଲେ ମଧ୍ୟ ଅବଶିଷ୍ଟାଂଶ ରହିଛି ଏହାକୁ କିଣିବାପାଇଁ? ଶାସନକ୍ଷେତ୍ରରେ କେବଳ ତଳିଆ ବା ଆଖି ଦେଖାଣିଆ ଭାବରେ କିଛି ଚରିତ୍ର ମାନଙ୍କ ଉପରେ ନୁହେଁ ବରଂ ସମାଜର ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଅଧିକାରୀଙ୍କ ଠାରୁ ତଳବର୍ଗ ପର୍ଯ୍ୟନ୍ତ ସମସ୍ତେ ଏହି ତୈଳ ସଞ୍ଚୟକୁ ଆହ୍ୱାନ ଭାବେ ଗ୍ରହଣ କରନ୍ତୁ। ଖୁସିର କଥା ସୁପ୍ରିମକୋର୍ଟ ତେଲ ବଞ୍ଚାଇବା ପାଇଁ ପଦକ୍ଷେପ ଗ୍ରହଣ କରି ଭର୍ଚୁଆଲ ଶୁଣାଣୀ ଦୁଇଦିନ ଘରୁ କାମ ଓ କାରପୁଲ୍ ବ୍ୟବସ୍ଥା କରିଛନ୍ତି ତେବେ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଦାୟିତ୍ୱ ଅଛି। ନେତାମାନେ ମଧ୍ୟ କହିବା ସମୟରେ ଚିନ୍ତା କରନ୍ତୁ। ଓଡ଼ିଶାରେ ତେଲ ପର୍ଯ୍ୟାପ୍ତ ଥିଲେ ଲୋକମାନଙ୍କର ଗହଳିର କାରଣ କ'ଣ କେବଳ 'ଗୁଜବ'ବୋଲି ଧରିବାକୁ ପଡ଼ିବ। ତେଲ ରେଟ ବଢ଼ିବା ଓ ଭିଡ଼ କାରଣରୁ ଖାଦ୍ୟ ସାମଗ୍ରୀ ଠାରୁ ପନିପରିବା ସବୁ କିଛିର ଦର ବଢ଼ିବ। ତେଣୁ ସରକାରଙ୍କୁ ନିବେଦନ କୁହୁକ ବାଣୀ ସ୍ୱରୂପ ଯେଉଁ ହେଇ ତେଲ ଅଛି, ..... ନାହିଁ / ଘଣ୍ଟା ଘଣ୍ଟା କାଳ ଧାଡ଼ି। ତେଲ ଓ ଗ୍ୟାସ ପରି ଆମ ନିତିଦିନିଆ ଜୀବନର ମୁଖ୍ୟ ଅବଲମ୍ବନ ଉପରେ ଚଡ଼କ ପଡ଼ିଲେ ସମାଜର ସବୁ ବର୍ଗଙ୍କ ଉପରେ ପ୍ରଭାବ ତ ପଡୁଛି ଆହୁରି ଅଧିକ ପଡ଼ିବ ସେ ଦିନ ଦେଖିବାକୁ ଯାହା ବାକି ରହିଲା।

**ଚମ୍ପା-ନାରାୟଣ ଚାରିଟେବୁଲ ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ**
**ଦୂରଭାଷ:୯୨୩୮୬୦୨୮୨୫**

### ଡିସେମ୍ବରରେ ସରିବ ୩୦ ବର୍ଷର ଗଙ୍ଗାଜଳ ଚୁକ୍ତି

# ଭାରତ-ବାଂଲା ସୁସମ୍ପର୍କର ଆଧାରଶୀଳା

## ପଦ୍ମାନଦୀରେ ମେଗା ବ୍ୟାରେଜ ପ୍ରକଳ୍ପକୁ ଅନୁମୋଦନ

## ବାଂଲାବାସୀଙ୍କ ହିତରେ ଚୁକ୍ତି ନବୀକରଣ ଦାବି



## ତୀସ୍ତା ପରେ ବିବାଦରେ ଗଙ୍ଗା

ନୂଆଦିଲ୍ଲୀ,୧୭।୫:ତିସ୍ତା ନଦୀ ପରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ନଦୀ ଜଳ ଆବଣ୍ଟନ ବିବାଦ ଏବେ ତୀବ୍ର ହୋଇଛି। ବାଂଲାଦେଶର ଶାସକ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ସ୍ପଷ୍ଟ ଭାବରେ କହିଛି ଯେ, ଗଙ୍ଗା ଜଳ ବଣ୍ଟନ ଚୁକ୍ତିର ନବୀକରଣ ଢାକାର ଭାରତ ସହିତ ଭବିଷ୍ୟତର ସମ୍ପର୍କର ମୂଳଦୁଆ ହେବ। ବାଂଲାଦେଶ ଦାବି କରିଛି ଯେ, ଦୁଇ ଦେଶ ଏକ ନୂଆ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରନ୍ତୁ ଯାହା ବାଂଲାଦେଶୀ ଲୋକଙ୍କ ଆଶା ଏବଂ ଆବଶ୍ୟକତା ପୂରଣ କରିବ।

ବାଂଲାଦେଶର କ୍ଷମତାସୀନ ବିଏନପି ସରକାର ଭାରତ ସହିତ ସମ୍ପର୍କକୁ ଜଳ ବୁଝାମଣା ସହିତ ଯୋଡ଼ିଛି। ଢାକା ସଫା ସଫା କହିଛି ଯଦି ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବାର ଅଛି ତେବେ ଡିସେମ୍ବରରେ ଶେଷ ହେଉଥିବା ଗଙ୍ଗାଜଳ ଆବଣ୍ଟନ ସନ୍ଧିକୁ ବାଂଲାଦେଶର ଆବଶ୍ୟକତା ହିସାବରେ ନବୀକରଣ କରିବାକୁ ହେବ। ବାଂଲାଦେଶ ଅଭିଯୋଗ କରିଛି ଯେ, ପଶ୍ଚିମବଙ୍ଗ ସ୍ଥିତ ଭାରତର ଫରକ୍କା ବ୍ୟାରେଜ କାରଣରୁ ଖରାଦିନେ ଜଳ ପ୍ରବାହ କମ୍ ହେଉଛି। ଫଳରେ ଉପକୂଳ ଅଞ୍ଚଳରେ ଲୁଣିଆ ପାଣି ଆସୁଛି। ଏହା କୃଷିକୁ ବ୍ୟାପକ କ୍ଷତି ପହଞ୍ଚାଉଛି। ଭାରତ ନିରନ୍ତର ଭାବେ କହି ଆସୁଛି ଯେ ଫରକ୍କା ବ୍ୟାରେଜ୍ ମୁଖ୍ୟତଃ ହୁଗଲି ନଦୀରୁ ପାଣିକୁ ସ୍ଥାନାନ୍ତରିତ କରିବାକୁ ନିର୍ମାଣ କରାଯାଇଥିଲା।

୧୯୯୬ ମସିହାରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ କାର୍ଯ୍ୟକାଳ ସମୟରେ ୩୦ ବର୍ଷ ପାଇଁ ଗଙ୍ଗା ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଐତିହାସିକ ଚୁକ୍ତିନାମା ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଯାଉଛି। ଢାକାରେ ଏକ କାର୍ଯ୍ୟକ୍ରମରେ ବିଏନପି ମନ୍ତ୍ରୀ ମିର୍ଜା ଫଖରୁଲ ଇସଲାମ ଆଲମଗିର କହିଛନ୍ତି, ଭାରତ ସହିତ ଭଲ ସମ୍ପର୍କ ସ୍ଥାପନ କରିବାର ସୁଯୋଗ ଗଙ୍ଗା ଜଳ ବଣ୍ଟନ ଚୁକ୍ତି କିମ୍ବା ଫରକ୍କା ଚୁକ୍ତି ସ୍ୱାକ୍ଷର ଉପରେ ନିର୍ଭର କରିବ। ନୂଆ ଚୁକ୍ତି ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ପାଇଁ ହେବା ଉଚିତ। ନୂଆ ଚୁକ୍ତି ନହେବା ପର୍ଯ୍ୟନ୍ତ ବର୍ତ୍ତମାନର ବ୍ୟବସ୍ଥା ବଳବତ୍ତର ରହିବା ଉଚିତ।

ଭାରତରୁ ଚାପାଇ ନବାବଗଞ୍ଜ ଦେଇ ବାଂଲାଦେଶରେ ପ୍ରବେଶ କରୁଥିବା ଗଙ୍ଗାନଦୀ ସେଠାରେ ପଦ୍ମା ନାମରେ ଜଣାଶୁଣା। ବାଂଲାଦେଶର ୧୭୦ ନିୟୁତ ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଲୋକ ଜୀବିକା ଏବଂ ପରିବେଶଗତ ସ୍ଥିରତା ପାଇଁ ନଦୀ ପ୍ରଣାଳୀ ଉପରେ ନିର୍ଭର କରନ୍ତି। ଭାରତର ୫୪ଟି ନଦୀ ବାଂଲାଦେଶ ଦେଇ ପ୍ରବାହିତ ହୁଏ।

ଗଙ୍ଗା ଚୁକ୍ତିନାମାକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ବାଂଲାଦେଶ ସରକାର ପଦ୍ମା ନଦୀରେ ଏକ ମେଗା ବ୍ୟାରେଜ ପ୍ରକଳ୍ପକୁ ଅନୁମୋଦ କରିଛନ୍ତି। ଢାକା କହିଛି ଯେ, ଏହା ଫରକ୍କା ବ୍ୟାରେଜର ନକାରାତ୍ମକ ପ୍ରଭାବକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ବାଂଲାଦେଶ ଜଳ ସମ୍ପଦ ମନ୍ତ୍ରୀ ଶାହିଦୁଦ୍ଦିନ ଚୌଧୁରୀ ଆନି କହିଛନ୍ତି ଯେ, ଏହି ବ୍ୟାରେଜ ବାଂଲାଦେଶର ଜାତୀୟ ସ୍ୱାର୍ଥ ଲାଗି ନିର୍ମିତ ହେଉଛି। ଏଥିପାଇଁ ଭାରତ ସହିତ ପରାମର୍ଶ କରିବାର କୌଣସି ଆବଶ୍ୟକତା ନାହିଁ। ଚଳିତ ମାସ ଆରମ୍ଭରେ ତୀସ୍ତା ନଦୀ ଜଳ ବଣ୍ଟନ ଚୁକ୍ତିନାମାରେ ବିଳମ୍ବକୁ ନେଇ ବିଏନପି ନେତାମାନେ ପୂର୍ବତନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଥିଲେ। ବିଏନପି ସୂଚନା ସଚିବ ଅଜିଜୁଲ ବାରୀ ହୋଲାଲ ଅଭିଯୋଗ କରିଥିଲେ ଯେ, ମମତା ବାନାର୍ଜୀଙ୍କ ସରକାର ଭାରତ ଏବଂ ବାଂଲାଦେଶ ମଧ୍ୟରେ ପ୍ରସ୍ତାବିତ ତୀସ୍ତା ଚୁକ୍ତିନାମାକୁ ବର୍ଷ ବର୍ଷ ଧରି ଅଟକାଇ ରଖିଥିଲେ।

## ମଧ୍ୟସ୍ଥତା କୋର୍ଟର ରାୟକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୭।୫:ଭାରତ ଶନିବାର ପାକ-ସମର୍ଥିତ ଏକ ତଥାକଥିତ ମଧ୍ୟସ୍ଥତା କୋର୍ଟ (କୋର୍ଟ ଅଫ୍ ଆର୍ବିଟ୍ରେସନ) ଦ୍ୱାରା ମେ' ୧୫ ରାୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ କରିଛି। ଭାରତ ସ୍ପଷ୍ଟ କରିଛି ଯେ, ଏହା ବେଆଇନ ଭାବେ ଗଠିତ ସଂସ୍ଥାକୁ



ସ୍ୱୀକୃତି ଦିଏ ନାହିଁ। ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବାର ନିଷ୍ପତ୍ତି ବଳବତ୍ତର ରହିଛି। କୌଣସି ମଧ୍ୟସ୍ଥତା ଟ୍ରିବ୍ୟୁନାଲ ଭାରତର ସାର୍ବଭୌମ ଅଧିକାର ଅଧୀନରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବୈଧତା ଯାଞ୍ଚ କରିବାର ଅଧିକାର ନାହିଁ ବୋଲି କହିଛନ୍ତି ବୈଦେଶିକ ବ୍ୟାପାର ମୁଖପାତ୍ର ରଣଧୀର ଜୈସ୍ୱାଲ। ମେ ୧୫ ତାରିଖରେ ବେଆଇନ ଭାବେ ଗଠିତ ମଧ୍ୟସ୍ଥତା କୋର୍ଟ ସର୍ବାଧିକ ଜଳଭଣ୍ଡାର କ୍ଷେତ୍ର ସମ୍ବନ୍ଧୀୟ ଏକ ପୁରସ୍କାର ପ୍ରଦାନ କରିଥିଲା। ଭାରତ ଏହି ପୁରସ୍କାରକୁ ପ୍ରତ୍ୟାଖାନ କରିଛି। ମଧ୍ୟସ୍ଥତା କୋର୍ଟ ଦ୍ୱାରା ଜାରି ହୋଇଥିବା ଯେକୌଣସି କାର୍ଯ୍ୟପନ୍ଥା କିମ୍ବା ପୁରସ୍କାର ଅବୈଧ। ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଭାରତର ନିଷ୍ପତ୍ତି ବଳବତ୍ତର ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଏହି ମଧ୍ୟସ୍ଥତା ସଂସ୍ଥା ଗଠନ ସିନ୍ଧୁ ଜଳ ଚୁକ୍ତିନାମାର ଉଲ୍ଲଂଘନ ବୋଲି ଭାରତ ଜୁନ୍ ମାସରେ ସ୍ପଷ୍ଟ କରିଦେଇଥିଲା।

## ହର୍ମୁଜ୍‌ରେ ଆକ୍ରମଣକୁ ଭାରତ ସହିବନି



ନୂଆଦିଲ୍ଲୀ,୧୭।୫:ଇରାନୀ ସେନା ଭାରତୀୟ ତୈଳ ଟ୍ୟାଙ୍କରଗୁଡ଼ିକୁ ଟାର୍ଗେଟ୍ କରିବା ଘଟଣାକୁ ନେଇ ଭାରତ ଜାତିସଂଘରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ ଜାତିସଂଘରେ କଡ଼ା ଶବ୍ଦରେ କହିଛନ୍ତି ଯେ ହୋର୍ମୁଜ୍ ପ୍ରଣାଳୀରେ ଭାରତୀୟ ଜାହାଜ ଉପରେ ଆକ୍ରମଣକୁ ଭାରତ ସହ୍ୟ କରିପାରିବନି। ପି.ହରିଶ କହିଛନ୍ତି ଯେ, ଇରାନ ହୋର୍ମୁଜ୍ ପ୍ରଣାଳୀରେ ସାମୁଦ୍ରିକ ଯାତାୟାତ ନିୟନ୍ତ୍ରଣ ପାଇଁ ଏକ ବୃତ୍ତିଗତ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଛି, ଯାହା ଖୁବଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି । ପି. ହରିଶ ଆହୁରି କହିଛନ୍ତି ଯେ ଆମେ ବାଣିଜ୍ୟ ଜାହାଜକୁ ଟାର୍ଗେଟ୍ କରିବା ଏବଂ ହୋର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳର ବାଧାକୁ ଗ୍ରହଣ କରିବୁ ନାହିଁ । ଭାରତ କହିଛି ଯେ ବିଶ୍ୱକୁ ଏହାର ହକ୍ ମିଳିବା ଉଚିତ ।

## ଇଣ୍ଡିଆ ବ୍ଲକର ପ୍ରଧାନମନ୍ତ୍ରୀ ଚେହେରା ରାହୁଲ

ହାଇଦ୍ରାବାଦ, ୧୭।୫:୨୦୨୯ ଲୋକସଭା ନିର୍ବାଚନ ପାଇଁ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ଚେହେରା ବୋଲି ଶନିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଓ୍ୱନ୍ତ ରେଡ୍ଡୀ କହିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ପ୍ରଥମେ ରାହୁଲଙ୍କ ନାମ ଘୋଷଣା କରିବ। ପରେ 'ଇଣ୍ଡି' ମେଣ୍ଟର ସହଯୋଗୀ ଦଳଗୁଡ଼ିକୁ ସମର୍ଥନ ଲାଗି କୁହାଯିବ। ରେଓ୍ୱନ୍ତ କହିଛନ୍ତି, ରାହୁଲ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀ ହେବା ପାଇଁ ମହତ୍ତ୍ୱାକାଂକ୍ଷା ରଖିନାହାନ୍ତି। ବିକାରାବାଦରେ ସଦ୍ୟ ଅନୁଷ୍ଠିତ ଏକ ବୈଠକରେ ଏହି ଦାୟିତ୍ୱ ନେବା ଲାଗି ମୁଁ



ତାଙ୍କୁ ରାଜି କରାଇଛି। ମୁଁ ୧୦ ବର୍ଷ ପର୍ଯ୍ୟନ୍ତ ଟିଡିପିରେ କାମ କରିଛି ଏବଂ ଆଜି ବି ଚନ୍ଦ୍ରବାବୁ ନାଇଡୁ ମୋ ସହ ସମ୍ମାନର ସହ ବ୍ୟବହାର କରନ୍ତି। ଟିଡିପି ଛାଡ଼ିବା ପୂର୍ବରୁ ମୁଁ ବିଜୟୱାଡ଼ାରେ ନିଜେ ନାଇଡୁଙ୍କୁ ଏ ବାବଦରେ ସୂଚନା ଦେଇଥିଲି। ବିରୋଧୀ ମେଣ୍ଟରେ ନେତୃତ୍ୱକୁ ନେଇ ପୃଥକ ସଙ୍କେତ ମିଳୁଥିବା ବେଳେ ରେଓ୍ୱନ୍ତ ରେଡ୍ଡୀଙ୍କ ଏଭଳି ବୟାନ ଆସିଛି। ଏହା ପୂର୍ବରୁ ତୃଣମୂଳ କଂଗ୍ରେସ ଏବଂ ଡିଏମ୍‌କେ ନେତାମାନେ ମମତା ବାନାର୍ଜୀ ଓ ଏମ୍ କେ ଷ୍ଟାଲିନ୍‌ଙ୍କ ନାମ ପ୍ରଧାନମନ୍ତ୍ରୀ ଭାବେ ଆଗକୁ ବଢ଼ାଇବାର ସଙ୍କେତ ଦେଇଥିଲେ। ତେବେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପରେ ରାଜନୈତିକ ସମୀକରଣ ବଦଳି ଯାଇଥିବା ଚର୍ଚ୍ଚା ହେଉଛି। ବେଙ୍ଗଲରେ ମମତା ବାନାର୍ଜୀ କ୍ଷମତାଚ୍ୟୁତ ହୋଇଛନ୍ତି। ତାମିଲନାଡୁରେ ଷ୍ଟାଲିନ ବି ନିଜ ସରକାର ବଜାୟ ରଖିପାରି ନାହାନ୍ତି। ଏଭଳି ପରିପ୍ରେକ୍ଷୀରେ ରେଓ୍ୱନ୍ତଙ୍କ ଘୋଷଣାକୁ ରାଜନୈତିକ ବିଶ୍ଳେଷକମାନେ ଗୁରୁତ୍ୱର ସହ ନେଇଛନ୍ତି।

## ୨୦ ହଜାର ଟନ୍ ଏଲପିଜି ଧରି ପହଞ୍ଚିଲା ସିମି

ନୂଆଦିଲ୍ଲୀ,୧୭।୫:ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ମାର୍ଶଲ ଆଇଲ୍ୟାଣ୍ଡସ୍‌ର ପତାକା ଥିବା ଏଲପିଜି ଟ୍ୟାଙ୍କର 'ସିମି' ରବିବାର ସକାଳେ ଗୁଜରାଟର କାଣ୍ଡଲା ସ୍ଥିତ ଦୀନଦୟାଲ ବନ୍ଦରରେ ଡକ୍ ହୋଇଛି। ଏହି ଜାହାଜ ମେ' ୧୩ ରେ ହର୍ମୁଜ ବାଟ ଦେଇ ବାହାରିଥିଲା। ଇଣ୍ଡିଆନ୍ ଅଏଲ କର୍ପୋରେସନ୍ (ଆଇଓସି) ଦ୍ୱାରା କତରର ରାସ ଲଫନା ଟର୍ମିନାଲରୁ କିଣା



ଯାଇଥିବା ଜାହାଜରେ ପ୍ରାୟ ୨୦ ହଜାର ଟପ୍ ଲିକ୍ୱିଡ୍ ପ୍ରୋପେନ୍ ଓ ବ୍ୟୁଟେନ୍(ରୋଷେଇ ଗ୍ୟାସ୍) ରହିଛି। ଜାହାଜରେ ଥିବା ସବୁ ୨୧ ବିଦେଶୀ କ୍ରୁ' ସୁରକ୍ଷିତ ଅଛନ୍ତି। ଆମେରିକା କଟକଣା ଏବଂ ଓମାନ ଉପକୂଳରେ ଇରାନର କଡା ପ୍ରହରା ପରେ ବି ଜାହାଜ ସୁରକ୍ଷିତ ବାହାରି ଆସିଛି। ଏଥିପାଇଁ ରଣନୈତିକ ଚେଷ୍ଟାର ସାହାରା ନେବାକୁ ପଡ଼ିଥିଲା। ବୁଧବାର କମ୍ବାଟ ଜୋନ୍‌ରୁ ବାହାର ଯାଉଥିବା ସମୟରେ ଜାହାଜ ରାଡାରର ନଜରରୁ ରକ୍ଷା ପାଇବା ପାଇଁ ନିଜର ଅଟୋମେଟିକ୍ ଆଇଡେଣ୍ଟିଫିକେସନ୍ ସିଷ୍ଟମ (ଏଆଇଏସ୍) ଟ୍ରାନ୍ସପୋଣ୍ଡର୍ସ ଅସ୍ଥାୟୀ ଭାବରେ ବନ୍ଦ କରି ଦିଆଯାଇଥିଲା ଏହି ରଣନୀତି କାରଣରୁ ଜାହାଜ ରାଡାର ଉପରେ ନଜର ରଖୁଥିବା ଯୁଦ୍ଧ କ୍ଷେତ୍ରକୁ ଚକମା ଦେଇ ଇରାନର ଲାରକ ଦ୍ୱୀପର ପୂର୍ବରେ ସୁରକ୍ଷିତ ଭାବରେ ପହଞ୍ଚିଥିଲା।

## ରାଜଧାନୀ ଏକ୍ସପ୍ରେସରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୧୭।୫:ରାଜଧାନୀ ଏକ୍ସପ୍ରେସରେ ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀ-ନିଜାମୁଦ୍ଦିନ ଯାଉଥିବା ଏକ୍ସପ୍ରେସ୍‌ର ଟ୍ରେନ୍‌ର ଦୁଇଟି କୋଚରେ ଅଗ୍ନିକାଣ୍ଡ ଘଟିଛି। ରବିବାର ସକାଳ ପ୍ରାୟ ୫ଟାରେ ଏହି ଘଟଣା ଘଟିଥିଲା। ଘଟଣା କୋଟା ରେଳ ଡିଭିଜନ ଅନ୍ତର୍ଗତ ରତଲାମ ଜିଲ୍ଲାର ଆଲୋଟ ଷ୍ଟେସନ ନିକଟରେ ବିକ୍ରମଗଡ଼ ଆଲୋଟ ଷ୍ଟେସନ ମଧ୍ୟରେ ଘଟିଛି। ସମସ୍ତ ଯାତ୍ରୀଙ୍କୁ ସମୟ ମଧ୍ୟରେ



ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଫଳରେ ଏକ ବଡ଼ ବିପର୍ଯ୍ୟୟ ଟାଳି ଦିଆଯାଇଛି। ବର୍ତ୍ତମାନ ଅଗ୍ନିକାଣ୍ଡ ଯୋଗୁଁ ଦିଲ୍ଲୀ-ମୁମ୍ବାଇ ରେଳ ରୁଟରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ବିଭିନ୍ନ ଷ୍ଟେସନରେ ଅନେକ ଟ୍ରେନ ଅଟକି ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଟ୍ରେନ୍ ଟି ଦ୍ରୁତ ଗତିରେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରେନ୍ ଗାର୍ଡ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖି ଇଞ୍ଜିନ୍ ଡ୍ରାଇଭରଙ୍କୁ ଏ ବିଷୟରେ ଜଣାଇଥିଲେ। ଏହା ପରେ ଟ୍ରେନଟିକୁ ଟ୍ରାକରେ ଅଟକାଇ ଦିଆଯାଇଥିଲା। ଆରପିଏଫ୍ କର୍ମଚାରୀମାନେ ଦାୟିତ୍ୱ ନେଇ ମାତ୍ର ୧୫ ମିନିଟ୍ ମଧ୍ୟରେ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା। ନିଆଁ ଲାଗିଥିବା କୋଚରେ ୬୮ ଜଣ ଯାତ୍ରୀ ଥିଲେ।

## ଯାତ୍ରୀବାହୀ ବସ୍‌କୁ ପିଟିଲା ଟ୍ରେନ୍ : ୮ ମୃତ



ବ୍ୟାଙ୍କକ, ୧୭।୫: ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ଶନିବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଓ ରେଳ ଦୁର୍ଘଟଣା ଘଟିଛି। ସହରର କେନ୍ଦ୍ରସ୍ଥଳରେ ଥିବା ଏକ ରେଳ କ୍ରସିଂରେ ଏକ ଦ୍ରୁତଗାମୀ ମାଲଗାଡ଼ି ଏକ ଯାତ୍ରୀବାହୀ ସରକାରୀ ବସ ସହ ଧକ୍କା ହୋଇଛି। ଏହି ଭୟାବହ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଯାତ୍ରୀ ଗୁରୁତର ହୋଇଛନ୍ତି। ବ୍ୟାଙ୍କକର ଜରୁରୀକାଳୀନ ସେବା ସଂସ୍ଥା 'ଏରାଓ୍ୱାନ ମେଡିକାଲ ସେଣ୍ଟର' ପକ୍ଷରୁ ମୃତାହତଙ୍କ ସଂଖ୍ୟା ନିଶ୍ଚିତ କରାଯାଇଛି । ମାଲଗାଡ଼ିଟି କମଳା ରଙ୍ଗର ବସକୁ ପ୍ରବଳ ଜୋରରେ ଧକ୍କା ଦେବା ସହ ଟ୍ରାକ୍ ଉପରେ କିଛି ବାଟ ଘୋଷାରି ନେଇଥିଲା। ଫଳରେ ବସରେ ନିଆଁ ଲାଗିଯାଇଥିଲା। ଥାଇଲ୍ୟାଣ୍ଡର ଉପ-ପରିବହନ ମନ୍ତ୍ରୀ ସିରିପୋଙ୍ଗ ଅଙ୍ଗକାସାକୁଲକିଆତ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଦୁର୍ଘଟଣା ବେଳେ କ୍ରସିଂ ପାଖରେ ଠିଆ ହୋଇଥିବା ଅନ୍ୟ ଗାଡ଼ିଗୁଡ଼ିକ ରାସ୍ତା ଉପରକୁ ଛିଟିକି ପଡୁଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖାଯାଉଛି।

## ଚୀନ୍‌ର ଉପହାର ଡଷ୍ଟବିନ୍‌କୁ ଫିଙ୍ଗିଲା ଟ୍ରମ୍ପ ଟିମ୍



ୱାଶିଂଟନ, ୧୭।୫: ବାଣିଜ୍ୟ ଓ ରେୟାର ଆର୍ଥ ଉପରେ ଏକ ଠୋସ୍ ଚୁକ୍ତି ଆଶା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଗସ୍ତରେ ଆସିଥିଲେ। ସୋୟାବିନ୍ ଓ ବୋଇଂ ବିମାନ ଉପରେ ଚୁକ୍ତିକୁ ବାଦ୍ ଦେଲେ ଟ୍ରମ୍ପ ଖାଲି ହାତରେ ବେଜିଂ ଛାଡ଼ିଛନ୍ତି। ଗତ ଶୁକ୍ରବାର ଟ୍ରମ୍ପ ଓ ତାଙ୍କ ଟିମ୍ ଏୟାର ଫୋର୍ସ ୱାନ୍ ବିମାନରେ ଫେରିବା ବେଳେ କୌଣସି ଗୋଟିଏ ଚୀନ୍ ସାମଗ୍ରୀ ସାଙ୍ଗରେ ଆଣିନାହାନ୍ତି। ଏପରିକି କୌଣସି ସ୍ମାରକୀ ମଧ୍ୟ ନୁହେଁ। ଟ୍ରମ୍ପଙ୍କ ସହିତ ଚୀନ୍ ଗସ୍ତରେ ଯାଇଥିବା ହ୍ୱାଇଟ୍ ହାଉସ୍ କର୍ମଚାରୀ ଓ ଆମେରିକୀୟ ରିପୋର୍ଟରଙ୍କ ସମେତ ଆମେରିକୀୟ ପ୍ରତିନିଧିମାନେ ସମସ୍ତ ଚୀନ୍ ଉପହାରକୁ ବିମାନ ନିକଟରେ ଥିବା ଡଷ୍ଟବିନ୍‌କୁ ଫିଙ୍ଗି ଦେଇଥିଲେ। ଦୁଇ ଦିନିଆ ଚୀନ୍ ଗସ୍ତରେ ଥିବା ଆମେରିକୀୟ ପ୍ରତିନିଧିମାନଙ୍କୁ ଚୀନ୍ କର୍ତ୍ତୃପକ୍ଷ ଉପହାର ସ୍ୱରୂପ ଯାହା ଦେଇଥିଲେ ସେସବୁକୁ ସେମାନେ ଡଷ୍ଟବିନ୍‌ରେ ଫିଙ୍ଗିଦେଇଛନ୍ତି। ଏହି ଉପହାର ମଧ୍ୟରେ ବର୍ନର ଫୋନ୍, ଲାପେଲ ବ୍ୟାଜ୍, ପ୍ରେସ୍ ନିମନ୍ତ୍ରଣ ଓ ସ୍ମାରକୀ ଆଦି ଥିଲା। ଏହା ପଛର କାରଣ ହେଉଛି ଚୀନ୍‌ର ସମ୍ଭାବ୍ୟ ଗୁପ୍ତଚର ନୀତି ଓ ଟ୍ରାକିଂର ପ୍ରତିରୋଧ। ଗୁପ୍ତଚର ରଣନୀତି ପାଇଁ ଚୀନ୍ ବେଶ ଜଣାଶୁଣା ଏବଂ ଆମେରିକା ସହିତ ତା'ର ଏହି ଖେଳ ଖୁବ୍ ପୁରୁଣା।

ଆମେରିକୀୟ ପ୍ରତିନିଧିମଣ୍ଡଳ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲା ଯେ, ଚୀନ୍‌ର କୌଣସି ସାମଗ୍ରୀ ବିମାନରେ ପ୍ରବେଶ କରିପାରିବ ନାହିଁ। ହ୍ୱାଇଟ୍ ହାଉସ୍ ସିକ୍ୟୁରିଟି ଓ ସିକ୍ରେଟ୍ ସର୍ଭିସ ଏହାକୁ ଲାଗୁ କରିଥିଲା। ନ୍ୟୁୟର୍କ ପୋଷ୍ଟର ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ଏମିଲି ଗୁଡିନ୍ ଟ୍ୱିଟ୍ ଜରିଆରେ ଏହା ଲୋକଲୋଚନକୁ ଆଣିଛନ୍ତି।

# ୟୁଏଇ ପରମାଣୁ ପ୍ଲାଣ୍ଟରେ ଡ୍ରୋନ୍ ଆକ୍ରମଣ

ଆବୁଧାବି, ୧୭।୫: ୟୁଏଇର ପରମାଣୁ ପ୍ଲାଣ୍ଟ ଉପରେ ବଡ଼ ଧରଣର ଡ୍ରୋନ୍ ଆଟାକ୍। ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ୟୁଏଇର ପ୍ରସିଦ୍ଧ ବାରାକା ଆଣବିକ ଶକ୍ତି କେନ୍ଦ୍ର ଉପରେ ରବିବାର ଏକ ଡ୍ରୋନ୍ ଆଟାକ୍ ହୋଇଛି। ଏହି ଆକ୍ରମଣ ଯୋଗୁଁ ପ୍ଲାଣ୍ଟ ପରିସର ବାହାରେ ଥିବା ଏକ ବାହ୍ୟ ବୈଦ୍ୟୁତିକ ଜେନେରେଟରରେ ନିଆଁ ଲାଗିଯାଇଥିଲା।



ଆବୁଧାବି ମିଡିଆ ଅଫିସର ସୂଚନା ଅନୁଯାୟୀ, ଆଲ୍ ଧାଫରା ଅଞ୍ଚଳରେ ଥିବା ଏହି ପ୍ଲାଣ୍ଟର ସୀମା ବାହାରେ ଘଟଣାଟି ଘଟିଥିବାରୁ ଜରୁରୀକାଳୀନ ସେବା ଟିମ୍ ତୁରନ୍ତ ନିଆଁକୁ ଆୟତ୍ତ କରିନେଇଛନ୍ତି। ଏଥିରେ କେହି ମୃତାହତ ହୋଇନଥିବା ସ୍ପଷ୍ଟ କରାଯାଇଛି।

ୟୁଏଇର ଆଣବିକ ନିୟାମକ ସଂସ୍ଥା 'ଫେଡେରାଲ୍ ଅଥରିଟି ଫର୍ ନ୍ୟୁକ୍ଲିୟର ରେଗୁଲେସନ୍ କହିଛି, ଏହି ଆକ୍ରମଣ ଯୋଗୁଁ ରେଡିଓ ଆକ୍ଟିଭ୍ ବା ବିକିରଣ ଜନିତ କୌଣସି ବିପଦ ସୃଷ୍ଟି ହୋଇନାହିଁ। ପ୍ଲାଣ୍ଟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ୍ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବେ କାମ କରୁଛି ଏବଂ ବାରାକାରେ ଥିବା ସମସ୍ତ ୪ଟି ଯାକ ରିଆକ୍ଟର ସୁରକ୍ଷିତ ଭାବେ ଚାଲୁ ରହିଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଡ୍ରୋନ୍ ମାଡ଼ ଯୋଗୁଁ ଭିତର ସୀମା ବାହାରେ ଥିବା ଜେନେରେଟରରେ ଲାଗିଥିବା ନିଆଁକୁ ପ୍ରଶାସନ ତୁରନ୍ତ ନିୟନ୍ତ୍ରଣ କରିଛି। ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

ଦକ୍ଷିଣ କୋରିଆର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବାରାକା ହେଉଛି ଆରବ ଜଗତର ପ୍ରଥମ ବାଣିଜ୍ୟିକ ଆଣବିକ ଶକ୍ତି କେନ୍ଦ୍ର। ଏହା ସମଗ୍ର ୟୁଏଇର ପ୍ରାୟ ୨୫% ବିଦ୍ୟୁତ ଆବଶ୍ୟକତା ପୂରଣ କରିଥାଏ। ଇରାନ ସଂଘର୍ଷ ସହ ଜଡ଼ିତ ଦୁର୍ବଳ ଅସ୍ତ୍ରବିରତି ଏବଂ ଚାଲିଥିବା ଆଞ୍ଚଳିକ ତିକ୍ତତା ମଧ୍ୟରେ ବାରାକା ପ୍ଲାଣ୍ଟକୁ ସିଧାସଳଖ ଟାର୍ଗେଟ କରାଯିବା ଏହା ପ୍ରଥମ ଘଟଣା। ତେବେ ଏହି ଡ୍ରୋନ୍ ଆକ୍ରମଣ ପଛରେ କେଉଁ ସଂଗଠନର ହାତ ଅଛି, ସେ ନେଇ ଏପର୍ଯ୍ୟନ୍ତ କେହି ଦାବି କରିନାହାନ୍ତି। ଆବୁଧାବି ସହର ଠାରୁ ପ୍ରାୟ ୨୫୦ କିଲୋମିଟର ପଶ୍ଚିମରେ ମରୁଭୂମି ଅଞ୍ଚଳରେ ଏହି ପ୍ଲାଣ୍ଟ ଅବସ୍ଥିତ। ପ୍ଲାଣ୍ଟ ଅପରେଟର 'ଏମିରେଟ୍ସ ନ୍ୟୁକ୍ଲିୟର ଏନର୍ଜି କର୍ପୋରେସନ' ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ପ୍ଲାଣ୍ଟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। କୌଣସି ପ୍ରକାରର କାଳ୍ପନିକ ଗୁଜବ ଉପରେ ବିଶ୍ୱାସ ନକରି କେବଳ ସରକାରୀ ଓ ପ୍ରମାଣିତ ସୂତ୍ର ଉପରେ ଭରସା ରଖିବାକୁ ଅଧିକାରୀମାନେ ଅନୁରୋଧ କରିଛନ୍ତି।

## ଖାଇକୁ ଖସିଲା କାର୍, ୨ ମୃତ

ଜମ୍ମୁ-କଶ୍ମୀର,୧୭।୫:ଜମ୍ମୁ କଶ୍ମୀର ପହଲଗାମରେ ଏକ ବଡ଼ ଦୁର୍ଘଟଣା। ଗୁଜରାଟରୁ କଶ୍ମୀର ବୁଲିବାକୁ ଯାଇଥିବା ପର୍ଯ୍ୟଟକଙ୍କ ଗାଡି ପହଲଗାମରେ ଖାଇରେ ଖସିପଡିଛି। ଫଳରେ ୨ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ଆହତ ରହିଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ବିଷୟରେ ସୂଚନା ପାଇବା ପରେ ପୋଲିସ ଏବଂ ଉଦ୍ଧାରକାରୀ ଟିମ୍ ଘଟଣା



ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗୁଜରାଟ ନିବାସୀ ଅଶୋକ ଭାଇ ଏବଂ ତାଙ୍କ ପତ୍ନୀ ନୈନା କଶ୍ମୀର ବୁଲିବାକୁ ଯାଇଥିଲେ। ସେମାନେ ପହଲଗାମରୁ ଅରୁ ଆଡକୁ ଆସୁଥିବା ବେଳେ କାର୍ ରାସ୍ତାକଡରୁ ଖାଇକୁ ଖସିପଡିଥିଲା। ଫଳରେ ଦମ୍ପତି ଦ୍ୱୟଙ୍କ ଜୀବନ ଚାଲିଯାଇଥିବା ବେଳେ କାର୍ ଡ୍ରାଇଭର ଗୁରୁତର ରହିଛନ୍ତି । ମୃତକଙ୍କ ପରିଚୟ ପାଇଁ ପୋଲିସ ପରିଜନଙ୍କୁ ଖବର ଦେଇଛି।

## ଚାଲାଣ ବେଳେ ମିଛ ନମ୍ବର ଦେଲେ ଜେଲ୍

ନୂଆଦିଲ୍ଲୀ,୧୭।୫:ଟ୍ରାଫିକ୍ ଚାଲାଣରୁ ବର୍ତ୍ତିବା ପାଇଁ ଭୁଲ୍ କିମ୍ବା ନକଲି ମୋବାଇଲ୍ ନମ୍ବର ଦେଉଥିବା ବ୍ୟକ୍ତିଙ୍କ ପାଇଁ ବଡ଼ ଝଟକା। ରାଜଧାନୀ ଦିଲ୍ଲୀରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ କେବଳ ଜରିମାନା ଦେବାକୁ ପଡ଼ିବ ନାହିଁ। ମିଛ ତଥ୍ୟ ଦେଲେ ଜେଲ୍ ଯିବାକୁ ପଡ଼ିପାରେ। ଇ-ଚାଲାଣ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଶକ୍ତିଶାଳୀ କରିବା ପାଇଁ ଦିଲ୍ଲୀ ଟ୍ରାଫିକ୍ ପୋଲିସ



ପକ୍ଷରୁ ଡାଟା ଭେରିଫିକେସନ୍ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରାଯାଇଛି। ଅନେକ ସମୟରେ ଚାଳକମାନେ ଟ୍ରାଫିକ୍ ପୋଲିସ ହାତରେ ଧରାପଡ଼ିବା ପରେ ନୋଟିସ୍ ଏବଂ ଜରିମାନାରୁ ବଞ୍ଚିବା ପାଇଁ ଅନ୍ୟ କାହାର କିମ୍ବା ଅଚଳ ମୋବାଇଲ୍ ନମ୍ବର ଲେଖାଇ ଦେଉଥିଲେ। ଏହାକୁ ବନ୍ଦ କରିବା ପାଇଁ ଦିଲ୍ଲୀ ପୋଲିସ ଏବେ ଅନ୍-ଦି-ସ୍ପଟ୍ ଓଟିପି ଭେରିଫିକେସନ୍ ବ୍ୟବସ୍ଥା ଆରମ୍ଭ କରିଛି। ପୋଲିସ ଅଧିକାରୀ ଚାଳକଙ୍କ ନମ୍ବର ନେଇ ତାଙ୍କ ମୋବାଇଲକୁ ଓଟିପି ପଠାଇବେ। ଓଟିପି ଯାଞ୍ଚ ହେବା ପରେ ଚାଲାଣ ପ୍ରକ୍ରିୟା ଶେଷ ହେବ। ଭୁଲ୍ ନମ୍ବର, ନକଲି ଠିକଣା କିମ୍ବା ମିଛ ପରିଚୟ ପତ୍ର ଦେବା କେବଳ ଟ୍ରାଫିକ୍ ନିୟମର ଉଲ୍ଲଂଘନ ନୁହେଁ, ବରଂ ଏହାକୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ଏବଂ ଜାଲିଆତି ମାମଲା ଭାବେ ଗଣ୍ୟ କରାଯିବ। ଯାଞ୍ଚ ବେଳେ କାହାର ତଥ୍ୟ ମିଛ ପ୍ରମାଣିତ ହୁଏ, ତେବେ ମାମଲା କୋର୍ଟକୁ ଯିବ ଏବଂ ଜେଲ୍ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିବ।

### ସାଇନ୍ସ ଆଡଭାନ୍ସ ଜର୍ଣ୍ଣାଲର ଚିନ୍ତାଜନକ ତଥ୍ୟ

# ଧ୍ୱଂସ ହେବ ନଦୀଭିତ୍ତିକ ମାନବ ସଭ୍ୟତା!

ନୂଆଦିଲ୍ଲୀ,୧୭।୫: ବିଶ୍ୱ ତାପନ ଯୋଗୁଁ ନଦୀଗୁଡ଼ିକ ଧୀରେ ଧୀରେ ଅମ୍ଳଜାନ ହରାଉଛନ୍ତି। ଏହାମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କୁ ବିପଦରେ ପକାଇଛି ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡିଛି। ଚୀନର ଗବେଷକମାନେ ୧୯୮୫ ମସିହାରୁ ଏ ପର୍ଯ୍ୟନ୍ତ ଉପଗ୍ରହ ଚିତ୍ର ଓ କୃତ୍ରିମ ବୁଦ୍ଧିମତ୍ତା ଜରିଆରେ ବିଶ୍ୱର ପ୍ରାୟ ୨୧ ହଜାରରୁ ଅଧିକ ନଦୀର ଅମ୍ଳଜାନ ସ୍ତରକୁ ବିଶ୍ଳେଷଣ କରି ଏହା ପ୍ରକାଶ କରିଛନ୍ତି।



## ବିଶ୍ୱ ତାପନ ଲାଗି ନଦୀରୁ ହ୍ରାସ ପାଉଛି ଅମ୍ଳଜାନ

## ବିଲୁପ୍ତ ହୋଇଯିବେ ମାଛ ଭଳି ବହୁ ଜଳଜୀବନ

ସାଇନ୍ସ ଆଡଭାନ୍ସ ଜର୍ଣ୍ଣାଲରେ ଶୁକ୍ରବାର ପ୍ରକାଶିତ ଏକ ଅଧ୍ୟୟନ ଭିତ୍ତିକ ଆର୍ଟିକିଲ ଅନୁସାରେ, ୧୯୮୫ ମସିହାରୁ ଅମ୍ଳଜାନ ସ୍ତର ହାରାହାରି ୨.୧ ପ୍ରତିଶତ ହ୍ରାସ ପାଇଛି। ଏହା ଯଦି ଜାରିରହେ କିମ୍ବା ଏହାର ବେଗ ଯଦି ଦ୍ରୁତ ହୁଏ, ତେବେ ପୂର୍ବ ଯୁକ୍ତରାଷ୍ଟ୍ର, ଭାରତ ଭଳି ବହୁ ରାଷ୍ଟ୍ରର ନଦୀ ସମ୍ପଦକୁ କ୍ଷତି ପହଞ୍ଚାଇବ।

ବୈଜ୍ଞାନିକମାନେ କହିଛନ୍ତି ଯେ, ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନର ନିୟମ ଅନୁଯାୟୀ ଗରମ ପାଣି କମ୍ ଅମ୍ଳଜାନ ଧରି ରଖେ। ଗରମ ପାଣି ଜଳରୁ ଅମ୍ଳଜାନ ଶୋଷି ବାୟୁମଣ୍ଡଳକୁ ନେଇଯାଏ। ଯଦି ଅମ୍ଳଜାନ ହ୍ରାସ ହାର ବର୍ତ୍ତମାନର ଗତିରେ ଜାରି ରହେ ତା'ହେଲେ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱର ନଦୀଗୁଡ଼ିକ ହାରାହାରି ୪ ପ୍ରତିଶତ ଅତିରିକ୍ତ ଅମ୍ଳଜାନ ହରାଇବେ। କେତେକ କ୍ଷେତ୍ରରେ ଏହା ୫ ପ୍ରତିଶତ ହେବାର ସମ୍ଭାବନା ରହିଥିବା ନାନଜିଂସ୍ଥିତ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସର ପରିବେଶ ବୈଜ୍ଞାନିକ କ୍ୱି ଗୁଆନ କହିଛନ୍ତି। ଏହା ନଦୀ ସମ୍ପଦ ସହିତ ନଦୀ ଉପରେ ନିର୍ଭରଶୀଳ ଲୋକଙ୍କ ପାଇଁ ଜୀବନଜୀବିକାର ପ୍ରଶ୍ନ ସୃଷ୍ଟିକରିବ। ମେକ୍ସିକୋ ଉପସାଗର, ଚେସାପିକ ସାଗର ଏବଂ ଏରି ଭଳି ହ୍ରଦରେ ଅମ୍ଳଜାନ ସ୍ତର ହ୍ରାସ ପାଇଥିବା ଦେଖାଯାଇଛି। ଗୁଆନ୍ କହିଛନ୍ତି ଯେ ସେ ବିଶେଷକରି ବ୍ରାଜିଲର ଆମାଜନ ଭଳି ଉଷ୍ଣକଟିବନ୍ଧୀୟ ନଦୀ ବିଷୟରେ ଚିନ୍ତିତ ଅଛନ୍ତି। ୧୯୮୦ ମସିହାରୁ ଆମାଜନରେ ଡେଡ୍ ଜୋନ୍ ସ୍ପଟ୍ ବୃଦ୍ଧି ପାଇବାରେ ଲାଗିଛି। ନେଦରଲ୍ୟାଣ୍ଡର ଉଟ୍ରେକ୍ଟ ବିଶ୍ୱବିଦ୍ୟାଳୟର ଜଳ ବିଜ୍ଞାନ ପ୍ରଫେସର ମାର୍କ ବିଏର୍କେନସ୍ କହିଛନ୍ତି ଯେ, ଗତବର୍ଷ ସେ ଏବଂ ତାଙ୍କ ସହକର୍ମୀମାନେ କରିଥିବା ଏକ ଅଧ୍ୟୟନରୁ ବିଶ୍ୱର ନଦୀଗୁଡ଼ିକରେ ଅମ୍ଳଜାନ ଚାପ ପ୍ରତି ଦଶନ୍ଧିରେ ୧୩ ଦିନ ବୃଦ୍ଧି ପାଇଥିବା ଏବଂ ୧୯୮୦ ମସିହାରୁ ପ୍ରତି ଦଶନ୍ଧିରେ ପ୍ରାୟ ତିନି ଦିନ ଡେଡ୍ ଜୋନ୍ ଘଟଣା ବୃଦ୍ଧି ପାଇଥିବା ଜଣାପଡିଛି। ଅତ୍ୟଧିକ ସାର ଓ ରାସାୟନିକ ପ୍ରଭାବ, ସହରାଞ୍ଚଳ ବୃଦ୍ଧି, ଡ୍ୟାମ୍ ନିର୍ମାଣ ଓ ପବନ ସମସ୍ୟା ପାଇଁ ଏଭଳି ବିଲକ୍ଷଣ ଦେଖାଯାଉଛି ବୋଲି ଗବେଷକମାନେ କହିଛନ୍ତି।

## ୨୦ରେ ପୁଟିନଙ୍କ ଚୀନ୍ ଗସ୍ତ



ବେଜିଂ,୧୭।୫:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତ ପରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂ ଯିବେ ବୋଲି ଉଭୟ ଦେଶ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରିପୋର୍ଟ ଅନୁସାରେ, ପୁଟିନ ମେ ୧୯-୨୦ ତାରିଖ ମଧ୍ୟରେ ବେଜିଂରେ ରହିବେ। ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଉଛନ୍ତି। ଏହା ଚଳିତବର୍ଷ ପୁଟିନଙ୍କର ପ୍ରଥମ ବିଦେଶ ଯାତ୍ରା ହେବ। ସେଠାରେ ସେ ଜିନପିଙ୍ଗଙ୍କ ସହିତ ପରମାଣୁ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ବୁଝାମଣା ନେଇ ଆଲୋଚନା କରିପାରନ୍ତି। ଏହାଛଡା ସେ ଚୀନର ପ୍ରଧାନମନ୍ତ୍ରୀ ଲି କିୟାଙ୍ଗଙ୍କୁ ଅଲଗା ଭାବେ ଭେଟିବେ। ଉଭୟଙ୍କ ମଧ୍ୟରେ ବେପାର ଏବଂ ଆର୍ଥିକ ସହଯୋଗ ପ୍ରସଙ୍ଗରେ ଚର୍ଚ୍ଚା ହେବ। ଏହି ଗସ୍ତକୁ ନେଇ ଚୀନ ମିଡିଆରେ ବେଶ୍ ଚର୍ଚ୍ଚା ଚାଲିଛି। ତାକୁ ଟ୍ରମ୍ପଙ୍କ ଗସ୍ତଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବେ ଦର୍ଶାଯାଉଛି। ଟ୍ରମ୍ପଙ୍କ ପରେ ଏବେ ପୁଟିନଙ୍କ ଗସ୍ତକୁ ନେଇ ରାଜନୈତିକ ସ୍ତରରେ ଆଲୋଚନା ଆରମ୍ଭ ହୋଇଛି। ବିଶ୍ଳେଷକମାନେ କହିଛନ୍ତି ଯେ, ଚୀନ ଏହାଦ୍ୱାରା ଏକସଙ୍ଗରେ ଆମେରିକା ଏବଂ ରୁଷ୍ ସହ ସମ୍ପର୍କକୁ ସନ୍ତୁଳିତ କରିବାକୁ ଉଦ୍ୟମ କରୁଛି।

## କୁଖ୍ୟାତ ଗୋରୁ ବେପାରୀ ଗିରଫ



ରାଇଘର,୧୭।୫ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରେ ଦୀର୍ଘଦିନ ଧରି ସକ୍ରିୟ ଥିବା ଜଣେ କୁଖ୍ୟାତ ଗୋରୁ ବେପାରୀଙ୍କୁ ପୁଲିସ ଗିରଫ କରିଥିବା ସୂଚନା ମିଳିଛି। ଅଭିଯୁକ୍ତଙ୍କ ନାମରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୬ଟି ମାମଲା ରହିଥିବା ଜଣାପଡିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୀର୍ଘ ସମୟ ଧରି ଗୋରୁ ଚାଲାଣ ଚକ୍ର ସହ ଜଡିତ ଥିଲେ । ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୧୫୦ଟି ଗୋରୁ ଚାଲାଣ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଉଠିଥିଲା । ଏହାକୁ ନେଇ ପୁଲିସ ଗୁପ୍ତରେ ଭାବେ ତଦନ୍ତ ଚାଲାଇଥିବା ବେଳେ, ଶେଷରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ତଦନ୍ତରୁ ଜଣାପଡିଛି ଯେ, ଗୋରୁଗୁଡିକୁ ରାତିର ଅନ୍ଧାରରେ ବିଭିନ୍ନ ରୁଟ୍ ଦ୍ୱାରା ଅନ୍ୟ ଜିଲ୍ଲା ଓ ରାଜ୍ୟକୁ ଚାଲାଣ କରାଯାଉଥିଲା। ଏହି ରାକେଟରେ ଜଡିତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ



ନୀଳଗିରି,୧୭।୫ (ସଂଚାର ବ୍ୟୁରୋ): ଗତକାଲି ରାତି ପ୍ରାୟ ୧୦ଟା ସମୟରେ ନୀଳଗିରି ଥାନା ଅଧିନସ୍ଥ ରାଉଳ ଖୁଣ୍ଟା ଗ୍ରାମର ରଜତ ସିଂଙ୍କ ଧର୍ମପତ୍ନୀ ମାମୁନି ଟୁଡୁ ରାତିରେ ଖାଇ ଶୋଇଥିବା ବେଳେ ହଠାତ ଉକ୍ତ ଗ୍ରାମ ସୁଜୟ ମହାନ୍ତି, ସନ୍ଦିପ ବାରିକ ଏବଂ ତାଙ୍କ ସହଯୋଗୀମାନେ ରଜତ ସିଂଙ୍କ ଘରବାଡ଼ିରେ ଜୋର ଜବରଦସ୍ତ ପଶି ଜୀବନକୁ ମାରିଦେବାକୁ ଉଦ୍ୟମ କରିଥିଲେ। ମାମୁନି ଜୀବନ ବିକଳରେ ୧୧୨ ଟୋଲ ଫ୍ରି ନମ୍ବରରେ ଫୋନ କରିଥିଲେ। ସ୍ଥାନୀୟ ଶଶ୍ରପୁର ଫାଣ୍ଡିରୁ ପୁଲିସ କର୍ମଚାରୀ ରାତ୍ରି ୧୨ଟା ସମୟରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ବେଳେ ଅଭିଯୁକ୍ତମାନେ ଛୁ ମାରିଥିଲେ। ଅପରପକ୍ଷେ ଆଜି ତାଙ୍କୁ ମାରିବା ଉଦ୍ଦେଶ୍ୟରେ ପଛପଟ ଗାଡିରେ ଧକ୍କା ଦେଇଥିବା ଯୋଗୁଁ ତାଙ୍କର ଗାଡି ଭାଙ୍ଗିବା ସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ନେଇ ସୁଜୟ ମହାନ୍ତି ପାଲଟା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ୨ଟି ଅଭିଯୋଗ ପାଇ ପ୍ରକୃତ ଘଟଣା କଣ ସବୁ ଦିଗକୁ ଦେଖି ତଦନ୍ତ ଜାରି ରଖିଛି।

## କୋଇଲା ବ୍ୟବସାୟୀଙ୍କ ଘର ଉପରେ ଗୁଳିମାଡ଼



ସୁନ୍ଦରଗଡ଼,୧୭।୫ (ସଂଚାର ବ୍ୟୁରୋ): ବିଶିଷ୍ଟ କୋଇଲା ବ୍ୟବସାୟୀଙ୍କ ଘର ଉପରେ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି। ସୁନ୍ଦରଗଡ଼ ସହରରେ ବିଳମ୍ବିତ ରାତିରେ ଘଟିଥିବା ଏହି ଗୁଳିକାଣ୍ଡ ସମଗ୍ର ଅଞ୍ଚଳରେ ଚଞ୍ଚଳ୍ୟ ସୃଷ୍ଟି କରିଛି। ଜିଲ୍ଲାର ବିଶିଷ୍ଟ କୋଇଲା ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କ ଘର ଉପରକୁ କିଛି ଦୁର୍ବୃତ୍ତ ଗୁଳି ଚାଳନା କରିଥିବା ସୂଚନା ମିଳିଛି। ଘଟଣାରେ କେହି ଆହତ ହୋଇନଥିବା ବେଳେ ଘର ସାମ୍ନାରେ ଥିବା ସୁରକ୍ଷାକର୍ମୀ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ କେଉଁ କାରଣରୁ ଏଭଳି ଗୁଳି ଚାଳନା କରିଛନ୍ତି ତାହା ବର୍ତ୍ତମାନ ସୁଦ୍ଧା ତଥ୍ୟ ମିଳି ନାହିଁ କିନ୍ତୁ ଖଣି ଅଞ୍ଚଳରେ ଗାଡ଼ି ଏଣ୍ଟ୍ରି ଓ କୋଇଲା ବ୍ୟବସାୟକୁ କେନ୍ଦ୍ର କରି ଏହି ଗୁଳିମାଡ଼ ଘଟିଥିବା ଆଶଙ୍କା କରାଯାଉଛି। ଗୁଳିମାଡ଼ ପରେ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଖୋକା ଜବତ କରାଯାଇଥିବା ବେଳେ ଗୁଳିମାଡ଼ରେ କେହି ଆହତ ହୋଇନଥିବା ସୂଚନା ମିଳିଛି।

## ଜଗନ୍ନାଥ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

### ଗୌତମ ସଭାପତି, ବିଶ୍ୱରଞ୍ଜନ ସମ୍ପାଦକ

ପାରାଦୀପ,୧୭।୫ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘ କର୍ମକର୍ତା ନିର୍ବାଚନ ଶେଷ ହୋଇଛି | ୨୦୦୨୬-୨୮ ଅବଧି ପାଇଁ ସରିଥିବା ନିର୍ବାଚନରେ ଆଜି ସଭାପତି ଭାବେ ଗୌତମ କୁମାର ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ସୁଧୀର କୁମାର ଜେନାଙ୍କୁ ୧୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି | ଗୌତମ ୨୭୭ ଖଣ୍ଡ ଭୋଟ ପାଇଥିବା ବେଳେ ସୁଧୀର ୨୬୦ ଖଣ୍ଡ ଭୋଟ ପାଇଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର ତାଙ୍କର ନିକତମ ପ୍ରତିଦ୍ୱନ୍ଦୀ ଆଶୁତୋଷ ସ୍ୱାଇଁଙ୍କୁ ୩୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି | ସରୋଜ ୨୮୨ ଖଣ୍ଡ ଭୋଟ ପାଇଥିବା ବେଳେ ଆଶୁତୋଷ ୨୫୨ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ଭାବେ ଭଗବାନ ସ୍ୱାଇଁ ତାଙ୍କର ନିକତମ ପ୍ରତିଦ୍ୱନ୍ଦୀ ମାନସ ପାତ୍ରଙ୍କୁ ୩୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି | ଭଗବାନ ୨୮୭ ଖଣ୍ଡ ଭୋଟ ପାଇଥିବା ବେଳେ ମାନସ ୨୪୯ ଖଣ୍ଡ ଭୋଟ ପାଇଛନ୍ତି |

ସମ୍ପାଦକ ଭାବେ ବିଶ୍ୱରଂଜନ ପଲାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ରଞ୍ଜନ କୁମାର ଧଳଙ୍କୁ ୪୦ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି | ବିଶ୍ୱରଂଜନ ୨୮୮ ଖଣ୍ଡ ଭୋଟ ପାଇଥିବା ବେଳେ ରଞ୍ଜନ ୨୪୮ ଖଣ୍ଡ ଭୋଟ ପାଇଛନ୍ତି | ସହ ସମ୍ପାଦକ ଭାବେ ମନୋଜ କୁମାର ବିଶ୍ୱାଳ ତାଙ୍କର ଦୁଇ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରହ୍ଲାଦ ଜେନା ଏବଂ ରତ୍ନାକର ଜେନାଙ୍କୁ ୧୦୮ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି | ମନୋଜ ୨୭୨ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରହ୍ଲାଦ ୯୮ ଖଣ୍ଡ ଓ ରତ୍ନାକର ୧୬୪ ଖଣ୍ଡ ଭୋଟ ପାଇଛନ୍ତି | କୋଷାଧ୍ୟକ୍ଷ ଭାବେ ବଳରାମ ଦାଶ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭରଦ୍ୱାଜ ସାହୁଙ୍କୁ ୧୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ବଳରାମ ୨୬୯ ଖଣ୍ଡ ଭୋଟ ପାଇଥିବା ବେଳେ ଭରଦ୍ୱାଜ ୨୫୪ ଖଣ୍ଡ ଭୋଟ ପାଇଛନ୍ତି | ମୋଟା ୫୫୬ ଜଣଙ୍କ ମଧ୍ୟରୁ ୫୩୮ ଜଣ ଭୋଟର ସେମାନଙ୍କର ଭୋଟ ଦାନ କରିଥିଲେ |

# ଅଣନିଶ୍ୱାସୀ କରୁଛି ବେଆଇନ ଇଟା ଭାଟି

## ପ୍ରଦୂଷଣରେ ଆକ୍ରାମାକ୍ରା କେନ୍ଦ୍ରାପଡ଼ାବାସୀ

କେନ୍ଦ୍ରାପଡ଼ା,୧୭।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ନାଲି ଇଟା ନିର୍ମାଣ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। କେନ୍ଦ୍ରାପଡ଼ା ଜିଲ୍ଲାରେ ଇଟା ଭାଟି ସାଜିଛି ଚିନ୍ତାର କାରଣ। ପ୍ରଦୂଷଣ କାରଣରୁ ନାଲି ଇଟା ନିର୍ମାଣ ଉପରେ ପ୍ରଶାସନ ଏବଂ ପ୍ରଦୂଷଣ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ରାଜସ୍ୱ ବିଭାଗ ମଧ୍ୟ କଡ଼ା ତାଗିଦ କରିଛି। ଏହା ସତ୍ତ୍ୱେ ଜିଲ୍ଲାର ୯ଟି ବ୍ଲକରେ ଇଟା ଭାଟିରେ ବେଆଇନ ଭାବେ ନାଲି ଇଟା ତିଆରି ଚାଲିଥିବା ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସାଧାରଣ ଲୋକ ଏବଂ ସାମାଜିକ କର୍ମୀ।

ବିଶେଷ କରି ଜିଲ୍ଲାର ଗରଦପୁର ତହସିଲ ଅଧିନରେ ଥିବା ପାଟକୁରା , ପାଖଡ ଆଦି ପଞ୍ଚାୟତରେ ନିର୍ଭୟରେ ଇଟା ମାଫିଆ ଇଟା ଭାଟି ଲଦି ଚାଲିଛନ୍ତି । ସେହିଭଳି ମହାକାଳପଡ଼ା ତହସିଲ ଅଧିନରେ ଥିବା ତିଖିରୀ ଅଞ୍ଚଳରେ ମଧ୍ୟ ଶତାଧିକ ଇଟା ଭାଟି ଧୂଆଁ ଜନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ଡେରାବିଶ ଅଞ୍ଚଳରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଶାସନ ରୋକ ଲଗାଇବା କଥା କହୁଥିବା ବେଳେ ମାଫିଆ କିନ୍ତୁ ସବୁ ନିର୍ଦ୍ଦେଶକୁ ଫୁ କରି ଉଡ଼ାଉଛନ୍ତି ।



କେନ୍ଦ୍ରାପଡ଼ା ଜିଲ୍ଲାରେ ଚିମିନି ଭାଟିକୁ ବାଦ ଦେଲେ, ନାଲି ଇଟା ନିର୍ମାଣକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରାଯାଇଛି। ନାଲି ଇଟା ପାଇଁ ମୃତ୍ତିକାର ଆବଶ୍ୟକତା ରହିଥିବାରୁ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏହା ଉପରେ ରୋକ ଲଗାଯାଇଛି। ମାଟି, ବାଲି, ପାଣି ସୁରକ୍ଷା ମଞ୍ଚର ଆବାହକ ବିଧୁଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି," କଟକଣା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଚୁର ପରିମାଣର ନାଲି ଇଟା ତିଆରି କରାଯାଉଛି । କେନ୍ଦ୍ରାପଡା ଜିଲ୍ଲାରେ ୭ଟି ନଦୀ ଓ ୨୭ଟି ଉପନଦୀ କୂଳରେ ହିଁ ଇଟା ଭାଟି ରହିଛି ।

ନାଲି ଇଟା ବିରୋଧରେ ସ୍ୱର ଉଠାଇ ଆସୁଛନ୍ତି ସ୍ଥାନୀୟ ଜନ ସାଧାରଣ । ସମାଜସେବୀ ପ୍ରତାପ ମହାନ୍ତି କହିଛନ୍ତି," ନାଲି ଇଟାକୁ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି କାରଣ ଏହା ପରିବେଶକୁ ବହୁ ପ୍ରଭାବିତ କରୁଥିବା ବେଳେ ଏଥିରେ ଲଘୁ ଖଣିଜ ସମ୍ପଦ ବହୁଳ ଭାବରେ ବ୍ୟବହାର କରାଯାଉଛି । ଏହାଦ୍ୱାରା ବାୟୁ ଓ ଜଳ ପ୍ରଦୂଷଣ ହୋଇ ଲୋକଙ୍କୁ ଶ୍ୱାସ ଓ ଚର୍ମ ରୋଗ ହେଉଛି।

ନାଲି ଇଟା ଭାଟି ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ତାପମାତ୍ରା ବୃଦ୍ଧି ସହ ପରିବେଶ ପ୍ରଦୂଷିତ ହେଉଥିବା ପ୍ରସଙ୍ଗରେ ଜିଲ୍ଲାପାଳ ରଘୁରାମ ଆର ଆୟର କହିଛନ୍ତି ନାଲି ଇଟା ସମ୍ପର୍କିତ ସରକାରୀ ଗାଇଡଲାଇନକୁ ପୁନଃ ସମସ୍ତ ଅଧିକାରୀଙ୍କୁ ଅବଗତ କରାଇଛୁ । ପ୍ରଦୂଷଣ ବିଭାଗ ଏବଂ ରାଜସ୍ୱ ବିଭାଗ ନିୟମିତ ଚଢ଼ାଉ କରୁଛନ୍ତି। ତହସିଲଦାରମାନଙ୍କୁ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ମାଙ୍କଡ଼ ଓ ଷଣ୍ଢଙ୍କ ଉପଦ୍ରବ ଯୋଗୁଁ ଫସଲ କ୍ଷତି

## ଆବଶ୍ୟକ ପଦକ୍ଷେପ ପାଇଁ ଜିଲ୍ଲାପାଳଙ୍କୁ ଦାବି

କେନ୍ଦ୍ରାପଡ଼ା,୧୭।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ କୁରୁଜଙ୍ଗା ପାତର ବଡମଙ୍ଗରାଜପୁର, କୁରୁଜଙ୍ଗା, ଆମ୍ବୁରା, ମହେଶପୁର ଓ ନୁଆଗାଁ ସମେତ କୁଶିଆପାଳ ଗ୍ରାମପାତରେ ବିଭିନ୍ନ ଗ୍ରାମରେ ଷଣ୍ଢ ଓ ମାଙ୍କଡମାନଙ୍କ ଉତ୍ପାତ ଦିନକୁ ଦିନ ଅଧିକ ହେଲାଣି । ଫଳରେ ବିଲରେ ମୁଗ, ବିରି, ନଳିତା ଓ ପନିପରିବା ଫସଲ ନଷ୍ଟ ହେଉଛି । ବାଡି ବଗିଚାରେ ଆମ୍ବ, ପଣସ, ଅମୃତଭଣ୍ଡା ଓ ପିଜୁଳି ପ୍ରଭୃତି ମଧ୍ୟ ନଷ୍ଟ ହେବାରେ ଲାଗିଛି । ଏଥିପାଇଁ ଚାଷୀ ଆଉ ଚାଷ କରିବାକୁ ରାଜି ହେଉନାହାନ୍ତି । ଫସଲ ନହେବାରୁ ଦର ବୃଦ୍ଧି ଘଟୁଛି ।

ଗ୍ରାମାଳରେ ଲୋକମାନେ ନିଜ ବାଡିରେ ପନିପରିବା କରି ତାକୁ ବିକ୍ରୀକରି ଦୁଇପଇସା ରୋଜଗାର କରିବା ସହ ନିଜେ ମଧ୍ୟ ଖାଇଥାନ୍ତି। ଏହାସହ ଚାଷକାମ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ଷଣ୍ଢ ଓ ମାଙ୍କଡମାନଙ୍କ ଉତ୍ପାତ ଯୋଗୁଁ ଚାଷ ଓ ଫସଲ ଉଭୟ ନଷ୍ଟ ହେଉଛି । ଚାଷୀ ବାରମ୍ବାର କ୍ଷତି ସହୁଛି । ଏହି ଅଳରେ ଶହ ଶହ ମାଙ୍କଡ ରହି ଫସଲ ନଷ୍ଟ କରିବା ସହ ରାସ୍ତା ଅବରୋଧ କରି ଯାତାୟତରେ ବାଧା ଉପୁଜାଉଛନ୍ତି । ଏହାବ୍ୟତିତ ସେମାନେ ଲୋକଙ୍କ ଘରେ ପଶି ଖାଦ୍ୟ ଖାଇଦେବା ସହ କାମୁଡାକାମୁଡି କରୁଛନ୍ତି। ମାଙ୍କଡଙ୍କ ଆକ୍ରମଣରେ ବହୁ ଲୋକ କ୍ଷତାକ୍ତ ହେବା ସହ ଦୁଇଜଣ ମୃତ୍ୟୁବରଣ କରିସାରିଲେଣି।

ଅଳର ଗୋବରୀ ନଦୀ ପଠା ଜମିରେ ନଳିତା, ଧାନ, ମୁଗ, ବିରି, ଆଳୁ, ବାଇଗଣ, ଟମାଟୋ ଭଳି ଫସଲରେ ଶସ୍ୟଶ୍ୟାମଳା ହେଉଥିଲା । କିନ୍ତୁ ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ସେହି ଜମି ଆଜି ବେଣା ଜଙ୍ଗଲରେ ପରିଣତ ହୋଇଛି । ତେଣୁ ତୁରନ୍ତ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଗୋଲକ ଚନ୍ଦ୍ର ସାହୁ, କ୍ଷୀରୋଦ ଚନ୍ଦ୍ର ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ସିବିଏସଇ ବାଣିଜ୍ୟ ବିଭାଗର ଇଣ୍ଡିଆ ଟପ୍ପର ସମ୍ବର୍ଦ୍ଧିତ



ବାରିପଦା,୧୭।୫ (ସଂଚାର ବ୍ୟୁରୋ): ବାରିପଦା ବ୍ଲକ ଅନ୍ତର୍ଗତ କ୍ଷେତ୍ରପାଟଣା ଗ୍ରାମ (ମୁନିସୀବନ୍ଧ ନିକଟସ୍ଥ) ବାସିନ୍ଦା ଅଜିତ କୁମାର ପାଲବାବୁ ଓ ସୁମିତ୍ରା ପାଲବାବୁଙ୍କ ସୁପୁତ୍ରୀ ପ୍ରିୟା ପାଲବାବୁ ଚଳିତ ବର୍ଷ ସିବିଏସଇ ବାଣିଜ୍ୟ ବିଭାଗରେ ସର୍ବାଧିକ ନମ୍ବର ରଖି ଇଣ୍ଡିଆ ଟପ୍ପର ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଖବର ପାଇ ବାରିପଦାର ମାନବ ଧର୍ମ ସେବା ଟ୍ରଷ୍ଟ ତରଫରୁ ମୁଖ୍ୟ ଉପଦେଷ୍ଟା ସୋମନାଥ ସିଂହ, ପ୍ରତିଷ୍ଠାତା ନିରୋଜ କୁମାର ପୋଥାଳ, ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହିମାଂଶୁ ଶେଖର ପ୍ରହରାଜ ତାଙ୍କ ଘରକୁ ଯାଇ ପ୍ରିୟଙ୍କର ଏହି ଅଭୁତପୂର୍ବ ସଫଳତା ପାଇଁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରିୟା ଭବିଷ୍ୟତରେ ଜଣେ ସଫଳ ଚାଟାର୍ଡ଼ ଏକାଉଟେଣ୍ଟ ହେବେ ବୋଲି ଲକ୍ଷ୍ୟ ରଖିଥିବାବେଳେ ଟ୍ରଷ୍ଟର କର୍ମକର୍ତ୍ତାଗଣ ତାଙ୍କର ସଫଳତା କାମନା କରିଥିଲେ।

## ପୁଇଁତୋଳାରୁ ତାଇୱାନ୍: ଦେବାଶିଷଙ୍କ ସଫଳତାର ଯାତ୍ରା

ଛତ୍ରପୁର,୧୭।୫ (ସଂଚାର ବ୍ୟୁରୋ): ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଭଳି ଏକ ଛୋଟ ଗାଁରୁ ଅନ୍ତର୍ଜାତୀୟ ଶିକ୍ଷା ଓ ଗବେଷଣା ମଞ୍ଚ ପର୍ଯ୍ୟନ୍ତ ଦେବାଶିଷ ତରାଇଙ୍କ (୨୧) ଯାତ୍ରା ଆଜି ଅନେକ ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ପାଲଟିଛି।



ସୁରେନ୍ଦ୍ର କୁମାର ତରାଇ ଓ ଜୟନ୍ତୀ ତରାଇଙ୍କ ସୁଯୋଗ୍ୟ ସନ୍ତାନ ଦେବାଶିଷ ସାଧାରଣ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ପିଲାଦିନୁ ଶିକ୍ଷା ପ୍ରତି ଗଭୀର ଆଗ୍ରହ ରଖୁଥିଲେ। ସେ ଗଞ୍ଜାମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ପରେ କିଟ୍, ଭୁବନେଶ୍ୱରରେ ଯୁକ୍ତ ଦୁଇ ବିଜ୍ଞାନ ଶିକ୍ଷା ଗ୍ରହଣ କରିଥିଲେ।

ପରବର୍ତ୍ତୀ ସମୟରେ ସିୟୁଇଟି ପରୀକ୍ଷାରେ ସଫଳତା ହାସଲ କରି ସେ ବାୟୋଟେକ୍ନୋଲୋଜି ବିଷୟରେ ସ୍କଲାରସିପ୍ ସହିତ ସ୍ନାତକ ଶିକ୍ଷାରେ ଭର୍ତ୍ତି ହୋଇଥିଲେ।

ନିଜ ଶିକ୍ଷା ଯାତ୍ରାର ଦ୍ୱିତୀୟ ବର୍ଷରେ ସେ ଆନ୍ତର୍ଜାତୀୟ ଏକ୍ସଚେଞ୍ଜ୍ ସ୍କଲାରସିପ୍ ଅର୍ଜନ କରି ତାଇୱାନର ଉଚ୍ଚ ମାନ୍ୟତାପ୍ରାପ୍ତ ଜାତୀୟ ତାଇପେଇ ୟୁନିଭେର୍ସିଟି ରେ ପୂର୍ଣ୍ଣ ଅନୁଦାନ ସହିତ ଅଧ୍ୟୟନର ସୁଯୋଗ ପାଇଥିଲେ।

ତାଇୱାନ ପହଞ୍ଚିବା ପରେ ମଧ୍ୟ ସେ ନିଜ ପରିଶ୍ରମ ଓ ଦକ୍ଷତା ଦ୍ୱାରା ଅତ୍ୟନ୍ତ କମ ସମୟରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ ଚୟନିତ ହୋଇଥିଲେ। ବର୍ତ୍ତମାନ ସ୍ନାତକ ଶିକ୍ଷା ଶେଷ ହୋଇଥିବା ବେଳେ ସେ ନିଜ ଗବେଷଣା କାର୍ଯ୍ୟ ଜାରି ରଖି ଆନ୍ତର୍ଜାତୀୟ ମଞ୍ଚରେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ତାଙ୍କ ଏହି ସଫଳତା ଗଞ୍ଜାମ ଅଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛି।

## ଶ୍ରୀବଳଦେବଜୀଉ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ

# ପୋତାଗଲା ଅମଣିଆ ଭୋଗ, ତିନି ଘଣ୍ଟା ନୀତିକାନ୍ତି ବିଳମ୍ବ

କେନ୍ଦ୍ରାପଡ଼ା,୧୭।୫(ସଂଚାର ବ୍ୟୁରୋ): ଶ୍ରୀବଳଦେବଜହୀଉଙ୍କ ମନ୍ଦିରରେ ରବିବାର ଜଣେ ଅଣହିନ୍ଦୁ ମହିଳାଙ୍କ ପ୍ରବେଶକୁ ନେଇ ଅମଣିଆ ଭୋଗ ପୋତା ଯାଇଛି । ଏହାସହ ଶ୍ରୀଜୀଉଙ୍କ ନୀତି ତିନି ଘଣ୍ଟା ବିଳମ୍ବ ହୋଇଛି । ଏହି ଅଣହିନ୍ଦୁ ମହିଳା ଜଣଙ୍କ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ହୋଇଥିବା ବେଳେ ଗୋଆର ଜଣେ ଅଣହିନ୍ଦୁ ଯୁବକଙ୍କୁ ବିବାହ କରିଛନ୍ତି ବୋଲି ଜଣାପଡିଛି । ମହିଳା ଜଣଙ୍କ ବେକରେ ମଙ୍ଗଳସୂତ୍ର ସହ ଏକ କ୍ରସ ଚିହ୍ନଥିବା ଲକେଟ ପକାଇଥିଲେ । ଅପରାହ୍ନ ପ୍ରାୟ ୧୨ଟା ୧୫ରେ ସଂପୃକ୍ତ ମହିଳା ଜଣଙ୍କ ନିଜ ଭଉଣୀ ସହ ଝୁଲଣ ମନ୍ଦିରରେ ବସିଥିବା ବେଳେ କ୍ରସ ଲକେଟକୁ ଦେଖି ସେବାୟତମାନଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ସେବାୟତମାନେ ମହିଳାଙ୍କୁ ଅଟକାଇ ତାଙ୍କ ନାମ ପଚାରିଥିଲେ । ସେ ବେହେରା ସାଙ୍ଗିଆ ବୋଲି କହିଥିଲେ । ପରେ ସେବାୟତମାନେ ମହିଳାଙ୍କ ଆଧାର କାର୍ଡ ଯାଞ୍ଚ କରିବାରୁ ସେଥିରେ ତାଙ୍କ ସ୍ୱାମୀଙ୍କ ନାମ ଓ ସାଙ୍ଗିଆ ଅଣହିନ୍ଦୁ ବୋଲି ସ୍ପଷ୍ଟ ହୋଇଯାଇଥିଲା । ହେଲେ ମହିଳା ଜଣଙ୍କ ଗୋଆର ଜଣେ ଅଣହିନ୍ଦୁ ଯୁବକଙ୍କୁ ବିବାହ କରିଥିବାରୁ ତାଙ୍କ ପରମ୍ପରା ଅନୁଯାୟୀ କ୍ରସ ଚିହ୍ନ ପକାଇଥିବା ଶେଷରେ ସ୍ୱୀକାର କରିଥିଲେ । ସେବାୟତମାନେ ଉଭୟଙ୍କୁ ମନ୍ଦିର ପ୍ରଶାନକୁ ଜିମା ଦେଇଥିଲେ । ସେମାନେ ମନ୍ଦିର ପ୍ରଶାସନ ନିକଟରେ ନିଜର ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥନା କରିବାରୁ ସେମାନଙ୍କୁ ଛାଡି ଦିଆଯାଇଥିବା ସୂଚନା ମିଳିଛି।

## ମେଧାବୀ ଛାତ୍ରୀ ସ୍ମିତମ୍ ସୋନାଲିକା ପାଣି ସମ୍ବର୍ଦ୍ଧିତ



ଗରଦପୁର,୧୭।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୬୧ ରଖି ଏ୧ ଗ୍ରେଡ଼ ପାଇ ଉତ୍ତୀର୍ଣ୍ଣ ହୋଇଥିବା ଗରଦପୁର ବ୍ଲକ୍ ଅନ୍ତର୍ଗତ ପଂଚାୟତ ନାଗମଣି ହାଇସ୍କୁଲ ହରିଦାସପୁରର ମେଧାବୀ ଛାତ୍ରୀ ସ୍ମିତମ୍ ସୋନାଲିକା ପାଣି ବ୍ଲକ୍ ଟପର ହୋଇଛନ୍ତି । ସେ ଚଳିତ ବର୍ଷ ଏ୧ ଗ୍ରେଡ଼ ପାଇ ବ୍ଲକ୍ ଟପର ହୋଇ ଅଂଚଳର ଗୌରବ ଆଣିଥିବାରୁ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆଜି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି ଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟ ସଦସ୍ୟ ସ୍ୱରୂପ ମହାନ୍ତି କମଳ ମହାନ୍ତି, ସଂଯୁକ୍ତା ବିଶ୍ୱାଳ ଓ ରବି ନାରାୟଣ ତ୍ରିପାଠୀ ପ୍ରମୁଖ ମେଧାବୀ ଛାତ୍ରୀ ସ୍ମିତମ୍ ସୋନାଲିକା ପାଣିଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସନ୍ତରଣ ପ୍ରତିଯୋଗିତାରେ ଅନୁଷ୍କାଙ୍କ ସଫଳତା




ପୁରୀ,୧୭।୫ (ସଂଚାର ବ୍ୟୁରୋ): ୬୬ତମ ଓଡ଼ିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାର ମହିଳା ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ପୁରୀର ନୂତନ ସନ୍ତରଣବିତ୍ ଅନୁଷ୍କା ଶତପଥୀ ଉଲ୍ଲେଖନୀୟ ସଫଳତା ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିଜର ନିଷ୍ଠା ଓ ଅଦମ୍ୟ ପ୍ରୟାସ ବଳରେ ଅନୁଷ୍କା ଏହି ସଫଳତା ଅର୍ଜନ କରିଥିବାରୁ ପୁରୀ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

ଏହି ଇଭେଣ୍ଟରେ ଖୋର୍ଦ୍ଧାର ଅନ୍ତର୍ଜାତୀୟ ସନ୍ତରଣବିତ୍ ସୃଷ୍ଟି ଉପାଧ୍ୟାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କ୍ରୀଡ଼ା ଛାତ୍ରାବାସର ଆୟୁଶ୍ରୀ ଦତ୍ତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନୁଷ୍କା ଶତପଥୀ ତୃତୀୟ ସ୍ଥାନ ହାସଲ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର କୋଷାଧକ୍ଷ ବିଜୟ ଦୀକ୍ଷିତ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇ ପଦକ ଓ ପ୍ରମାଣପତ୍ର ବିତରଣ କରିଥିଲେ। ଅନୁଷ୍କାଙ୍କ ଏହି କୃତିତ୍ୱ ପାଇଁ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ଆକ୍ୱାଟିକ ସଂଘ ଅଭିନନ୍ଦନ ଓ ଶୁଭେଚ୍ଛା ଜଣେଇଛନ୍ତି।

## ଭଙ୍ଗାପୋଲରେ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ଯାତାୟାତ

ବାଲିଆପାଳ,୧୭।୫ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଜାମକୁଣ୍ଡାଠାରୁ ପାତ୍ରେଇ ଫେରି ଘାଟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ମଝିରେ ଏକ ପୋଲ ଭାଙ୍ଗିଯାଇଛି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ ଚାଲିଛି। ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଏହି ପୋଲଟି ୩ ବର୍ଷ ହେଲା ତଳକୁ ଦବି ଯାଇଛି। କେତେବେଳେ ତାହା ସମ୍ପୂର୍ଣ ଭାଙ୍ଗି ଯିବ କିଛି କହିହେବନି। ସେଇ ଭଙ୍ଗା ପୋଲ ଉପରେ ଜୀବନକୁ ପାଣି ଛଡ଼ାଇ ଲୋକେ ଯାତାୟାତ କରୁଛନ୍ତି।



ପାତ୍ରେଇ ଘାଟ ଦେଇ ଭୋଗରାଇକୁ ସଂଯୋଗ କରୁଥିବା ଏହା ମୁଖ୍ୟ ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ବିଶେଷ କରି ବାଲିଆପାଳ, ବସ୍ତା, ସଦର, ଭୋଗରାଇ ବ୍ଲକ୍‌ର ଲୋକଙ୍କ ସହିତ ପଶ୍ଚିମବଙ୍ଗର ଲୋକ ମଧ୍ୟ ଏଇ ରାସ୍ତା ଉପରେ ନିର୍ଭର କରନ୍ତି। ହେଲେ ବିକଳ୍ପ ରାସ୍ତା ନ ଥିବାରୁ ଏହି ରାସ୍ତା ଉପରେ ବାଇକ୍ ସମେତ ଟ୍ରାକ୍ଟର, କାର୍ ଭଳି ଯାନବାହାନ ମଧ୍ୟ ଯାତାୟାତ କରୁଛି। ଏ ବାବଦରେ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବସ୍ତା ବିଧାୟକ, ବାଲେଶ୍ୱର ସାଂସଦଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳିନି। ଏନେଇ ବିଭାଗୀୟ ଯନ୍ତ୍ରୀ ଭବେନ୍ଦ୍ର ନାଥ ଟୁଡୁଙ୍କୁ ପଚାରିବାରୁ ସେ କହିଲେ ଆମେ ନୂଆ ପୋଲ ପାଇଁ ପ୍ରସ୍ତାବ ପଠାଇଛୁ, ଉପରେ ମଞ୍ଜୁର ହେଲେ ହିଁ ପୋଲ ନିର୍ମାଣ ହେବା

# ରୋଜଗାର କମ୍, ଯନ୍ତ୍ରଣା ଅଧିକ

## ପେଟ ଉପରେ ପ୍ରହାର, କେମିତି ପୋଷିବୁ କୁଟୁମ୍ବ

## ତୈଳ ସଙ୍କଟ ସହ ଦର ବୃଦ୍ଧି ବାଧୁଛି

କାକଟପୁର/ଅସ୍ତରଙ୍ଗ,୧୭।୫ (ସଂଚାର ବ୍ୟୁରୋ): ଖରାରେ ସିଝୁଛି ଜୀବିକା । ତହ ତହ ଖରାରେ ଗ୍ରାହକଙ୍କୁ ଅପେକ୍ଷା କରି ରହିଲେ ମଧ୍ୟ ଭଡା ମିଳିବା କଷ୍ଟକର। ଆଉ ଏବେ ଦୁଃଖକୁ ଦ୍ୱିଗୁଣିତ କରିଛି ପେଟ୍ରୋଲ ଓ ଡିଜେଲ ଓ ପେଟ୍ରୋଲ ସମସ୍ୟା। ତେଲ ନ ମିଳିଲେ ଗାଡି ଗଡିବ କେମିତି, ଆଉ ପରିବାର ପେଟକୁ ଦୁଇ ମୁଠା କେମିତି ଯିବା ଗ୍ରାହକଙ୍କୁ ଅଧିକ ଭଡା ମାଗିଲେ ମଧ୍ୟ ମୁହଁ ଫେରାଉଛନ୍ତି।



ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ୩ଶହରୁ ଊର୍ଦ୍ଧ୍ୱ ଅଟୋ ଚାଳକ, ଅଟୋ ଚଲାଇଲେ ଚୁଲି ଜଳେ। ଏବେ ଆଶଙ୍କା ସଙ୍କଟରେ। ରୋଜଗାର ପ୍ରଭାବିତ। ଦୀର୍ଘ ଦୁଇ ବର୍ଷ ପାଖାପାଖି ହେବ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ବିଭିନ୍ନ ଗ୍ରାମକୁ ସରକାରୀ ବସ ଯାତାୟାତ କରୁଥିବାରୁ ଅଟୋ ଚାଳକ ରୋଜଗାର ଆଗଭଳି ଆଉ ନାହିଁ। ଅଟୋ ଅଛି କିନ୍ତୁ କେଉଁଠି ରାସ୍ତା କଡରେ ଠିଆ ହୋଇ ହୋଇ ଘରକୁ ଫେରୁଥିବା ବେଳେ ଅନେକ ଷ୍ଟାଣ୍ଡରେ ଗ୍ରାହକଙ୍କୁ ଅପେକ୍ଷା କରି କରି ଗୃହକୁ ଫେରୁଛନ୍ତି। ସ୍ଥିତି ଏମିତି ହୋଇଯାଇଛି ଅନେକ ଅଟୋ ଚାଳକ ଅଟୋ ବିକ୍ରି କରି ଆୟର ଅଲଗା ପନ୍ଥା କଲେଣି। ସରକାରୀ ବସ ବିଭିନ୍ନ ଗାଁକୁ ଯାତାୟାତ କରୁଥିବାରୁ ଅନେକ ଗ୍ରାହକ ଅଟୋ ରୁ ମୁହଁ ଫେରାଇ ନେଲେଣି।

ଅନ୍ୟପଟେ କିଛିଦିନ ହେବ ଦୁଃଖ ଉପରେ ଦୁଃଖ ଭଳି ଏବେ ତେଲ ସଙ୍କଟ ସହ ଦରବୃଦ୍ଧି ଅଟୋ ଚାଳକଙ୍କୁ ହରଡ଼ଘଣାରେ ପକାଇଛି। ଅସ୍ତରଙ୍ଗ ବ୍ଲକ ଅଂଚଳ ଅଟୋ ଚାଳକ ଅଜୟ ବେହେରା କହିଛନ୍ତି ତେଲ ଏବେ କିଛି ଦିନ ହେବ ମିଳୁନଥିବା ବେଳେ ଦର ମଧ୍ୟ ବୃଦ୍ଧି ପାଇଛି। ଦର ବଢ଼ାଇଲେ ଗ୍ରାହକ ହେଉନାହାନ୍ତି, ଆଉ ଦର କମାଇଲେ ପରିବାରକୁ ଅଣ୍ଟୁ ନାହିଁ। ଏହା ସହ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଏମାନଙ୍କ ଅଣ୍ଟାକୁ ମଧ୍ୟ ଭାଙ୍ଗିଦେଇଛି।

ଗୋଟିଏ ପଟେ ତେଲ ଅଭାବ ଅନ୍ୟ ପଟେ ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଚାଳକ। ଟାଙ୍କିରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବାରୁ ଆବଶ୍ୟକ ମୁତାବକ ତେଲ ମିଳୁନଥିବାରୁ ସଠିକ ଭାବେ ବେପାର କରି ପାରୁନାହାନ୍ତି। ସରକାରୀ ବିଧି ବ୍ୟବସ୍ଥାରେ କିଛି ସହଯୋଗ ନ ହେଲେ ଆଗାମୀ ଦିନରେ ପରିବାର ପାଇଁ ସମସ୍ୟା ହେବ ବୋଲି କହିଛନ୍ତି।

## ପାଇପ ଫାଟି ଦୂଷିତ ହେଉଛି ପାନୀୟ ଜଳ

### ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା



ମାହାଙ୍ଗା,୧୭।୫ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଉତ୍ତରସାହି ଛକ କୈଳାସ ବଳବନ୍ତରାୟ ବିଲ ନିକଟରେ ଥିବା ଭୂତଳ ପାଣି ପାଇପ ଫାଟି ପାଣି ବାହାରୁଥିବା ଦେଖିବାକୁ ମିଳୁଛି। ଏହା ବସୁଧା ପାନୀୟ ଜଳ ପ୍ରକଳ୍ପରୁ ଆସୁଥିବା ବେଳେ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଭୂତଳ ପାଇପ ଫାଟି ଯିବାରୁ ଏଥିରେ ଅଳିଆ ଆବର୍ଜନା ପ୍ରବେଶ କରିବା ସହ ପାଇପ ଫାଟି ଥିବା ସ୍ଥାନରେ ଥିବା ଖତ ଗଦାରୁ ମଧ୍ୟ ଅପରିଷ୍କାର ଜିନିଷ ମିଶୁଅଛି। ଯାହା ଫଳରେ ପାଣି ଦୁଷିତ ହେଉଅଛି।

ଏଥି ସହ ଏଠାରେ ପାଣି ବାହାରି ଲହଡି ମାରୁଅଛି। ଶ୍ରୀ ବଳବନ୍ତରାୟଙ୍କ ବିଲରେ ପାଣି ମାଡୁଥିବାରୁ ସେ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ସେହିପରି ଏହି ପଞ୍ଚାୟତର ମୂଳବସନ୍ତ ବୈଷ୍ଣବ ସାହି ପ୍ରଧାନଗର ଗଣେଶ ଛକ ନିକଟରେ ପାଇପ ଫାଟି ରାସ୍ତାରେ ପାଣି ଲହଡି ମାଡୁଛି। ଏହି ସ୍ଥାନରେ ପାଣି ଜମି ରହୁଥିବାରୁ ଯାତାୟତରେ ଅସୁବିଧା ହେବା ସହ ରାସ୍ତାରେ ଦୁର୍ଘଟଣା ମାନ ଘଟୁଛି। ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ମରାମତି ପାଇଁ ଦାବୀ ହୋଇଛି।




## ପାତ୍ରେଙ୍କ କଥାକୁ ବିଶ୍ୱାସ ନାହିଁ



ରାଜ୍ୟର ଯୋଗାଣ ମନ୍ତ୍ରୀ ହେଲେ କୃଷ୍ଣ ଚନ୍ଦ୍ର ପାତ୍ର। ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଠାରୁ ତେଲ ପର୍ଯ୍ୟନ୍ତ ଯୋଗାଣ ଦାୟିତ୍ୱ ତାଙ୍କ ବିଭାଗର। ଆଳୁ ସଙ୍କଟ ହେଉ କିମ୍ବା ପେଟ୍ରୋଲ, ପାତ୍ରେ ସବୁବେଳେ ବିଭାଗୀୟ ସମୀକ୍ଷା କରିବା ସହିତ ଲୋକଙ୍କୁ ସୂଚନା ଦେଇଥାନ୍ତି। ଏଥର ଲୋକେ ପେଟ୍ରୋଲ ଟିକେ ଗାଡିରେ ପକାଇବାକୁ ଖରା ତରାରେ ଛିଡା ହେଲାବେଳେ ପାତ୍ରେ ତେଲ ସମୀକ୍ଷା କଲେ। କହିଲେ ତେଲର ଅଭାବ ନାହିଁ। ଜମା ଗାଡିରେ ଅଧିକ ପକାଅ ନାହିଁ। ତେଲ କମ୍ପାନୀ ବାବୁମାନେ ବି ସମାନ କଥା କହିଲେ। ହେଲେ ଲୋକେ ପାତ୍ରେଙ୍କ କଥାକୁ ବିଶ୍ୱାସ କଲେନାହିଁ। ମନ୍ତ୍ରୀଙ୍କ କଥାକୁ ଓଲଟା ବୁଝିଲେ। ମନା କରିବାପରେ ବି ତେଲ ଟାଙ୍କିରେ ଧାଡି ଲଗାଇଲେ। ସେଦିନ ଟାଙ୍କିରେ ଧାଡିରେ ଛିଡା ହୋଇଥିବା ଜଣେ ଦୁଇ ଚକିଆ ବାବୁ କହୁଥିଲେ, ଏ ମନ୍ତ୍ରୀଙ୍କ କଥାକୁ ବିଶ୍ୱାସନାହିଁ। ଆଳୁ ସଙ୍କଟବେଳେ ଏମିତି କହିଥିଲେ। ଉତ୍ତରପ୍ରଦେଶରୁ ଟ୍ରେନରେ ଆଳୁ ଆଣିବେ ବୋଲି କହିଥିଲେ। ଆଳୁ ତ ଆସିଲା ନାହିଁ, ତାଙ୍କର ଆଳୁ ମାର୍କା କଥା କିନ୍ତୁ ଲୋକେ ମନେ ରଖିଲେ। ଧାନ ବିକ୍ରି ବେଳେ ବି ସମାନ ପ୍ରକାର କଥା। ତେଣୁ ତେଲ ବେଳକୁ ଯେତେ ଯାହା କହିଲେ ବି ପାତ୍ରେଙ୍କ କଥାକୁ ଆଉ ବିଶ୍ୱାସ ନାହିଁ। ଧାଡିରେ ଛିଡା ହୋଇଥିବା ବାବୁ ଜଣଙ୍କ ଗୋଟିଏ ନିଶ୍ୱାସରେ ଏତିକି କହିଲାବେଳକୁ ଅନ୍ୟମାନେ ସେଠାରେ ତାଳିମାଡ ଆରମ୍ଭ କରିଦେଲେ।

## ମମତା କାନ୍ଦୁଛନ୍ତି କବାଟ କିଳି



ଏକଦା ରାଜ୍ୟ ରାଜନୀତିରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ସିଧାସଳଖ ରାଜ୍ୟସଭା ଟିକଟ ଧରିଥିବା ମମତା ମହନ୍ତ ଏବେ କବାଟ କିଳି କାନ୍ଦୁଛନ୍ତି। ବିଜେଡି ଛାଡି ବିଜେପି ଯିବାପରେ ତାଙ୍କର କେହି ଖୋଜ ଖବର ପାଉନଥିବାବେଳେ କିଛି ମୟୂରଭଞ୍ଜିଆ ନେତା ଏଭଳି ଆଲୋଚନା ଚଳାଇଥିବା ଆମ କାନରେ ପଡିଲା। ମମତାଙ୍କ କଥା ଜାଣିବାପାଇଁ ଆମେ ଟିକେ ପଚାରିଦେବାରୁ ମୟୂରଭଞ୍ଜିଆ ନେତା ଜଣଙ୍କ କହିଲେ ବିଜେଡିରେ ଥିବାବେଳେ ତାଙ୍କର ଭଲ ପଡିଆରା ଥିଲା। ହେଲେ ଏବେ ସିଏ କେଉଁ ଦଳରେ ଅଛନ୍ତି ନିଜେ ଜାଣିପାରୁ ନାହାନ୍ତି। ସୁଜିତଙ୍କ ସହିତ ମିଶି ବିଜେପିକୁ ଡେଇଁଥିଲେ। ସୁଜିତ ଲବି କରି ଆଉ ଛଅ ବର୍ଷ ରାଜ୍ୟସଭା ପଳାଇଥିବାବେଳେ ମମତାଙ୍କ କଥା କିନ୍ତୁ କେହି ବିଚାରକୁ ନେଲେ ନାହିଁ। ମମତା ଭାବିଥିଲେ ବିଜେପିରେ ତାଙ୍କୁ ରାଜ୍ୟସଭା ନହେଲେନାହିଁ କିଛି ଗୋଟେ ପଦ ପଦବୀ ମିଳିବ। ହେଲେ ସେତକ ବି ହେଲା ନାହିଁ। ଅବସ୍ଥା ଏଭଳି ହୋଇଛି ଯେ କବାଟ ଦେଇ କାନ୍ଦିବା ସାର। ଜିଲ୍ଲାରେ ତ ସହଜେ ଏବେ ଦୁଇ ଦୁଇ ଜଣ ମନ୍ତ୍ରୀ। ଏଭଳି ସ୍ଥିତିରେ ଜଣେ ପୂର୍ବତନ ସାଂସଦଙ୍କୁ କେଉଁଠି କିଭଳି ଥଇଥାନ କରାଯିବ। ମୟୁରଭଞ୍ଜିଆ ନେତାଙ୍କ ମୁହଁରୁ ଏତକ ଶୁଣିବାପରେ ଆମେ ଆଉ କଥାଟାକୁ ଆଗକୁ ବଢାଇଲୁ ନାହିଁ। ସବୁ ବୁଝିଗଲୁ। ଆଗକୁ ମମତାଙ୍କ ପାଇଁ ଯେ ବାଟ ବନ୍ଦ ସେକଥା ଆଉ କହିବାର ଆବଶ୍ୟକତା ନାହିଁ। ଆମେ କିଛି କହିବା ପୂର୍ବରୁ ମୟୁରଭଞ୍ଜିଆ ନେତା ସ୍ଥାନ ଛାଡିଲେ।

## ବିଧାୟକଙ୍କ ଖୁଣ୍ଟ ପୋତା ବ୍ୟବସାୟ



ଜଗତ୍‌ସିଂହପୁର ଜିଲ୍ଲାର ଜଣେ ବିଧାୟକ ଏବେ ଖୁଣ୍ଟପୋତା ବେପାରରେ ଲାଗିଛନ୍ତି। ଏଖୁଣ୍ଟ ହେଉଛି ବିଜୁଳି ଖୁଣ୍ଟ। ଏ ବେପାର ପୂରା ବେନାମୀରେ ଚାଲିଛି। ଜିଲ୍ଲାରେ ଯେତେସବୁ ବିଜୁଳି ଖୁଣ୍ଟ ପୋତା ଯାଉଛି ତାହାକୁ ବାବୁଙ୍କର ଜଣେ ଖାସ୍ ଲୋକ ଠିକାରେ ନେଇଛନ୍ତି। ଖାସ୍ ଲୋକଙ୍କର ନାଁ, ବାବୁଙ୍କର ଗାଁ ବୋଲି ଜିଲ୍ଲାରେ ଚର୍ଚ୍ଚା। ଏହି ଖାସ୍ ଲୋକଙ୍କ ଭୁବନେଶ୍ୱରର ହୋଇଥିବାରୁ ଜିଲ୍ଲାବାସୀ ସହଜରେ ତାଙ୍କ ସଂକ୍ରାନ୍ତରେ କିଛି ଜାଣିପାରୁ ନାହାନ୍ତି। ତେବେ ଗୋଟିଏ ବିଜୁଳି ଖୁଣ୍ଟ ପୋତିରେ ପାଖପାଖି ୫୦ହଜାର ଟଙ୍କା ଲାଭ ହେଉଥିବାରୁ ବିଧାୟକ ଜଣଙ୍କ ଏହି ବେପାରକୁ ହାତକୁ ନେଇଛନ୍ତି। ବିଧାୟକଙ୍କ ନାଁ କେଉଁଠାରେ ନାହିଁ। ସବୁ ଅନ୍ୟଲୋକ କରୁଛନ୍ତି। ବିଧାୟକ ପୁଞ୍ଜି ଖଟାଇ ଲାଭ ଉଠାଉଛନ୍ତି। ତେବେ ବିଧାୟକ ଜଣଙ୍କ ପୂର୍ବରୁ ବାଲିଘାଟ ବେପାର ଚଳାଇଥିବାବେଳେ ଧିରେ ଧିରେ ତାହା ଉପରେ ଅନ୍ୟମାନେ ନଜର ପକାଇଛନ୍ତି। ତେଣୁ ବେପାରର ଦିଗ ବଦଳାଇବା ଲକ୍ଷ୍ୟରେ ଥିବାବେଳେ ଏବେ ଖୁଣ୍ଟପୋତା ବେପାରରେ ମାତିଛନ୍ତି। ଏଥିରେ କୁଆଡେ ନିବେଶ କମ୍, ଲାଭ ଅଧିକ ବୋଲି ଚର୍ଚ୍ଚା ହେଉଛି। ଖୋଦ୍ ବିଧାୟକ ବେପାରରେ ମାତି ଥିବାରୁ ବିଜୁଳି ବିଭାଗର ଯନ୍ତ୍ରୀମାନେ ବି ଆଗପଛ ନବିଚାରି ବିଲ୍ ପଇଠ କାଗଜରେ ଦସ୍ତଖତ ମାରୁଛନ୍ତି। ଏବେ ଯେଉଁଠାରେ ନୂଆ ବିଜୁଳି ଖୁଣ୍ଟ ପୋତା ହେଉଛି ସେଠାରେ ବିଧାୟକଙ୍କର ଖୁଣ୍ଟପୋତା ବେପାର ଆଲୋଚନାର ବିଷୟବସ୍ତୁ ପାଲଟୁଛି। ନିର୍ବାଚନବେଳେ ଖଟିଥିବା କର୍ମୀମାନେ କେବଳ ଜଳକା ହୋଇ ଚାହିଁ ରହିଛନ୍ତି।

## କୁଆଡ଼େ ଗଲେ ସଂଘ ନେତା



ରାଜ୍ୟରେ ଏବେ ସରକାରୀ ବାବୁମାନଙ୍କ ଉପରେ ନେତାମାନେ ଭାରି ପଡୁଛନ୍ତି। କେଉଁଠି ବିଧାୟକ ଯନ୍ତ୍ରୀଙ୍କୁ ଲୋକଙ୍କ ଆଗରେ ଧମକାଉଛନ୍ତି ତ ଆଉ କେଉଁଠି ଶାସକଦଳର ନେତାମାନେ ଅଫିସ ଭିତରେ ପଶି ଗାଳି ଗୁଲଜ କରୁଛନ୍ତି। ଏସବୁ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ବାବୁମାନେ ଶୋଧା ଖାଇ କାନମୁଣ୍ଡା ଆଉଁଷିବାରେ ଲାଗିଛନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଲା ଶୋଧା ଖାଉଥିବା ବାବୁମାନଙ୍କର ସଂଘ କିନ୍ତୁ ଏ କ୍ଷେତ୍ରରେ ପୂରା ନିରବ। ବିଡିଓଙ୍କ ସଂଘ ହେଉ କିମ୍ବା ଯନ୍ତ୍ରୀଙ୍କ ସଂଘ କେହି ହେଲେ ଆଗକୁ ଆସି ଆହା ପଦେ କହୁନାହାନ୍ତି। ଅତୀତରେ ଖୋଦ୍ ରାଜଧାନୀରେ ଜଣେ ଓଏଏସ୍ ଅଫିସରଙ୍କ ଆକ୍ରମଣ ଘଟଣାରେ ସଂଘ ନେତାମାନେ ହୁଲୁସ୍ଥୁଲୁ କରିଥିଲେ। ସରକାରଙ୍କୁ ନାକେଦମ କରିଥିଲେ। ଶାସକଦଳର ଆଗଧାଡିର ନେତାଙ୍କୁ ଜେଲରେ ପୂରାଇବାକୁ ବି ପଛାଇନଥିଲେ। ଏବେ କିନ୍ତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବାବୁମାନେ ଶୋଧା ଗାଳି ଖାଉଥିବା ଓ ଅଫିସ ଭିତରେ ବେଇଜ୍ଜତ ହେଉଥିବାବେଳେ ଏହି ସଂଘନେତାମାନେ କିନ୍ତୁ ନିଦାବିଷ୍ଣୁ ସାଜିଛନ୍ତି। ଏମାନେ କେଉଁ ଗଦ ଶୁଙ୍ଘିଲେ ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଆକ୍ରମଣର ଶିକାର ହେଉଥିବା ବାବୁମାନେ ଆଗାମୀ ଦିନରେ ସଂଘରେ ରହିବେ କି ନାହିଁ ସେଥିନେଇ ପରସ୍ପର ମଧ୍ୟରେ ଆଲୋଚନା କରୁଥିବା ଜଣାଯାଇଛି।

## ଆଉ ମିଳିବନି ନିଗମ ମୁଆଁ




ନିଗମ ମୁଆଁ ଖାଇବାକୁ ସଜବାଜ ହୋଇ ବସିଥିବା ଶାସକଦଳର କିଛି ନେତା ଏବେ ହତାଶ। ମୁଆଁ ଆଉ ସେମାନଙ୍କୁ ମିଳିବ ନାହିଁ ବୋଲି ଧରିନେଲେଣି। ଯେଉଁଠି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଖର୍ଚ୍ଚ କାଟ୍ କରି ନିଜ ନିଜର କାରକେଡ୍ ହଟାଇଲେଣି ସେଠାରେ ଆଉ ନିଗମ ମୁଆଁ ମିଳିବାର ସମ୍ଭାବନା କ୍ଷୀଣ। ଏଭଳି ସୂଚନା ପାଇଲାପରେ ଆଶାୟୀମାନେ ଏବେ ନିଜ ନିଜ ବାଟରେ ରହିଲେଣି। ଏହି ଆଶାୟୀଙ୍କ ମଧ୍ୟରେ ଆଗଧାଡିରେ ଥିବା ଜଣେ ନେତା ଏବେ କୁଆଡେ ଶିଳ୍ପାଞ୍ଚଳରେ ଡେରା ପକାଇଥିବା ଆଲୋଚନା ହେଉଛି। ଦଳୀୟ କାର୍ଯ୍ୟାଳୟରେ ତାଙ୍କର ଆଉ ପୂର୍ବ କାଟ୍‌ତି ନଥିବାରୁ ସେଠାକୁ ଯିବାକୁ ବି ଉଚିତ୍ ମଣୁନାହାନ୍ତି। ସରକାର ଗଠନ ପାଇଁ ଝାଳନାଳ ହୋଇଥିବା ଏହି ନେତା ଜଣଙ୍କ ନୂଆ ମନ୍ତ୍ରୀଙ୍କ ଗୃହ ପ୍ରବେଶ ସମୟରେ ବି ବେଶ୍ କସରତ କରିଥିଲେ। ନିଜେ ପୂଜାରେ ବସି ସୋସିଆଲ ମିଡିଆରେ ଫଟୋ ଛାଡିଥିଲେ। ଆଶା କରିଥିଲେ ସରକାରରେ ଭଲ ପଦ ପଦବୀ ମିଳିବ। ହେଲେ ପଦବୀ ମିଳିବ କ'ଣ ହଠାତ୍ ଦଳ ଭିତରେ ସିଏ ଅଲୋଡା ହୋଇଗଲେ। ଏବେ ଦଳୀୟ କାର୍ଯ୍ୟାଳୟ ଅପେକ୍ଷା ଅଧିକାଂଶ ସମୟ ଶିଳ୍ପାଞ୍ଚଳରେ କାଟୁଛନ୍ତି। ସେଠାକୁ ଯେଉଁମାନେ ଯାଉଛନ୍ତି ତାଙ୍କ ଆଗରେ ନିଜର ଦୁଃଖ କହୁଛନ୍ତି। ଆଶା ଛାଡି ନାହାନ୍ତି। ଶିଳ୍ପାଞ୍ଚଳରୁ ସିଧାସଳଖ କିଭଳି ସଚିବାଳୟ ଯିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କରୁଥିବାବେଳେ ଖର୍ଚ୍ଚକାଟ୍ ଯୁଗରେ ସିଏ କେତେଦୂର ସଫଳ ହେବେ ତାହା ଉପରେ ଏବେ ଦଳୀୟ କର୍ମୀମାନେ ନଜର ରଖିଛନ୍ତି।

# ପରମ୍ପରା ନ ମାନି ପୁଣି କଲା ରଥଯାତ୍ରା

### ସୁଧୁରୁନି ଇସ୍କନ



ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ପୁଣି ସେହି ଧୃଷ୍ଟତା, ପୁଣି ସମାନ ଜିଦ୍। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନେଇ ପୁଣି ଥରେ ଇସ୍କନର ମନମାନୀ। ଜ୍ୟେଷ୍ଠ ମାସରେ ମହାପ୍ରଭୁଙ୍କ ରଥଯାତ୍ରା କରି କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଉଛି ଇସ୍କନ। ଗତକାଲି ଓ ତା' ପୂର୍ବ ଦିନ ଆମେରିକାର ଫ୍ଲୋରିଡ଼ା ଓ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆୟୋଜନ କରିଥିଲା ଅଦିନିଆ ରଥଯାତ୍ରା। ପୂର୍ବରୁ ଓଡ଼ିଶାରେ ପ୍ରତିବାଦ ହେଉଥିବା ବେଳେ ଏଥର ସେଠାକାର ପ୍ରବାସୀ ଓଡ଼ିଆ ବିରୋଧର ସ୍ୱରକୁ ଶାଣିତ କରିଛନ୍ତି। ଏନେଇ ଚିଠି ଲେଖି ପ୍ରବାସୀ ଓଡ଼ିଆ ଆପତ୍ତି ଉଠାଇଥିଲେ ବି କାହାରିକୁ ଖାତିର କରୁନାହାନ୍ତି ଇସ୍କନ କର୍ତ୍ତୃପକ୍ଷ। ଜୋହାନ୍ସବର୍ଗ ଓ ଫ୍ଲୋରିଡ଼ାରେ ଅଦିନିଆ ରଥଯାତ୍ରା କରି କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଭାବାବେଗ ଓ ଭାବନାକୁ ଆଘାତ ଦେଇଛି ଇସ୍କନ। ଜୋହାନ୍ସବର୍ଗରେ ଗତ ୧୫ ଓ ୧୬ ତାରିଖରେ ଦୁଇ ଦିନ ଧରି ରଥଯାତ୍ରା କରିଥିଲା। ସେହିପରି ଫ୍ଲୋରିଡ଼ାରେ ବି ୧୬ ତାରିଖରେ କରିଥିଲା ରଥଯାତ୍ରା। ଜଗନ୍ନାଥ ସଂସ୍କୃତି ବିରୋଧରେ ଏଭଳି ବାରମ୍ବାର ମନମାନୀକୁ ବରଦାସ୍ତ କରି ନାହାନ୍ତି ସେଠାକାର ପ୍ରବାସୀ ଓଡ଼ିଆ। ଫ୍ଲୋରିଡ଼ା ଓ ଜୋହାନ୍ସବର୍ଗରେ ରହୁଥିବା ଓଡ଼ିଆ ସଂଗଠନ ଏନେଇ ଚିଠି ଲେଖିଥିଲେ ବି ଶୁଣିନି ଇସ୍କନ।

### ଡିଜିପିଙ୍କ ଚେତାବନୀ

## ଏବେ ଏନକାଉଣ୍ଟର



ଭୁବନେଶ୍ୱର,୧୭।୫(ସଂଚାର ବ୍ୟୁରୋ): ଅପରାଧୀଙ୍କ ପାଇଁ ଓଡ଼ିଶାରେ କୌଣସି ସ୍ଥାନ ନାହିଁ। ଅପରାଧ ଘଟାଇବା ପାଇଁ ଚିନ୍ତା କରୁଥିଲେ ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ଅପରାଧୀଙ୍କୁ ଏମିତି କହି କଡ଼ା ଚେତାବନୀ ଶୁଣାଇଛନ୍ତି ପୁଲିସ ଡିଜି ୱାଇବି ଖୁରାନିଆ। ସେ କହିଛନ୍ତି ଯେ ଅପରାଧ ଘଟାଇବାକୁ ଯେଉଁମାନେ ଚିନ୍ତା କରୁଛନ୍ତି, ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ସେ କହିଛନ୍ତି ଯେ ଅପରାଧକୁ ଜିରୋ ଟଲରାନ୍ସ ନୀତି ଆପଣାଇଛି ପୁଲିସ ପ୍ରଶାସନ। ଅପରାଧୀଙ୍କ ପାଇଁ ଓଡ଼ିଶାରେ ସ୍ଥାନ ନାହିଁ। ଅପରାଧ ଘଟାଇବା ପାଇଁ ଯେଉଁମାନେ ଚିନ୍ତା କରୁଛନ୍ତି, ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ଗତ ୫ ଦିନ ମଧ୍ୟରେ ସାରା ରାଜ୍ୟରେ ୧୭୭୧ ଜଣଙ୍କୁ ଏନବିଡବ୍ଲ୍ୟୁ ଡ୍ରାଇଭ୍ କରାଯାଇଛି। ୬ ଜଣଙ୍କ ବିରୋଧରେ ଏନଏସଏ ଲଗାଯାଇଛି। ୫୦ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିଭଳି ଗୁଇନ୍ଦା ଆଧାରରେ ଜେଲ୍ ଫେରନ୍ତାଙ୍କ ଉପରେ କଡ଼ା ନଜର ରଖାଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଏସପି ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟ କରୁଛନ୍ତି। ସେହିପରି ନିଶାଦ୍ରବ୍ୟ ଚୋରା ଚାଲାଣ ଉପରେ କଡ଼ା ନଜର ରଖିଛି ପୁଲିସ। ଖଣିଜ ଚୋରା ଚାଲାଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯାଉଛି। ଖଣି ମାଫିଆଙ୍କ ଉପରେ ନଜର ରହିଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୯ଟି ମାମଲା ରୁଜୁ ହୋଇଛି। ଗୋଚାଲାଣ କ୍ଷେତ୍ରରେ ମଧ୍ୟ ୫ଟି ମାମଲା ରୁଜୁ କରାଯାଇଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ମଧ୍ୟରେ ଅମାନିଆ ଡ୍ରାଇଭର ଓ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗକୁ ଏହି ସ୍ପେଶାଲ ଡ୍ରାଇଭ ବଳବତ୍ତର ରହିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଚେତାବନୀ ଦେଇଛନ୍ତି।

## ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର

ସମ୍ବଲପୁର, ୧୭।୫ (ସଂଚାର ବ୍ୟୁରୋ): ସମ୍ବଲପୁରରେ ପୁଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରିଛି। ବୁର୍ଲାରେ ପୁଲିସ ଗୁଳିରେ ଆହତ ହୋଇଛି ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ମନୀଷ ସାହୁ। ମନୀଷ ନାମରେ ଡକାୟତି, ଲୁଟ, ଆର୍ମ୍ସ ଆକ୍ଟ ଓ କୋରେକ୍ସ କାରବାର ସମେତ ୧୪ରୁ ଅଧିକ ମାମଲା ରହିଛି। ଘଟଣାସ୍ଥଳରୁ ପିସ୍ତଲ, ଜୀବନ୍ତ ଗୁଳି, କୋରେକ୍ସ ଓ ଗାଡ଼ି ଜବତ କରିଛି ପୁଲିସ୍। ଗତକାଲି ମଧ୍ୟରାତ୍ରରେ ବୁର୍ଲା ଥାନା ପୁଲିସ ପ୍ଲାନେଟୋରିୟମ ଛକ ନିକଟରେ ଗାଡ଼ି ଚେକିଂ କରୁଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପଟୁ ଆସୁଥିବା ଏକ ସ୍ୱିଫ୍ଟ କାରକୁ ଅଟକାଇବାକୁ ସଙ୍କେତ ଦେଇଥିଲା। କିନ୍ତୁ ଚାଳକ ଗାଡ଼ି ନ ଅଟକାଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପରେ ପୁଲିସ ଫିଶରୀ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲା। ଏହି ସମୟରେ ଗାଡ଼ିରୁ ଜଣେ ଅଭିଯୁକ୍ତ ବାହାରି ପୁଲିସ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଆତ୍ମରକ୍ଷା ପାଇଁ ଜବାବରେ ପୁଲିସ ପକ୍ଷରୁ ଦୁଇ ରାଉଣ୍ଡ କଣ୍ଟ୍ରୋଲ୍ ଫାୟାରିଂ କରାଯାଇଥିଲା। ଏଥିରେ ଦୁର୍ଦ୍ଦାନ୍ତ ଅପରାଧୀ ମନୀଷର ଡାହାଣ ଗୋଡ଼ରେ ଗୁଳି ବାଜିଛି। ମନୀଷ ସହ ଥିବା ଅନ୍ୟ ତିନି ଜଣଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ଆହତ ମନୀଷକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିବା ବେଳେ ଏନଡିପିଏସ୍ ଆକ୍ଟ ସମେତ ବିଭିନ୍ନ ଧାରାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟକାରିଣୀ ବୈଠକ

କଟକ,୧୭।୫ (ସଂଚାର ବୁରୋ): ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସମ୍ମିଳନୀ କଟକ ଏସସିବି ମେଡିକାଲସ୍ଥିତ ଆଇଏମଏ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରାଜା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ମଚାରୀଙ୍କ ମୌଳିକ ସମସ୍ୟା ସମାଧାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଟ୍ରେଡ ୟୁନିୟନର ସମ୍ପାଦକ ରବି ମଲ୍ଲିକ, କିଶୋର ଜେନା, ହିନ୍ଦ ମଜଦୁର ସଭାର ସଭାନେତ୍ରୀ ସଂଯୁକ୍ତା ମହଲ, ସମ୍ପାଦକ ଦିଗମ୍ବର ମହାନ୍ତି, ମନୋରଞ୍ଜନ ମହାରଣା, ବିରଜା କିଙ୍କର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏସସିବି ଶାଖାର ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରାଜା ସ୍ୱାଇଁ, ସମ୍ପାଦକ ବିଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ସଚିତ୍ର ପ୍ରଧାନ, ବାଉରୀ ଦେହୁରୀ, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ନରେନ୍ଦ୍ର ଟପକ ଏବଂ କାର୍ଯ୍ୟକାରୀ କମିଟିରେ ଆର୍ତ୍ତତ୍ରାଣ ବାରିକ, ସୁବ୍ରତ ନାୟକ, ଲାଲୁ ଗରୁଡ, ରାକେଶ ନାୟକ, ହରେକୃଷ୍ଣ ଘଡାଇ, ଅଜୟ ନାୟକ,ନରେନ୍ଦ୍ର ନାୟକ, ବି ଲକ୍ଷ୍ମୀ, ସୁକାନ୍ତ ନାୟକ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା।

## ଗଛକୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ



ପୁରୁଷୋତ୍ତମପୁର, ୧୭।୫ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଆନ୍ତର୍ଗତ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର ବାଇଧର ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଛି। ବୁଲାଣିଠାରେ ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଡ୍ରାଇଭର ପ୍ରଫୁଲ୍ଲ କୁମାର ପ୍ରଧାନଙ୍କର ମୃତ୍ୟୁ ହୋଇଥିବା ବେଳେ ହେଲପର ପ୍ରଦୀପ କୁମାର ପ୍ରଧାନ ଗୁରୁତର ଭାବରେ ଆହତ ହୋଇଛନ୍ତି। ସେମାନଙ୍କ ଘର ଚମାଖଣ୍ଡି ଥାନା ଅନ୍ତର୍ଗତ କେଟିଏନପୁର ଗ୍ରାମରେ ବୋଲି ଜଣାପଡ଼ିଛି।

ଘଟଣାରୁ ଜଣାପଡ଼ିଛି ଯେ ଗତକାଲି ରାତିରେ ଓଆର୦୭ଭି ୫୬୦୧ ନମ୍ବରବିଶିଷ୍ଟ ଟିପ୍ପର୍ ଟ୍ରକ୍ ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ନେଇ ଯାଉଥିବା ସମୟରେ ଅଚାନକ ଏହା ଭାରସାମ୍ୟ ହରାଇଥିଲା। ଫଳରେ ଏହା ରାସ୍ତାକଡ଼ରେ ଥିବା ଏକ ଗଛ ସହ ପିଟି ହୋଇଥିଲା। ଏହାଦ୍ୱାରା ଗଛଟି ଉପୁଡ଼ିପଡ଼ିବା ସହ ଗାଡ଼ିକୁ ଚାପି ଦେଇଥିଲା। ଏଥିସହ ଗଛ ପଡ଼ିଯିବା ଫଳରେ ରାସ୍ତା ମଧ୍ୟ ଅବରୋଧ ହୋଇଥିଲା। ଏନେଇ ଖବର ପାଇ ପୁରୁଷୋତ୍ତମପୁର ପୁଲିସ ଓ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବାହିନୀ କର୍ମଚାରୀମାନେ ଗଛ କାଟି ରାସ୍ତା ଅବରୋଧ ହଟାଇବା ସହ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। କିନ୍ତୁ ସେଠାରେ ଡ୍ରାଇଭର ପ୍ରଫୁଲ୍ଲଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ରହ୍ମପୁର ବିଏନପୁର ପୁଲିସ ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନଦୀରେ ବୁଡ଼ି ଛାତ୍ରୀ ମୃତ

ବଲାଙ୍ଗୀର,୧୭।୫(ସଂଚାର ବ୍ୟୁରୋ): ନଦୀରେ ଗାଧୋଉଥିବା ସମୟରେ ବୁଡ଼ିଯାଇ ଜନୈକା କଲେଜ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ଟିଟିଲାଗଡ଼ ଉପଖଣ୍ଡ ଘଣ୍ଟବାହାଲି ଗ୍ରାମ ପଞ୍ଚାୟତର ଖଇର ଖୁଣ୍ଟ ଗ୍ରାମରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଛାତ୍ରୀ ଜଣଙ୍କ ହେଲେ ସୁମିତ୍ରା ଦୀପ ଓ ସେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ଖଇର ଖୁଣ୍ଟ ଗ୍ରାମ ହରିଜନ ପଡ଼ାର ଉମାକାନ୍ତ ଦୀପ ଓ ଉର୍ବଶୀ ଦୀପଙ୍କ ଝିଅ ସୁମିତ୍ରା ମୁମ୍ବାଇରୁ ଗତକାଲି ନିଜ ଗ୍ରାମକୁ ଫେରିଥିଲେ। ଆଜି ସକାଳେ ସେ ଖୁସିରେ ସାଙ୍ଗମାନଙ୍କ ସହ ଉଦେର ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସେଠାରେ ଗାଧୋଉଥିବା ସମୟରେ ସେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନଦୀରେ ଖୋଜାଖୋଜି କରି ପରେ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଖଣିରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ, ୨ ଅଟକ



ନୟାଗଡ଼,୧୭।୫(ସଂଚାର ବ୍ୟୁରୋ): ଚାନ୍ଦପୁର ଥାନା ରାଇପଡ଼ା କ୍ରସର ନିକଟସ୍ଥ ଖଣିରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦିଆଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଛି। ଆଜି ସକାଳେ ସ୍ଥାନୀୟ ଲୋକେ ଶୌଚ ହେବାକୁ ଯାଇଥିବା ବେଳେ ମୃତଦେହଟି ଖଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଚାନ୍ଦପୁର ଥାନା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ମୃତ ଯୁବକଙ୍କ ନାମ ପ୍ରତାପ କୁମାର ପାଟଶାଣୀ(୩୫) ଓ ତାଙ୍କ ଘର କେରଣ୍ଡା ଟାଙ୍ଗୀ ପଞ୍ଚାୟତ ନୂଆପଡ଼ା ଗ୍ରାମରେ। ସେ କିଛି ଦିନ ହେଲା ଘରୁ କୁଆଡ଼େ ପଳାଇଯାଇଥିଲେ। ତେବେ ଆଜି ତାଙ୍କ ମୃତଦେହ ମିଳିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମିଳିଲାନି ଡିଜେଲ, ମରିଗଲେ ୫ ହଜାର କୁକୁଡ଼ା



ମାଲକାନଗିରି, ୧୭।୫ (ସଂଚାର ବ୍ୟୁରୋ): ମିଳିଲାନି ଡିଜେଲ। ଫଳରେ ବିଦ୍ୟୁତ ଅଭାବରୁ ୫ ହଜାର ୩ ଶହ କୁକୁଡ଼ାଙ୍କ ଚାଲିଗଲା ଜୀବନ। ଗତ କିଛିଦିନ ଧରି ମାଲକାନଗିରି ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖାଦେଇଛି। ପେଟ୍ରୋଲ ଓ ଡିଜେଲ ଅଭାବ ସାଙ୍ଗକୁ ବିଦ୍ୟୁତ ସଂଯୋଗ ନ ଥିବାରୁ ୫ ହଜାର ୩ ଶହ କୁକୁଡ଼ାଙ୍କର ମୃତ୍ୟୁ ହୋଇଛି। କୁକୁଡ଼ା ଫାର୍ମ ନିକଟରେ ଥିବା ଟ୍ରାନ୍ସଫର୍ମରରେ ଟ୍ରିପ ଯୋଗୁଁ ଲାଇନ୍ କଟିଯାଇଥିଲା ଓ ଡିଜେଲର ଅଭାବ ଯୋଗୁଁ ଡିଜି ଚାଲି ପାରିନଥିଲା। ଫଳରେ ଫାର୍ମ ଭିତରେ ଥିବା କୁକୁଡ଼ା ମରିଯାଇଥିଲେ। ଉକ୍ତ କୁକୁଡ଼ାଙ୍କର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ। ଏ ନେଇ କୁକୁଡ଼ା ଚାଷୀମାନେ କ୍ଷତିପୂରଣ ଦାବି କରିଛନ୍ତି।

# ନିଖିଲ ହାଡ଼ପା ହତ୍ୟାକାଣ୍ଡ: ୯ ଅଭିଯୁକ୍ତ ଗିରଫ



ଗୁଣପୁର,୧୭।୫(ସଂଚାର ବ୍ୟୁରୋ): ରାୟଗଡ଼ା ଥାନା ପୁଲିସ ନିଖିଲ ହାଡ଼ପାଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲାର ପର୍ଦ୍ଦାଫାଶ କରିଛି। ଏହି ହତ୍ୟାକାଣ୍ଡରେ ଜଡ଼ିତ ଥିବା ୯ ଜଣ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଛି। ଏନେଇ ପୁଲିସ ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଗତ ୧୦ ତାରିଖରେ ନିଖିଲଙ୍କ ମା' ବାଲାମା ହାଡ଼ପା ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ଯେ ୯ ତାରିଖ ସନ୍ଧ୍ୟା ସାଢ଼େ ୭ଟା ସନ୍ଧ୍ୟାରେ ତାଙ୍କ ପୁଅର ବନ୍ଧୁର ମା'ଙ୍କଠାରୁ ଫୋନ୍ ପାଇଥିଲେ। ତାଙ୍କ ପୁଅ ନିଖିଲ ହାଡ଼ପା (୧୯) କୁ ନୁଆସାହିର ଉମେଶ ହିଆଲ୍ ତା'ର କେତେକ ସହଯୋଗୀଙ୍କ ସହ ବଳପୂର୍ବକ ଅଞ୍ଚଳରୁ ଉଠାଇ ନେଇ ଏକ କାର୍‌ରେ ଅଜଣା ସ୍ଥାନକୁ ନେଇ ଯାଇଥିଲେ। ଏହାପରେ ପୁଲିସ୍ ରାୟଗଡ଼ା ଥାନା ମାମଲା ନଂ. ୧୮୪ ରେ ପଞ୍ଜୀକରଣ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ତାଙ୍କ ପୁଅକୁ ବିଭିନ୍ନ ସ୍ଥାନରେ ଖୋଜିବା ପାଇଁ ଟିମ୍ ଗଠନ କରିଥିଲେ। କିନ୍ତୁ ତା'ର କୌଣସି ସନ୍ଧାନ ପାଇ ନ ଥିଲେ। ୧୦ ତାରିଖ ସକାଳେ ଅପହୃତ ନିଖିଲଙ୍କ ମୃତଦେହ ତୁମ୍ବିଗୁଡ଼ା ଗ୍ରାମ ନିକଟ ନାଗାବଳୀ ନଦୀ କୂଳରେ ଗୁଳି ଆଘାତ ସହ ପଡ଼ିଥିବା ମିଳିଥିଲା। ଡିଏଫ୍‌ଏସ୍‌ଏଲ୍, ରାୟଗଡ଼ାର ବୈଜ୍ଞାନିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ପ୍ରମାଣ ସଂଗ୍ରହ କରିଥିଲେ। ସାକ୍ଷୀ ଓ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୃତ ନିଖିଲଙ୍କ ମୃତଦେହର ଇନ୍‌କ୍ୱେଷ୍ଟ କରାଯାଇଥିଲା। ମୃତ ନିଖିଲଙ୍କ ମୃତଦେହର ବ୍ୟବଚ୍ଛେଦ ପରୀକ୍ଷା ପାଇଁ ଡିଏଚ୍‌ଏଚ୍, ରାୟଗଡ଼ାକୁ ପଠାଯାଇଥିଲା।

ଏହି ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କ ମଧ୍ୟରୁ ଉମେଶ ଚନ୍ଦ୍ର ହିଆଲ, ୱିଲସନ ସେମିଲି, ରାଜ ସେମିଲି, ସିପୁ ଓ ଅକ୍ଷୟ ସାମଲ (ଟିଙ୍କୁଲୁ)ଙ୍କୁ ବିହାର ଔରଙ୍ଗାବାଦ ଜିଲ୍ଲାରୁ ଗିରଫ କରାଯାଇଛି। ସେମାନଙ୍କୁ ପଚରାଉଚରା ପରେ ୱାଇ. ଶ୍ୟାମ ସୁନ୍ଦର, ଭି. ଲୋକେଶ କୁମାର, ବି. ପବନ କୁମାର, ଏସ୍. ପ୍ରେମ କୁମାରଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପଟ୍ଟନମ୍‌ରୁ ରାୟଗଡ଼ା ପୁଲିସ ଟିମ୍ ଗିରଫ କରିଛି। ଏହାଛଡ଼ା ସୁମିତ ଜୈନ ନାମକ ଅଭିଯୁକ୍ତଙ୍କୁ କଳାହାଣ୍ଡି ଜିଲ୍ଲାର କେସିଙ୍ଗାରୁ ଓ ରାଜା ହୁଇକା ବରୁଣକୁ ରାୟଗଡ଼ା ଜିଲ୍ଲାରୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ଗୋଟିଏ କଳା ରଙ୍ଗର ସ୍କର୍ପିଓ, ଗୋଟିଏ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋ ନିଓ, ଗୋଟିଏ ପିସ୍ତଲ, ୧୧ଟି ମୋବାଇଲ, କ୍ରେଡିଟ୍ ଓ ଡେବିଟ କାର୍ଡ ସହ ନଗଦ ଟଙ୍କା ଜବତ କରାଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏସପି ସ୍ୱାତି ଏସ. କୁମାର, ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ (ଆଇପିଏସ), ଅତିରିକ୍ତ ଏସପି ମନୋଜ ପୂଜାରୀ, ଏସଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା, ଏସଆଇ ଅବିନାଶ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## କଠୋର ହେଲା ନିୟମ

# ଇଲେକ୍ଟ୍ରି ବିଲ୍ ନ ଦେଲେ ଜବତ ହେବ ଘରବାଡି ସମ୍ପତ୍ତି !



ନୂଆଦିଲ୍ଲୀ,୧୭।୫ଃ ରାଜ୍ୟବାସୀଙ୍କ ପାଇଁ ବଡ଼ ଖବର। ରାଜ୍ୟର ବିଜୁଳି ବିଭାଗ ଏବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛି। ବିଦ୍ୟୁତ ନିଗମ ଦୀର୍ଘ ସମୟ ଧରି ଇଲେକ୍ଟ୍ରି ବିଲ ପୈଠ କରିବାରେ ବିଫଳ ହୋଇଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ରିପୋର୍ଟ ଅନୁଯାୟୀ, ତହସିଲଦାରମାନେ ସେହି ଗ୍ରାହକମାନଙ୍କୁ ନୋଟିସ ଜାରି କରିବେ ଯେଉଁମାନେ ସେମାନଙ୍କର ବକେୟା ବିଦ୍ୟୁତ ଦେୟ ପରିଶୋଧ କରିନାହାଁନ୍ତି। ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବକେୟା ଦେୟ ଜମା କରାନଯାଏ, ତେବେ ଗ୍ରାହକଙ୍କ ଜମି, ଘର ଏବଂ ଅନ୍ୟାନ୍ୟ ସମ୍ପତ୍ତିକୁ ଆଟାଚ କରିବା କିମ୍ବା ଜବତ କରିବା ପାଇଁ ପଦକ୍ଷେପ ନିଆଯିବ। ଏହି ବକେୟା ରାଶି ଆଦାୟ କରିବା ପାଇଁ, ନିଗମ ଏବେ ଭୂମି ରାଜସ୍ୱ ଆଇନର ବ୍ୟବସ୍ଥା ଗ୍ରହଣ କରିବ।

ଏହା ବ୍ୟତୀତ, ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଏହି ଖିଲାପକାରୀଙ୍କ ସମ୍ପତ୍ତି ଉପରେ ପ୍ରଶାସନିକ ନିୟନ୍ତ୍ରଣ ସ୍ଥାପନ କରାଯିବ ଏବଂ ସେମାନଙ୍କର ବିକ୍ରୟ କିମ୍ବା କ୍ରୟ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇପାରେ। ଏହା ବୁଝାଏ ଯେ ଗ୍ରାହକମାନେ ସେମାନଙ୍କର ବକେୟା ଦେୟ ପରିଶୋଧ ନ କରିବା ପର୍ଯ୍ୟନ୍ତ ସେମାନଙ୍କର ସମ୍ପତ୍ତି ସହିତ ଜଡିତ କୌଣସି କାରବାରରେ ସାମିଲ ହୋଇପାରିବେ ନାହିଁ।

ପ୍ରାପ୍ତ ସୂଚନା ଅନୁଯାୟୀ, ବିଦ୍ୟୁତ ନିଗମର ଜଣେ ଅଧିକାରୀ କହିଛନ୍ତି ଯେ ନିଗମ ନିରନ୍ତର ଗ୍ରାହକମାନଙ୍କୁ ସେମାନଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ଅନୁରୋଧ କରିଆସୁଛି; ତଥାପି, ବାରମ୍ବାର ନୋଟିସ ଜାରି ହେବା ସତ୍ତ୍ୱେ, ଅନେକ ଗ୍ରାହକ ଏପର୍ଯ୍ୟନ୍ତ ନିୟମ ପାଳନ କରୁନାହାଁନ୍ତି। ଏହି ପରିସ୍ଥିତିରେ, ବର୍ତ୍ତମାନ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଉଛି। ବିଦ୍ୟୁତ୍ତ ଯୋଗାଣ ବ୍ୟବସ୍ଥାର ସୁଗମ ପରିଚାଳନା ଏବଂ ନିଗମର ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ବିଲ ସମୟସୀମା ମଧ୍ୟରେ ପୈଠ କରିବା ଅତ୍ୟନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରାଯାଇଛି। ଏହି ପ୍ରବର୍ତ୍ତନ ଅଭିଯାନ କେବଳ ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ନୁହେଁ ବରଂ ଜିଲ୍ଲା ମଧ୍ୟରେ ବିଦ୍ୟୁତ୍ତ ଭିତ୍ତିଭୂମିର ନିରବଚ୍ଛିନ୍ନ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆବଶ୍ୟକ ବୋଲି ବିବେଚନା କରାଯାଉଛି।

# ସିଏନଜି ଦର କେଜି ପିଛା ୧ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୧୭।୫ଃ ରାଜଧାନୀ ଦିଲ୍ଲୀରେ ପୁଣି ବୃଦ୍ଧି ପାଇଛି ସିଏନଜି ଦର। ଦିଲ୍ଲୀ ସମେତ ନୋଏଡା ଏବଂ ଗାଜିଆବାଦରେ ମଧ୍ୟ ସିଏନଜିର ମୂଲ୍ୟ ବୃଦ୍ଧି ପାଇଛି। ଆଜିଠାରୁ ସିଏନଜିର ଦର କେଜି ପିଛା ୧ଟଙ୍କା ବୃଦ୍ଧି ପାଇଛି। ଦିଲ୍ଲୀରେ କିଲୋ ପ୍ରତି ମୂଲ୍ୟ ୮୦.୯ ଟଙ୍କାରେ ପହଞ୍ଚିଛି। ନୋଏଡା ଏବଂ ଗାଜିଆବାଦରେ ସିଏନଜିର ଦର ୮୮.୭୦ ଟଙ୍କା ହୋଇଯାଇଛି। ୨ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ସିଏନଜିର ଦର ବୃଦ୍ଧି କରାଯାଇଛି।

ମେ ୧୫ ତାରିଖରେ ଦିଲ୍ଲୀରେ ସିଏନଜିର ମୂଲ୍ୟ କିଲୋମିଟର ପିଛା ୨ ଟଙ୍କା ବୃଦ୍ଧି ପାଇଥିଲା। ଏଥିସହ ପେଟ୍ରୋଲ ଏବଂ ଡିଜେଲ ଦର ମଧ୍ୟ ବୃଦ୍ଧି ପାଇଥିଲା। ଲୋକଙ୍କ ଉପରେ ମହଙ୍ଗାର ମାଡ ଲଗାତାର ପଡିବା ଯୋଗୁଁ ଏହାର ପ୍ରଭାବ ନିତ୍ୟ ବ୍ୟବହାର ସାମଗ୍ରୀ ଉପରେ ମଧ୍ୟ ପଡିପାରେ।

ଅନ୍ୟପଟେ କ୍ରମାଗତ ଭାବେ ବଢୁଥିବା ସିଏନଜି ଦର ପାଇଁ ଆଗାମୀ ଦିନରେ ଅଟୋ, ଟ୍ୟାକ୍ସି ଏବଂ ବସ୍ ଭଡା ବୃଦ୍ଧି ପାଇପାରେ। ଏହା ବ୍ୟତୀତ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଟ୍ରାନ୍ସପୋର୍ଟ ଜିନିଷ ମଧ୍ୟ ମହଙ୍ଗା ହେବ। ଯେଉଁଥିରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ଏହି ମୂଲ୍ୟ ବୃଦ୍ଧି ମଧ୍ୟବିତ୍ତ ବର୍ଗର ଲୋକଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିବ। ଗତ କିଛି ଦିନ ମଧ୍ୟରେ କ୍ଷୀର ମୂଲ୍ୟ ବୃଦ୍ଧି ପାଇଥିଲା। ମୁମ୍ବାଇରେ ମଧ୍ୟ ସିଏନଜି ମୂଲ୍ୟ ବୃଦ୍ଧି କରାଯାଇଥିଲା।




# ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିବା ପରେ ପାକିସ୍ତାନରେ ଖୁସିର ମାହୋଲ

ନୂଆଦିଲ୍ଲୀ, ୧୭।୫:ପାକିସ୍ତାନ ସରକାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତି ଲିଟର ₹୫ (ପାକିସ୍ତାନୀ ଟଙ୍କା) ହ୍ରାସ କରିଛନ୍ତି। ପାକିସ୍ତାନରେ ପେଟ୍ରୋଲର ମୂଲ୍ୟ ବର୍ତ୍ତମାନ ଲିଟର ପ୍ରତି ୪୦୯.୭୮ ଏବଂ ହାଇ-ସ୍ପିଡ୍ ଡିଜେଲ ଲିଟର ମୂଲ୍ୟ ₹୪୦୯.୫୮ ପାକିସ୍ତାନ ଟଙ୍କା ରହିଛି। ନୂଆ ମୂଲ୍ୟ ଆଜି( ମଇ ୧୬) ଠାରୁ ଲାଗୁ ହୋଇଛି। ନିକଟରେ ଏକାଧିକ ତେଲ ଜାହାଜ ଇରାନରୁ ପାକିସ୍ତାନ ଯାଇଥିଲା। ଇରାନ ଏହି ତୈଳ ଜାହାଜ ପାକିସ୍ତାନର ସହଯୋଗ ପାଇଁ ପଠାଇଥିଲା। ଏଥିପାଇଁ ହୁଏତ ସେଠାରେ ଦର ହ୍ରାସ ପାଇଥାଇପାରେ ବୋଲି କୁହାଯାଉଛି।

ସାମ୍ପ୍ରତିକ ସମୟରେ ତୈଳ ଦର କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ବେଳେ ହଠାତ୍ ଏହି ହ୍ରାସ ମଧ୍ୟବିତ୍ତ ଏବଂ ନିମ୍ନ-ମଧ୍ୟବିତ୍ତ ବର୍ଗଙ୍କ ବଜେଟକୁ କିଛି ସାହାଯ୍ୟ କରିବ। କାରଣ ପେଟ୍ରୋଲର ସିଧାସଳଖ ପ୍ରଭାବ ମୋଟରସାଇକେଲ, ରିକ୍ସା ଏବଂ ଛୋଟ ଯାନବାହନ ଉପରେ ପଡୁଛି। ତେଣୁ ପରିବହନରେ ଏହାର ପ୍ରଭାବ ଦେଖିବାକୁ ମିଳିପାରେ।

ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ, ପାକିସ୍ତାନ ସରକାର ପେଟ୍ରୋଲ ମୂଲ୍ୟରେ



ଲିଟର ପ୍ରତି ୧୪.୯୨ ଏବଂ ଡିଜେଲ ମୂଲ୍ୟରେ ୧୫ ଟଙ୍କା ବୃଦ୍ଧି କରିଥିଲା। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରେ, ସରକାର ମାର୍ଚ୍ଚ ୬ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ₹୫୫ ଟଙ୍କା ବୃଦ୍ଧି କରିଥିଲେ। ଏପ୍ରିଲ ୨ ରେ, ପେଟ୍ରୋଲ ମୂଲ୍ୟ ୪୩% ଏବଂ ହାଇ-ସ୍ପିଡ୍ ଡିଜେଲ ମୂଲ୍ୟ ୫୫% ବୃଦ୍ଧି କରାଯାଇଥିଲା।

ଭାରତରେ ମେ ୧୫ ତାରିଖରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ₹୩ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ₹୯୭.୭୭ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୯୦.୬୭ ହୋଇଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ମୂଲ୍ୟ ୧୦୪ ଟଙ୍କା ଓ ଡିଜେଲ ମୂଲ୍ୟ ୯୫.୭୪ ଟଙ୍କା ରହିଛି। ଏହା ବାଦ କମ୍ପାନୀଗୁଡ଼ିକ ପ୍ରମୁଖ ସହରଗୁଡ଼ିକରେ CNGର ମୂଲ୍ୟ ମଧ କିଲୋ ପିଛା ୨ ବୃଦ୍ଧି କରିଛନ୍ତି। ଦିଲ୍ଲୀରେ, ଏକ କିଲୋ ସିଏନଜିର ମୂଲ୍ୟ ଏବେ ₹୭୯.୦୯ ରହିଛି।

# ଦେଶରେ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ସରକାର ଗୁରୁତ୍ୱ

ନୂଆଦିଲ୍ଲୀ,୧୭।୫ଃ ଦେଶରେ ଅଧିକ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ସରକାର ଗୁରୁତ୍ୱ ଆରୋପ କରିଥିବା ବେଳେ ଏହି ସବୁ ପ୍ରକଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ୟପକ୍ଷରେ କୋଇଲା ବ୍ୟବହାର କମ୍ କରିବା ପାଇଁ ଅତ୍ୟନ୍ତ ପୁରୁଣା କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କରାଯାଇ ନୂତନ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି। ତେବେ ବନ୍ଦ ହୋଇଯାଇଥିବା କିଛି ପୁରୁଣା ତାପଜ ଶକ୍ତି ପ୍ରକଳ୍ପ ଜାଗାରେ ଆଣବିକ ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବାର ଯୋଜନା ରହିଛି। ଏହାର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ ହୋଇ ନଥିଲେ ମଧ୍ୟ ପ୍ରାରମ୍ଭିକ ଭାବେ ଭାରତ ସରକାର ତିନିଟି ପୁରୁଣା କୋଇଲା ଭିତ୍ତିକ ଶକ୍ତି ପ୍ରକଳ୍ପର ଭିତ୍ତିଭୂମିକୁ ଏଥିପାଇଁ ଉତ୍ସର୍ଗ କରିବାର ଯୋଜନା ରଖିଛନ୍ତି।

ସେଥିମଧ୍ୟରୁ ଦୁଇଟି ଜାଗାରେ ୭୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଓ ଗୋଟିଏ ଜାଗାରେ ୨୨୦ ମେଗାୱାଟ କ୍ଷମତା ବିଶିଷ୍ଟ ରିଆକ୍ଟର୍ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। କେନ୍ଦ୍ରୀୟ ବିଦ୍ୟୁତ୍ ଆୟୋଗ (ସିଇଏ) ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମି ସଂକ୍ରାନ୍ତ ଏକ କର୍ମଶାଳା ଅବସରରେ ଏ ନେଇ



ସୂଚନା ମିଳିଛି। ସୂଚନାଯୋଗ୍ୟ ଭାରତରେ ଆଣବିକ ଶକ୍ତି ଉତ୍ପାଦନ କ୍ଷମତା ୨୦୪୭ ସୁଦ୍ଧା ୧୦୦ ଗିଗାୱାଟକୁ ବୃଦ୍ଧି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଗତ ବର୍ଷ ଆଣବିକ ଶକ୍ତି ନୀତିରେ କିଛି ପରିବର୍ତ୍ତନ ଅଣାଯିବା ସହିତ ଏହାକୁ ଘରୋଇ କ୍ଷେତ୍ର ପାଇଁ ଉନ୍ମୁକ୍ତ କରାଯାଇଛି।

କେଉଁ ତାପଜ ଶକ୍ତି ପ୍ରକଳ୍ପ ଥିବା ଜାଗାରେ ନୂତନ କରି ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ କରାଯିବ ସେ ନେଇ ଅନୁଧ୍ୟାନ କରିବାକୁ ଏକ କମିଟି ଚଳିତ ବର୍ଷ ଜାନୁଆରିରେ ଗଠିତ ହୋଇଥିଲା। ଏହି କମିଟିରେ କେନ୍ଦ୍ରୀୟ ବିଦ୍ୟୁତ୍ ଆୟୋଗ ସମେତ ଭାରତୀୟ ଆଣବିକ ଶକ୍ତି ନିଗମ (ଏନ୍‌ପିସିଆଇଏଲ୍) ଓ ଭାରତୀୟ ଆଣବିକ ଶକ୍ତି ନିୟାମକ ସଂସ୍ଥା (ଏଇଆର୍‌ବି)ର ପ୍ରତିନିଧିମାନେ ରହିଥିଲେ। ଇତିମଧ୍ୟରେ ଦେଶରେ ବନ୍ଦ ହେବାକୁ ଥିବା ଓ ବନ୍ଦ ହୋଇ ଯାଇଥିବା ୪୦ ବର୍ଷରୁ ପୁରୁଣା ତାପଜ ଶକ୍ତି ପ୍ରକଳ୍ପକୁ ଏଥିପାଇଁ ଅନୁଧ୍ୟାନ କରାଯାଇଥିଲା। ସେଥିମଧ୍ୟରୁ ଛଅଟି ପ୍ରକଳ୍ପକୁ ଚୟନ କରାଯାଇଥିଲା। ତେବେ ଚୂଡ଼ାନ୍ତ ଭାବେ ୩ଟି ପ୍ରକଳ୍ପ ପରିସରରେ ଆଣବିକ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ସୁଯୋଗ ରହିଥିବା ଜଣାପଡ଼ିଛି।

# ରୁପା ଆମଦାନୀ ପାଇଁ ସରକାରଙ୍କଠାରୁ ନେବାକୁ ପଡ଼ିବ ଲାଇସେନ୍ସ

ନୂଆଦିଲ୍ଲୀ,୧୭।୫ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଲାଗିରହିଥିବା ଅସ୍ଥିରତା ମଧ୍ୟରେ ଭାରତ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ରୁପା ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ସରକାର ଶନିବାର ରୁପାର ବିଭିନ୍ନ କାଟାଗୋରୀକୁ ମାଗଣା ତାଲିକାରୁ ହଟାଇ ପ୍ରତିବନ୍ଧକ କାଟାଗୋରୀରେ ସାମିଲ କରିଛନ୍ତି। ଯାହାର ଅର୍ଥ ଏବେ ଏହି କାଟାଗୋରୀର ରୁପା ଆମଦାନୀ ପୂର୍ବ ଭଳି ସହଜ ହେବନି। ଆଉ ଏଥିପାଇଁ ଅତିରିକ୍ତ ମଞ୍ଜୁରୀର ଆବଶ୍ୟକତା ପଡ଼ିପାରେ। ପ୍ରକୃତରେ ସରକାରଙ୍କ ଏହି ପଦକ୍ଷେପ ଦେଶରେ ମୂଲ୍ୟବାନ ଧାତୁର ବଢୁଥିବା ଆମଦାନୀକୁ ନିୟନ୍ତ୍ରିତ କରିବା ଏବଂ ଟ୍ରେଡ୍ ଡେଫିସିଟ ଅର୍ଥାତ୍ ବାଣିଜ୍ୟିକ କ୍ଷତିକୁ କମ୍ କରିବା ଉଦ୍ଦେଶ୍ୟରେ ନିଆଯାଇଛି। କାରଣ ବିଗତ କିଛି ସମୟରୁ ସୁନା ଏବଂ ରୁପାର ଆମଦାନୀ ଉପରେ ଲଗାତାର ଚାପ ବଢୁଥିଲା। ଫଳରେ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପ୍ରଭାବ ପଡ଼ିବା ନେଇ ଚିନ୍ତା ବଢ଼ିଥିଲା। ସୁନା ଉପରେ ଆମଦାନୀ ଶୁଳ୍କ ବଢ଼ିବା ପରେ ଲୋକେ ନିବେଶ ଏବଂ ଜୁଏଲାରୀ ପାଇଁ ରୁପା ଆଡ଼କୁ ଢଳିବା ନେଇ ଅନୁମାନ କରାଯାଉଥିଲା। ଏମିତିରେ



ଏହି ସମ୍ଭାବନାକୁ ଦେଖି ସରକାର ରୁପା ଆମଦାନୀ ମଧ୍ୟ କଡ଼ା କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ସରକାର ସୁନା ଏବଂ ରୁପା ଉଭୟ ଉପରେ ଆମଦାନୀ ଶୁଳ୍କ ୬%ରୁ ବଢ଼ାଇ ୧୫% କରିଥିଲେ। ଏହା ସତ୍ତ୍ୱେ ଆଶଙ୍କା କରାଯାଉଥିଲା ଯେ, ନିବେଶକ ସୁନା ବଦଳରେ ରୁପା କିଣିବା ନେଇ ସମ୍ଭାବନା ବଢ଼ିଥିଲା।

ପ୍ରକୃତରେ ସରକାର ବର୍ତ୍ତମାନ ବିଦେଶୀ ମୁଦ୍ରା ଭଣ୍ଡାରକୁ ସୁରକ୍ଷିତ ରଖିବା ଏବଂ ଟଙ୍କା ଉପରେ ବଢୁଥିବା ଚାପକୁ କମ୍ କରିବା ଉପରେ ଫୋକସ କରୁଛନ୍ତି। ବିଶ୍ୱ ସ୍ତରରେ ବଢୁଥିବା ଅନିଶ୍ଚିତତା ଏବଂ ଆମଦାନୀ ବିଲ୍ ବଢ଼ିବା ଯୋଗୁ ସରକାର ସତର୍କ ହୋଇଥିବାରୁ ଜଣାପଡୁଛି। ବିଶେଷଜ୍ଞଙ୍କ ମତରେ ଯଦି ଦାମୀ ଧାତୁର ଆମଦାନୀ ଲଗାତାର ବଢୁଛି ତେବେ, ଏହାଦ୍ୱାରା ଚାଲୁ ଖାତା କ୍ଷତି ଏବଂ ବାଣିଜ୍ୟିକ କ୍ଷତି ଉଭୟ ବଢ଼ିପାରେ। ଏହି କାରଣରୁ ସରକାର ଏବେ ଆମଦାନୀ ଉପରେ ନିୟନ୍ତ୍ରଣ ଦ୍ୱାରା ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରୁଛନ୍ତି।

ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ମାସରେ ସୁନା ଏବଂ ରୁପା ଆମଦାନୀ ପୂର୍ବରୁ ହିଁ ପ୍ରାୟ ୩୦ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହା ପଛରେ ଉଚ୍ଚ ଆମଦାନୀ ଶୁଳ୍କ ଏବଂ ଅନ୍ତର୍ଜାତୀୟ ବଜାରରେ ବଢୁଥିବା ଦାମକୁ ବଡ଼ କାରଣ ବୋଲି କୁହାଯାଉଛି। ଏବେ ନୂଆ ପ୍ରତିବନ୍ଧକ ପରେ ଆଗାମୀ ମାସରେ ରୁପା ଆମଦାନୀରେ ଆହୁରି ହ୍ରାସ ଦେଖିବାକୁ ମିଳିପାରେ। ଏହା ପୂର୍ବରୁ ଦେଶରେ ପେଟ୍ରୋଲ ଏବଂ ଡିଜେଲର ଦାମରେ ୩ ଟଙ୍କା ପ୍ରତି ଲିଟ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲା। ଏହା ସହ କେନ୍ଦ୍ର ସରକାର ତେଲ କମ୍ପାନିଙ୍କ ପାଇଁ ନିୟମରେ ପରିବର୍ତ୍ତନ କରିଛନ୍ତି। ସରକାର ପେଟ୍ରୋଲ ରପ୍ତାନୀ ଉପରେ ୩ ଟଙ୍କା ପ୍ରତି ଲିଟରର ଓ୍ୱିଣ୍ଡଫଲ୍ ଟ୍ୟାକ୍ସ ଲଗାଇଛନ୍ତି। ଡିଜେଲ ଏବଂ ଜେଟ୍ ଫ୍ୟୁଲ (ATF) ଉପରେ ଟ୍ୟାକ୍ସ କମାଇଛନ୍ତି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୦,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬, ୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୦,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬, ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୯୫୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୦,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬, ୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୯୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ନିଶାଡ଼ିଙ୍କ ଚରାଭୂଇଁ ପାଲଟିଛି ଜଗନ୍ନାଥପୁର-ନରୁଆ ବଜାର

### ସବୁ ଦେଖି ଚୁପ୍ ବସିଛି ପୁଲିସ

ତିର୍ତ୍ତୋଲ,୧୭।୫ (ସଂଚାର ବ୍ୟୁରୋ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତାରେ ଥିବା ଜଗନ୍ନାଥପୁର ,ନରୁଆ ଓ ଇବ୍ରିଶିଂ ବଜାର ପାଲଟିଛି ନିଶାଡ଼ିଙ୍କ ଚରାଭୂଇଁ । ଦିନ ହେଉ କିମ୍ବା ରାତି ଅହରହ ଚାଲିଛି ଏଠାରେ ମଦୁଆ ଙ୍କ ଉତ୍ପାତ ରାସ୍ତାରେ ଝିଅ ବୋହୂ ଯିବାକୁ ଭୟ କରିଥିବା ବେଳେ । ଅତ୍ୟଧିକ ମଦ୍ୟପାନ କରି ଗାଡି ବେଗ ବଢ଼ାଇବା ସହିତ ଗାଡି ସାଇଲେନ୍ସରରେ ବିରକ୍ତିକର ଶବ୍ଦ ପାଇଁ ସ୍ଥାନୀୟ ବାସୀନ୍ଦା ହଇରାଣ ରେ ପଡ଼ିଛନ୍ତି। ସେହିପରି ମଣିଜଙ୍ଗା ଏରସମା ରାସ୍ତାର ଖଡ଼ଗପୁର ସ୍ଥିତ ଜି-୧ କେନାଲ ଦେଇ ଯାଇଥିବା ରାସ୍ତାର ଇବ୍ରିସିଙ୍ଗ ପଞ୍ଚାୟତ ର ଖନ୍ଦଳ ଗ୍ରାମ ପାଖାପାଖି ଚୋରା ମଦ କାରବାର ଚାଲିଥିବା ବେଳେ ସେଠାରେ ରାତ୍ରିରେ ଯିବା ଆସିବା କରୁଥିବା ଯାତ୍ରୀ ମାନେ ବହୁ ହଇରାଣର ଶିକାର ହେଉଛନ୍ତି।

ଏ ବାବଦରେ ତିର୍ତ୍ତୋଲ ଥାନାକୁ ପଥଚାରୀମାନେ ଫୋନ୍ ଯୋଗେ ଖବର ଦେଲେ ମଧ୍ୟ ପୁଲିସ୍ ସବୁ ଜାଣି ଚୁପ୍ ରହିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି ସିଲନ୍ଦି, ଖନ୍ଦଳ ଠାରେ ଜଣେ ମହିଳା ଓ ଜଣେ ପୁରୁଷ ପ୍ରାୟ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଚୋରା ମଦ କାରବାର କରୁଥିବା ବେଳେ ଜି ୧ ନାଳବନ୍ଧ କଡ଼ରେ ରାତ୍ରି ହେଲେ ମଦୁଆ ସବୁ ମଦ ଧରି ପାର୍କ ଭଳି ନାଳ ରାସ୍ତା ଯାକ ବସିପଡୁ ଥିବା ବେଳେ ସାଧାରଣ ଲୋକମାନେ ଯିବା ଆସିବା କରିବା ପାଇଁ ଡରୁଛନ୍ତି। ଏଠି ପ୍ରଶ୍ନ ଉଠୁଛି ଜେ ଜିଲାରେ ଚୋରା ମଦକୁ ନେଇ ଧଡ଼ପଗଡ ଚାଲିଥିବା ବେଳେ ଏଠାରେ ତିର୍ତ୍ତୋଲ ପୁଲିସର ନୀରବତାକୁ ନେଇ ପ୍ରଶ୍ନ ଉଠୁଛି।

### ନାହିଁ ନାହିଁର ଗାଁ ଗାଦବାଗୁଡା

# ମୌଳିକ ସୁବିଧା ସୁଯୋଗ ବି ମିଳୁନି

### ଜଙ୍ଗଲ ଭିତରେ ବିଡମ୍ବିତ ଜୀବନ ଜୀଉଛନ୍ତି ଲୋକେ



ବୈପାରିଗୁଡା,୧୭।୫ (ସଂଚାର ବ୍ୟୁରୋ): ଆଜକୁ ୮ ଦଶନ୍ଧି ଧରି ବିକଶିତ ହେଉଛି ଭାରତ । କିନ୍ତୁ ସ୍ୱାଧିନତାର ଏହି ୮୦ ବର୍ଷ ଭିତରେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ଗ୍ରାମପଂଚାୟତ ଅଧିନରେ ଥିବା ଗାଦବାଗୁଡା ଗ୍ରାମରେ ବସବାସ କରୁଥିବା ଅଧିବାସୀମାନେ ବିକାଶ ତ ଦୂରର କଥା ସରକାରୀ ସୁବିଧା କଣ ତାହା ଜାଣି ନଥିବା ଦେଖିବାକୁ ମିଳିଛି । ଗାଁକୁ ଯିବାକୁ ହେଲେ ସିରିବେଡା ଗ୍ରାମ ଠାରୁ ଗାଦବାଗୁଡା ଗ୍ରାମ ଯିବା ପାଇଁ ତିନି କିଲୋମିଟର ଜଙ୍ଗଲ ରାସ୍ତାକୁ ଚାଲି ଚାଲି ଅତିକ୍ରମ କରିବା ପରେ ଗାଁକୁ ପହଁଚି ହୁଏ । ଏଠି ଲୋକମାନେ ଜଙ୍ଗଲ ଭିତରେ କେବଳ ଜଙ୍ଗଲୀ ମଣିଷ ପରି ଜୀବନ ଜୀଉଁଛନ୍ତି । ମଣିଷ ଭାବେ ବଂଚିବା ପାଇଁ କୌଣସି ପ୍ରକାରର ମୌଳିକ ସୁବିଧା ସୁଯୋଗ ଏହି ଗାଁରେ ନଥିବାରୁ ନାନା ପ୍ରକାରର ସମସ୍ୟାରେ ଜର୍ଜରିତ ହେଉଛନ୍ତି ଗ୍ରାମବାସୀ ।

ଏହି ଗ୍ରାମରେ ଆଦିବାସୀ ଗାଦବା ସମ୍ପ୍ରଦାୟର ୧୦ଗୋଟି ପରିବାରର ଘର କରି ରହିଛନ୍ତି । ଗାଁର ସମସ୍ତ ପରିବାର ଗରୀବ ଶ୍ରେଣୀର । କୁଲି ମଜୁରି କରି ଯାହା କିଛି ଅର୍ଥ ଉପାର୍ଜନ କରନ୍ତି ସେତିକିରେ ଚଳିଯାଆନ୍ତି ଏମାନେ। ବଂଚିବା ପାଇଁ ପାନୀୟ ଜଳ ଅତ୍ୟାବଶ୍ୟକ ହୋଇ ଥଲେ ମଧ୍ୟ ଗ୍ରାମବାସୀ ପାନୀୟ ଜଳ ବୁନ୍ଦାଏ ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏପରିକି ପାଣି ପାଇଁ ଜଙ୍ଗଲୀ ନାଳ, ଝୋଲା, ଝରଣା ଓ ଚୁଆ ଖୋଜି ଖୋଜି ପାନୀୟ ଜଳ ସଂଗ୍ରହ କରୁଛନ୍ତି ଲୋକେ । ଗାଁର ଅବସ୍ଥିତି କହିଲେ ଗାଁର ଚାରିପାଖରେ ପାହାଡ, ପର୍ବତ ଘେରାଘଞ୍ଚ ଜଙ୍ଗଲ । ଗାଁ ଭିତରକୁ ଯିବାକୁ ହେଲେ ଆପଣ ନିଜେ ଆଖିକୁ ଦିଶୁ ନଥିବା ଅଦୃଶ୍ୟ ରାସ୍ତା ଖୋଜିଖୋଜି ଯିବାକୁ ପଡିବ । ଗାଁର ଲୋକମାନେ ପାନୀୟ ଜଳ, ଗମନାଗମନ ସୁବିଧାରୁ ବଂଚିତ ଥିବା ବେଳେ ପକ୍କାଘର ସେମାନଙ୍କ ପାଇଁ ସାତସପନ ପାଲଟିଛି। ଗାଁର କିଛି ବୃଦ୍ଧବୃଦ୍ଧା ଓ ବିଧବା ଥିଲେ ମଧ୍ୟ ସେମାନେ ମାସିକ ଭତ୍ତା ପାଇବାରୁ ବଂଚିତ ହୋଇ ରହିଛନ୍ତି । ସରକାରୀ ସୁବିଧା କହିଲେ ଏକଟଙ୍କିଆ ଚାଉଳ ସମସ୍ତଙ୍କୁ ମିଳୁଛି । ଗାଁକୁ ବିଦ୍ୟୁତ ମଧ୍ୟ ଯାଇଛି । ହେଲେ ଯାତାୟତ ପାଇଁ ରାସ୍ତା ଓ ବଂଚିବା ପାଇଁ ପାଣିର ବ୍ୟବସ୍ଥା ନଥିବାରୁ ଗ୍ରାମବାସୀ ଏକ ପ୍ରକାର ଦୟନୀୟ ଜୀବନ ବିତାଉଥିବା ଦେଖିବାକୁ ମିଳିଛି।

ଏପରିକି ବଖୁରିଏ ବଖୁରିଏ ଚାଳ ଛପର ମାଟି ଘର ଭିତରେ ୫ ରୁ ୬ ପ୍ରାଣୀ କୁଟୁମ୍ବ ରହୁଥିବା ଦେଖିବାକୁ ମିଳିଛି। ଗାଁରେ ବସବାସ କରୁଥିବା ହରି ହନ୍ତାଳ, ଦୀନବନ୍ଧୁ ଗାଦବା, ଧନୁର୍ଜୟ ଗାଦବା, ଶିବ ଖିଲ, ସୁକଲଧର ଗାଦବା, ଅର୍ଜୁନ ଗାଦବା, ମାଧବ ଗାଦବା, ଧନ ଗାଦବା, ଡମ୍ବୁ ଗାଦବା ଓ ଧନୁର୍ଜୟ ଗାଦବା ବର୍ତ୍ତମାନ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାରୁ ଉକ୍ତ ଗାଁ ଏକ ପ୍ରକାର ପୁରୁଷ ଶୂନ୍ୟ ହୋଇ ପଡିଥିବା ଦେଖିବାକୁ ମିଳିଛି। ତେଣୁ ଏହି ଗାଁ ପ୍ରତି ସରକାରୀ ବାବୁ ମାନଙ୍କ ଶୁଭ ଦୃଷ୍ଟି କେବେ ତାହା କେବଳ ଦେଖିବାକୁ ବାକି ରହିଲା ।

### ମରାମତି ବେଳେ ଦୁର୍ଘଟଣା

## ବିଦ୍ୟୁତ ଆଘାତରେ ଫିଡ଼ରୁ ଖସିପଡ଼ିଲେ କର୍ମଚାରୀ



ବାଲିକୁଦା,୧୭।୫ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ଆଜି ଏକ ଦୁଃଖଦ ଅଘଟଣ ଘଟିଛି। ବିଦ୍ୟୁତ ଆଘାତରେ ଜଣେ ଲାଇନମ୍ୟାନ ଗୁରୁତର ଆହତ ହୋଇଥିବା ବେଳେ ସେ ଏବେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁଯାୟୀ, ବାଲିକୁଦା ବିଦ୍ୟୁତ ବିଭାଗ ଅଧୀନ ଦଶବାଟିଆ ଫିଡ଼ରେ କିଛି ତ୍ରୁଟି ଦେଖାଦେଇଥିଲା। ଏହାର ମରାମତି କାର୍ଯ୍ୟ ପାଇଁ ଆଜି ପୂର୍ବାହ୍ନ ପ୍ରାୟ ୯ଟା ୩୦ ମିନିଟ ସମୟରେ ଟିପିସିଡିଓଏଲ ପକ୍ଷରୁ ସଟଡାଉନ ନିଆଯାଇଥିଲା। ଏହାପରେ ଲାଇନମ୍ୟାନ ପ୍ରଦୋଷ ବେହେରା ଫିଡ଼ ଉପରକୁ ଚଢି ମରାମତି କାମ କରୁଥିଲେ। କିନ୍ତୁ କୌଣସି କାରଣବଶତଃ ହଠାତ୍ ଲାଇନ ଚାର୍ଜ ହୋଇଯାଇଥିବାରୁ ପ୍ରଦୋଷ ବେହେରା ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଫିଡ଼ ଉପରୁ ସିଧାସଳଖ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ସହକର୍ମୀମାନେ ତୁରନ୍ତ ତାଙ୍କୁ ବାଲିକୁଦା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ବିଦ୍ୟୁତ ବିଭାଗର କାର୍ଯ୍ୟ ପ୍ରଣାଳୀ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସଟଡାଉନ ଥିବା ସତ୍ତ୍ୱେ କିପରି ଲାଇନ ଚାର୍ଜ ହେଲା, ଏ ନେଇ ତଦନ୍ତ ପାଇଁ ସାଧାରଣ ରେ ଦାବୀ ହେଉଛି।

## ରାସ୍ତାକଡ଼ରେ ଶହଶହ ମଲା କୁକୁଡା, ଦୁର୍ଗନ୍ଧରେ ନାକ ଫାଟି ପଡୁଛି



କଣାସ,୧୭।୫ (ସଂଚାର ବ୍ୟୁରୋ): କଣାସ ବ୍ଲକ କଉଡିଆପୁର ଗ୍ରାମ ନିକଟ ମକରାନଦୀର ବନ୍ଧ କଡରେ କେହି ବ୍ୟକ୍ତି ଶହଶହ ମଲା କୁକୁଡା ଦୁଇଦିନ ହେଲା ଫୋପାଡି ଦେଇଯାଇଛି। କୁକୁଡାଗୁଡିକ ପଚି ଯିବାରୁ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ବାଟୋଇମାନେ ଯାତାୟତ ସମୟରେ ନାକରେ ଲୁଗା କିମ୍ବା ହାତଦେଇ ଯିବା ଆସିବା କରୁଛନ୍ତି। ପୂର୍ବରୁ ବ୍ଲାଡ୍‌ଫ୍ଲୁ ଆଂଶଙ୍କା ଯୋଗୁଁ ସରକାର ଯେଉଁ ଅଞ୍ଚଳରେ ବ୍ଲାଡ୍‌ଫ୍ଲୁ ଚିହ୍ନଟ ହୁଏ ସେହି ଅଞ୍ଚଳର କୁକୁଡାମାନଙ୍କୁ ମାରିଦେଉଥିଲେ। ସେହି ଭୟରେ ଯେଉଁ ଫାର୍ମରେ ଏତେ ସଂଖ୍ୟକ କୁକୁଡା ମରିଛନ୍ତି ସେ ଭି.ଏସ୍‌ଙ୍କୁ ନ ଜଣାଇ ନଦୀବନ୍ଧ କଡରେ ଫୋପାଡି ଦେଇଥିବା ଜନସାଧାରଣରେ ଆଲୋଚନରାର ବିଷୟବସ୍ତୁ ହୋଇଛି। ଏ ସମ୍ପର୍କରେ କଣାସ ମୁଖ୍ୟ ପ୍ରାଣିଧନ କାର୍ଯ୍ୟାଳୟର ମୁଖ୍ୟ ଡାକ୍ତରଙ୍କୁ ପାଚାରିବାରୁ ସେକୁହନ୍ତି ମୁଁ ଏ ସମ୍ପର୍କରେ କିଛି ଜାଣିନାହିଁ ତଦନ୍ତ କରୁଛି।

### କାଳବୈଶାଖୀରେ ରାଇଘରରେ ବ୍ୟାପକ କ୍ଷୟକ୍ଷତି

## ଗଛ ପଡ଼ି ଭାଙ୍ଗିଲା ଘର, ବିଦ୍ୟୁତ୍ ଯୋଗାଣ ଠପ୍



ରାଇଘର,୧୭।୫ (ସଂଚାର ବ୍ୟୁରୋ): ରାଇଘର ବ୍ଲକ କୁମୁଲି (ଡିଏନକେ)ରେ ଆଜି ଅପରାହ୍ନ ୪ଟାରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ଏବଂ କୁଆପଥର ବର୍ଷା ହୋଇଛି। ଫଳରେ ବହୁ ଲୋକଙ୍କ ଘର ଛପର ଉଡ଼ିଯାଇଥିବା ବେଳେ ଗଛ ପଡ଼ି ଘର ଭାଙ୍ଗିବା ସହିତ ମକା ଓ ପରିବା ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ସରଗୁଲି (ଡିଏନକେ) ଗ୍ରାମରେ ମଧ୍ୟ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଆଜିର କାଳବୈଶାଖୀ ଯୋଗୁଁ ରାଇଘର ବ୍ଲକରେ ବିଦ୍ୟୁତ ଯୋଗାଣ ଠପ୍ ହୋଇପଡ଼ିଛି। ଅପରାହ୍ନ ୪ଟା ସମୟରେ ମାତ୍ର ୨୦ ମିନିଟ୍ ମଧ୍ୟରେ ଏହି ଝଡ଼ ତୋଫାନ ଛାରଖାର କରିଦେଇଥିଲା। କୁମୁଲି ଶିବ ପଦ ହାଲଦର୍ ଘର ଉପରେ ଆମ୍ବ ଗଛ ପଡ଼ି ଲାଟିନ, ବାତରୁମ ରହିବା ଘର ଆଜବେଷ୍ଟ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗ୍ରାମର ତାରକ ରାୟଙ୍କ ଆଜବେଷ୍ଟ ଛାତ ଉଡ଼ିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିଲେ। ଅଭିଜିତ ସରକାର ଓ କାର୍ତ୍ତିକ ମଣ୍ଡଳଙ୍କ ଘର ଉପରେ ଗଛ ପଡ଼ିଯିବାରୁ ଘର ନଷ୍ଟ ହୋଇଥିବା ଜଣାପଡ଼ିଛି।

ସେହିପରି ଉମରକୋଟରୁ ରାଇଘରକୁ ଆସିଥିବା ୩୩ କେଭିର ୪ଟି ବିଦ୍ୟୁତ୍ ପୋଲ ବଙ୍କା ହୋଇଯାଇଛି। ଫଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଆସନ୍ତାକାଲି ସନ୍ଧ୍ୟା ପୂର୍ବରୁ ବିଦ୍ୟୁତ୍ ସ୍ୱାଭାବିକ କରାଯିବ ବୋଲି ବିଦ୍ୟୁତ୍ ବିଭାଗର ଅଧିକାରୀମାନେ କହିଛନ୍ତି।

## ସତ୍ୟବାଦୀରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ




ସତ୍ୟବାଦୀ,୧୭।୫ (ସଂଚାର ବ୍ୟୁରୋ): କିଟ ଓ ଆର୍ଟ ଅଫ ଗିଭିଙ୍ଗର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ଦେଶ, ବିଦେଶ ତଥା ବିଶ୍ୱର ୨୨୦ ଗୋଟି ଦେଶରେ ଧୁମ୍ ଧାମରେ ୧୩ ତମ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭୀଙ୍ଗ ଦିବସ ପାଳିତ ହେଉଛି । ଆଜି ସତ୍ୟବାଦୀର ଆଚାର୍ଯ୍ୟ ହରିହର ଶିଶୁଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ଯୋଗଦେଇ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆନୁଷ୍ଠାନିକ ଭାବେ ଆର୍ଟ ଅଫ୍ ଗୀଭିଙ୍ଗ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଅନ୍ୟତମ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମହାପାତ୍ର, ଆଚାର୍ଯ୍ୟ ହରିହର ଶିଶୁ ଭବନର ସମ୍ପାଦକ ହୃଷିକେଶ ଦାଶ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅମର କୁମାର ଶତପଥୀ, ଆର୍ଟ ଅଫ୍ ଗୀଭିଂର ସତ୍ୟବାଦୀ ବ୍ଲକ୍ ସଂଯୋଜକ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ଯୋଗଦେଇ ଏହି ଦିବସ ପାଳନ ଅବସରରେ ନିଜନିଜର ମତରଖିଥିଲେ । ସେୟାର ଟୁ ସାଇନ୍ ବା ଦେଇଥିଲେ ପାଇ ଥିମ ଏହି ବର୍ଷ ପାଇଁ ଆହ୍ୱାନ ରହିଛି ବୋଲି କହିଥିଲେ। ବ୍ୟକ୍ତି ସବୁବେଳେ ଦବାରେ ଖୁସି ଅନୁଭବ କରିବା ଉଚିତ ନବାରେ ନୁହେଁ ବୋଲି ଅତିଥି ମାନେ କହିଥିଲେ। ସମସ୍ତେ ମିଳିମିଶି ନିଜ ନିଜ ସକ୍ଷମ ହିସାବରେ ସମାଜର ଦୁର୍ବଳ, ଅସହାୟ, ଲୋକମାନଙ୍କୁ ଦେବା, ଯେଉଁମାନେ ମୁହଁ ଖୋଲି କହିପରାନ୍ତିନି ବା ନିଜର ଆବଶ୍ୟକତା ସମ୍ବନ୍ଧରେ ପ୍ରକାଶ କରିପାରନ୍ତି ନାହିଁ, ସେମାନଙ୍କୁ ସହଯୋଗ କରିବାକୁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ମିନାକ୍ଷୀ ବାରିକ, କବିତା ପାତ୍ର, ଲକ୍ଷ୍ମୀଧର ସାହୁ, ପ୍ରମୋଦ କୁମାର ଜେନା, ସ୍ୱର୍ଣ୍ଣଲତା ନାୟକ, ଚତୁର୍ଭୁଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ ଅନ୍ତେବାସୀ ମାନଙ୍କୁ ଖାତା, ପେନ୍ ଓ ଅଂଶଗ୍ରହଣ ସର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଭଦ୍ରେଶ୍ୱର ଥାନା ଅଞ୍ଚଳରେ ବଢୁଛି ମାଟି ମାଫିଆଙ୍କ ଦୌରାତ୍ମ୍ୟ

### ବେଆଇନ ମାଟି ବୋଝେଇ ଟ୍ରାକ୍ଟର ସହ ପ୍ରୋକ଼୍ଲିନ ଜବତ, ଜଣେ ଅଟକ




ମାହାଙ୍ଗା,୧୭।୫ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳ ଏବେ ବିଭିନ୍ନ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଥିବା ବେଳେ ଭଦ୍ରେଶ୍ୱର ପୁଲିସ ହାତ ବାନ୍ଧି ଚୁପ ହୋଇ ବସିଛି। ତେବେ ଏହି ଥାନା ଅଞ୍ଚଳର ଗୋଚର, ଦଣ୍ଡା, ଶ୍ମଶାନ ଓ ଜଳାଶୟ ଆଦି ସ୍ଥାନରୁ ମାଟି ମାଫିଆମାନେ ଜେସିବି ଓ ପ୍ରୋକ଼୍ଲିନ ସାହାଯ୍ୟରେ ମାଟି ତାଡି ବେଆଇନ ଭାବେ ବିନା ମଞ୍ଜୁରରେ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ପରିବହନ କରି ମାଲେ ମାଲେ ହେଉଛନ୍ତି। ଆଜି ମଧ୍ୟାହ୍ନରେ ଗୋତରା ପଞ୍ଚାୟତ ଆପିଲୋ ଜହ୍ନିଆ ଠାରେ ୫ରୁ ଉର୍ଦ୍ଧ୍ୱ ନମ୍ବର ବିହୀନ ଟ୍ରାକ୍ଟର ଯୋଗେ ମାଟି ପରିବହନ ହୋଇଥିବା ନେଇ ପୁଲିସକୁ କେହି ଖବର ଦେଇଥିଲେ। ତେବେ ଏହି ଥାନାରେ ନୂତନ ଭାବେ ଯୋଗଦେଇଥିବା ପୁଲିସ ଅଧିକାରୀ ତୁରନ୍ତ ସେଠାରେ ପହଞ୍ଚି ଏକ ମାଟି ବୋଝେଇ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ମାଟି ମାଫିଆ ଜଣକ ଫିଲିମ ଷ୍ଟାଇଲେ ପୁଲିସ ଅଧିକାରୀଙ୍କୁ ଫୋନ କରି ନିଅ ମ୍ୟାଡାମ କଥା ହେବ କହି ଗାଡି ଖସାଇ ନେବା ନିମନ୍ତେ ଚାପ ପ୍ରୟୋଗ କରୁଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଛି।

ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ପୁଲିସ ବାଧ୍ୟ ହୋଇ ମାଟି ଖୋଳୁଥିବା ପ୍ରୋକ଼୍ଲିନ ମେସିନକୁ ଜବତ କରି ଥାନାକୁ ଆଣୁଥିବା ବେଳେ ଅଧ ବାଟରେ ମେସିନଟି ରାସ୍ତାକଡରେ ରହିଥିବା ଓ ଏହାକୁ ଦୁଇ ଜଣ ପୁଲିସ କର୍ମଚାରୀ ଜଗି ରହିଥିବା ଜଣାଯାଇଛି। ଅପର ପକ୍ଷରେ ସମ୍ପୃକ୍ତ ମାଟି କାରବାରେ ଲିପ୍ତ ମାଫିଆକୁ ପୋଲିସ ଥାନାରେ ଅଟକ ରଖିଥିବା ଜଣାଯାଇଛି।

ପ୍ରକାଶ ଥାଉ କି ଗତ କିଛି ଦିନ ତଳେ ଗଣମାଧ୍ୟମ ପ୍ରତିନିଧି ବେଆଇନ ମାଟି ଚାଲାଣର ଫଟୋ ଉତୋଳନ କରୁଥିବାବେଳେ ଏହି ମାଟି ମାଫିଆ ଜଣକ ତାଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ଭଦ୍ରେଶ୍ୱର ଥାନାରେ ଅଭିଯୋଗ ହେବା ସହ ମାମଲା ରହିଥିବା ଜଣାଯାଇଛି।

ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଏବେ ବେଆଇନ ମଦ, ଗଞ୍ଜେଇ, ବାଣ ଓ ବିସ୍ଫୋରକ ସାମଗ୍ରୀ ବହୁଳ ମାତ୍ରାରେ କାରବାର ହେଉଥିବା ବେଳେ ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି।

## ବୈଶିଙ୍ଗା ଥାନାରେ ଆମ ପୁଲିସ ସମିତି ବୈଠକ




ବୈଶିଙ୍ଗା,୧୭।୫ (ସଂଚାର ବ୍ୟୁରୋ): ରବିବାର ଅପରାହ୍ନ ୫ ଘଟିକାରେ ଆମ ପୋଲିସ ସମିତି ପକ୍ଷରୁ ବୈଶିଙ୍ଗା ଥାନାର ଅଭ୍ୟର୍ଥନା କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଥନାଧିକାରୀ ବାରିଣି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହିଳା ଡେସ୍କର ଇତିଶ୍ରୀ ସାହୁ,ଏସ ଆଇ ସରୋଜ ଜେନା, ଏଏସଆଇ ମିତ୍ରଭାନୁ ବାରିକ ପ୍ରମୁଖ ଉପସ୍ଥିତ ରହି ପୋଲିସ ଏବଂ ଜନ ସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ ।

ବର୍ତ୍ତମାନ ସାରା ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଉପୁଜୁଥିବା ମବ୍ ଲିଞ୍ଚିଙ୍ଗକୁ ନେଇ ଉପସ୍ଥିତ ସଦସ୍ୟମାନେ ପୋଲିସ ର ଦକ୍ଷତାକୁ ଦୃଢ଼ କରିବାକୁ ମତପୋଷଣ କରିଥିଲେ। ପୁଲିସ ମଧ୍ୟ ଏଥିପାଇଁ ସମସ୍ତଙ୍କର ସହଯୋଗ ଲୋଡିଥିଲେ। ମବ୍ ଲିଞ୍ଚିଙ୍ଗ୍ ସମ୍ପର୍କରେ ଆଇନଜୀବୀ ମନୋଜ କୁମାର ପଣ୍ଡା ଆଇନଗତ ସମସ୍ୟା ବିଷୟରେ ସବିସ୍ତୃତ ଆଲୋଚନା କରିଥିଲେ। ଗାଡି ଯାଞ୍ଚ ସମୟରେ ବାଇକ ଚାଳକ ଙ୍କ ହେଲମେଟ ଯାଞ୍ଚ କରାଯାଉଛି ସତ ମାତ୍ର ଟ୍ରାକ୍ଟର ଡ୍ରାଇଭର ମାନଙ୍କର ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯାଉନଥିବାରୁ ଉପସ୍ଥିତ ସାମ୍ବାଦିକ ଦୁଃଖ ପ୍ରକାଶ କରିଥିଲେ। ତେବେ ଥାନାକୁ ଆସୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଯଥା ଚିତ ସହଯୋଗ କରାଯିବାକୁ ପରାମର୍ଶ ଦିଆଯାଇଥିଲା ।

## କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ



କଣାସ,୧୭।୫ (ସଂଚାର ବ୍ୟୁରୋ): କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ବହୁପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କଣାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡମ୍ବୁରୁଧର ଛୁଆଳସିଂହଙ୍କ ତତ୍ତ୍ୱାବଧାନରେ ଆଟ୍ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନା ଚକ୍ରରରେ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସମ୍ପାଦକ ତଥା ପୁରୀ ଜିଲ୍ଲା ଓଷ୍ଟାର ପ୍ରାକ୍ତନ ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ଅଧ୍ୟକ୍ଷତା କରିଥିଲେ। ପ୍ରଫେସ୍‌ର ଅଚୁତ ସାମନ୍ତଙ୍କ ସମାଜ ପ୍ରତି ମହାନ ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ସମାଜକୁ ଦେବା ପାଇଁ ଆମର ମାନସୀକତାର ପରିବର୍ତ୍ତନ ଆବଶ୍ୟକତା ରହିଛି। ଏହି ଗୁଣ ବହୁତ ପୂର୍ବରୁ ଆମ ପରିବାର ସମାଜରେ, ଓଡ଼ିଆ ସଂକୃତିରେ ପ୍ରଚଳିତ ରହିଆସିଛି। ଆଜି ଧିରେ ଧିରେ ସେଗୁଡିକ ଭୁଲିଯାଇଛି। ତେଣୁ ଡଃ ସାମନ୍ତ ଏହି କଥାକୁ ଉପଲବ୍ଧି କରି ୨୦୧୩ ମସିହାରୁ ଲୋକମାନଙ୍କ ମଧ୍ୟରେ ପୁନଃ ଜାଗରଣ ନିମନ୍ତେ କାର୍ଯ୍ୟକ୍ରମ କରିଚାଲିଛନ୍ତି। ଯାହା ଶତାଧିକ ଦେଶରେ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ହୋଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ସମାଜସେବୀ ରବୀନ୍ଦ୍ରନାଥ ରାଉତରାୟ, ସାମ୍ବାଦିକ ସମିରକେଶରୀ ବଳିୟାରସିଂହ, ସଞ୍ଜୟ କୁମାର ଛୁଆଳସିଂହ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ମହାବିଦ୍ୟାଳୟର ପ୍ରାକ୍ତ ଅଧ୍ୟାପକ ପ୍ରଫୁଲ କୁମାର ଜେନା ପରିଚାଳନା କରିଥିଲେ।

## ରାତିଅଧିଆ ରାସ୍ତାକାମର ଭିଜିଲାନ୍ସ ତଦନ୍ତ ଦାବି



ତିର୍ତ୍ତୋଲ,୧୭।୫ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗେଇ ଗ୍ରାମରେ ଝାଟୁ ବେହେରା ଘର ଠାରୁ ନେଇ ହଁସୁଆ ନଦୀ ପର୍ଯ୍ୟନ୍ତ ହେଉଥିବା ଢଳାଇ ରାସ୍ତା କାମକୁ ନେଇ ଏବେ ଜିଲ୍ଲାରେ ଚର୍ଚ୍ଚା ହେବା ପରେ ବୁଦ୍ଧିଜୀବୀଙ୍କ ମହଲରେ ତିର୍ତ୍ତୋଲ ବ୍ଲକର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏହି କାମ ଆରମ୍ଭ ହେଉଥିବା ବେଳେ ଗ୍ରାମବାସୀମାନେ ଆଉ ଟିକେ ଭଲ କରି କାମ କର, କାରଣ ଏହି ରାସ୍ତା ସରକାର ଆମକୁ ଦେଇଛନ୍ତି, ଯଦି ଏଭଳି କାମ କରିବ ତାହାଲେ ଏଷ୍ଟିମେଣ୍ଟ ଦେଖାନ୍ତୁ, କହିବାରୁ ଯନ୍ତ୍ରୀ ମହାଶୟା ରାଗି ଯାଇଁ ଥାନାରେ ପହଞ୍ଚିଥିଲେ । ତାପରେ ଦିନରେ କାମ କଲେ ଲୋକେ ବିରୋଧ କରିବେ ବୋଲି ଏକ ଏଜେଣ୍ଟକୁ ଲଗାଇ ରାତି ୧୧ଟାରୁ ଆରମ୍ଭ କରି ତରବରିଆ ଭାବେ କାମ ସମାପ୍ତ କରିଥିଲେ। ରାତିଅଧିଆ ରାସ୍ତା ନିର୍ମାଣକୁ ନେଇ ଗଣମାଧ୍ୟମକୁ ଖବର ଆସିବା ପରେ ଗଣମାଧ୍ୟମ ତୁରନ୍ତ ଯନ୍ତ୍ରୀଙ୍କୁ ଭିଡିଓ ଫୁଟେଷ୍ଟ ପଠାଇ ଥିଲେ, କିନ୍ତୁ ଯନ୍ତ୍ରୀ ମହାଶୟା ସେଇ ଭିଡିଓ ଫୁଟେଷ୍ଟ୍ ଟିକୁ କାଳବିଳମ୍ବ ନକରି କାମକରୁଥିବା ଏଜେଣ୍ଟକୁ ପଠାଇଥିଲେ।

ସେଇ ଏଜେଣ୍ଟଟି ଏକ ଜୈନିକ ସାମ୍ବାଦିକଙ୍କୁ ପଇସା ଜାଚିବାକୁ ନେଇ ତୁମ୍ବତୋଫାନ ହୋଇଛି। ଏଠି ପ୍ରଶ୍ନ ଉଠୁଛି ଯେ ଯନ୍ତ୍ରୀ କିଭଳି ରାତିଅଧିଆ କାମ କରିବା ପାଇଁ ସୁପାରିସ ଦେଲେ ଏଜେଣ୍ଟକୁ? ଯନ୍ତ୍ରୀଙ୍କ ପାଖକୁ ଯାଇଥିବା ଭିଡିଓଟି ସଙ୍ଗେ ସାଙ୍ଗେ ଏଜେଣ୍ଟ ପାଖକୁ ଆସିଲା କିଭଳି? ଯାହାକି ପଇସା ଦେଇ ଚତୁର୍ଥ ସ୍ତମ୍ଭ ମୁଁହକୁ ଚାପି ଦେବାକୁ ପ୍ରୟାସ କରାଯାଉଛି ଓ ଖୁଲମ୍‌ଖୁଲା ଦୁର୍ନୀତି କରିବା ପାଇଁ ସାହସ କରାଯାଉଅଛି। ସେହିପରି ବ୍ଲକର ମୁଖିଆ ତଥା ବିଡିଓ ଥାଉ ଥାଉ କିଭଳି ଯନ୍ତ୍ରୀ ନିଜେ ଯାଇ ଥାନାରେ ଅଭିଯୋଗ କରିଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଅଞ୍ଚଳବାସୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରଂକେଇର ଏହି ରାସ୍ତା କାମକୁ ନେଇ ଭିଜଲାନ୍ସ ତଦନ୍ତ ଦାବି କରିଛନ୍ତି।

## ଗାଈବନ୍ଧା ଦଉଡ଼ି ଓ ବ୍ୟାଗ ଛାଡ଼ି ଦୁର୍ବୃତ୍ତ ଫେରାର




ବଡ଼ଗାଁ,୧୭।୫ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ନିକଟ ଡେମୁପଡା ଗ୍ରାମକୁ ଶନିବାର ରାତିରେ ଗାଈ ବଳଦ ଚୋରି କରିବାକୁ ଆସିଥିବା କେତେକ ଦୁର୍ବୃତ୍ତ ଗ୍ରାମବାସୀଙ୍କୁ ଦେଖି ଦୌଡ଼ି ପଳାଇଥିଲେ। ରବିବାର ପୂର୍ବାହ୍ନ ରେ ଗ୍ରାମବାସୀମାନେ ପୁଲିସକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରୁ ଗାଈ ବନ୍ଧା ଦଉଡ଼ି, ବ୍ୟାଗ ଓ ପାସବୁକ୍ ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ପଡ଼ାର କେତେକ ବ୍ୟକ୍ତିଙ୍କ ୪୦ରୁ ଉର୍ଦ୍ଧ୍ୱ ଗାଈ, ବଳଦ ଓ ବାଛୁରି ଏକ ମାସ ମଧ୍ୟରେ ଚୋରି ହୋଇଥିଲା। ଗ୍ରାମବାସୀମାନେ ଗାଈ ଚୋରି ହେଉଥିବାରୁ ସତର୍କ ଦୃଷ୍ଟି ରଖିଥିଲେ। ଶନିବାର ରାତି ସାଢ଼େ ୧୧ ଟା ସମୟରେ ପଡ଼ାର ଉଜଲା ଲାକ୍ରା, ଗୌରୀ କୁଜୁର ଓ ନିନ୍ଦରା କିସାନ ଘରକୁ ଆସିନଥିବା ଗାଈ ଖୋଜିବା ପାଇଁ ଯାଇଥିଲାବେଳେ ୪/୫ ଜଣ ଯୁବକ ସେମାନଙ୍କୁ ଦେଖି ଦୌଡ଼ି ପଳାଇଥିଲେ। ସେମାନେ ଏକ ପିକଅପରେ ଆସିଥିଲେ। ରବିବାର ସକାଳେ କେତେକ ବ୍ୟକ୍ତି ସେହି ସ୍ଥାନରୁ କଳା ରଙ୍ଗର ବ୍ୟାଗ ପାଇଥିଲେ। ଦୌଡ଼ି ପଳାଇଥିବା ଯୁବକମାନେ ଏୟାର ବ୍ୟାଗ ଛାଡ଼ି ପଳାଇଥିବା ଗ୍ରାମବାସୀ ମାନେ କହିଛନ୍ତି। ରବିବାର ଥାନା ଏଏସଆଇ ବିଜୟ କୁମାର କର ଘଟଣାସ୍ଥଳକୁ ଯାଇ ତଦନ୍ତ କଲାବେଳେ ୧୦ରୁ ଉର୍ଦ୍ଧ୍ୱ ଗାଈ ବାନ୍ଧିବା ଦଉଡ଼ି, ବଡ଼ଗାଁର ଜଣେ ଯୁବକଙ୍କ ନାମରେ ଥିବା ପିଏନବିର ପାସବୁକ ଓ କଳା ରଙ୍ଗର ଏକ ଏୟାର ବ୍ୟାଗ ଜବତ୍ କରିଛନ୍ତି। ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଦିନ ସମୟରେ ଗାଁକୁ ଆସି ଗାଈ ବଳଦଙ୍କ ଗତିବିଧି ଲକ୍ଷ୍ୟ କଲାପରେ ରାତିରେ ଚୋରି କରୁଥିଛନ୍ତି। ତେବେ ଏହି ଗାଈ ଚୋର କିଏ ଓ ବ୍ୟାଗ ଛାଡ଼ି ପଳାଇଥିବା ଦୁର୍ବୃତ୍ତ ମାନେ କିଏ ତାକୁ ନେଇ ଚର୍ଚ୍ଚା ହେଉଛି।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ଓ ବୃଦ୍ଧଙ୍କ ମୃତ୍ୟୁ

କଣାସ,୧୭।୫ (ସଂଚାର ବ୍ୟୁରୋ): କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତ ପଣିଆପଡ଼ା ଗ୍ରାମର ହରମୋହନ ମାନସିଂହଙ୍କ ଶିଶୁପୁତ୍ର ପ୍ରିୟାଂଶୁ ମାନସିଂହ ୨ବର୍ଷ ୨ମାସ ଗତକାଲି ସକାଳେ ଘରପାଖରେ ଥିବା ବଡପୋଖରୀରେ ବୁଡିଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପୋଖରୀକୁ ଗୋଡ ଧୋଇବାକୁ ଆସି ଗୋଡଧୋଇବା ସମୟରେ ଗୋଡ ଗଭିର ଜଳକୁ ଖସିଯାଇଥିଲା। ପରିବାର ଲୋକ କିଛି ସମୟପରେ ପୋଖରୀରେ ଖୋଜିବାରୁ ନିସ୍ତେଜ୍ ଶରୀର ମିଳିଥିଲା। ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଥିବା ବେଳେ ଡାକ୍ତର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ।

ସେହିପରି କଣାସ ଗ୍ରାମପଞ୍ଚାୟତର କଣାସ ଗ୍ରାମର ଦୁଃଖିଶ୍ୟାମ ପ୍ରଧାନ ୫୯ବର୍ଷଙ୍କର ଗତକାଲି ପୋଖରୀରେ ବୁଡିଯାଇ ମୃତ୍ୟୁବରଣ ହୋଇଥିବା ଜଣାପଡ଼ିଛି। ଦୁଃଖିଶ୍ୟାମ ଗତକାଲି ଦିନ ୨ଟା ସମୟରେ ପୋଖରୀରେ ଗାଧଉଥିବା କିଛି ଲୋକ ଦେଖିଥିଲେ। ସଂଧ୍ୟା ସୁଧା ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜା ଖୋଜି କରିବା ସହିତ ଦମକଳ ବାହିନୀଙ୍କୁ ଡାକିଥିଲେ। ଖୋଜିବା ସମୟରେ ଦୁଃଖିଶ୍ୟାମର ନିସ୍ତେଜ୍ ଶରୀର ପୋଖରୀ ମଧ୍ୟରୁ ମିଳିଥିଲା। ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ସମୟରେ ଡାକ୍ତର ଦୁଃଖିଶ୍ୟାମଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ।

ସଂଚାର SANCHAR ସୋମବାର ୧୮ ମେ ୨୦୨୬




# ଫ୍ରୋଜେନ୍ ସୋଲଡର୍‌ରୁ ମୁକ୍ତି ପାଇବାର ଉପାୟ



ବ୍ୟସ୍ତବହୁଳ ଜୀବନରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହି କାମ କରିବା ଦ୍ୱାରା ଫ୍ରୋଜେନ୍ ସୋଲ୍ଡର ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ବ୍ୟତୀତ ଲୋକମାନେ ଘଣ୍ଟା ଘଣ୍ଟା ଫୋନରେ ବିତାନ୍ତି ଯାହା କ୍ଷତିକାରକ ପ୍ରମାଣିତ ହୋଇଥାଏ। ଏହା ଯୋଗୁ ଯୁବପିଢ଼ିଙ୍କ ମଧ୍ୟରେ ବେକ ଏବଂ କାନ୍ଧ ସମ୍ବନ୍ଧୀୟ ସମସ୍ୟା ବୃଦ୍ଧି ପାଉଛି। ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଲୋକମାନେ ବ୍ୟାୟାମ ଏବଂ ମାଲିସ୍ କରିଥାନ୍ତି। କିନ୍ତୁ ସମସ୍ୟା ସମାନ ରହିଥାଏ। ହାତ ବୁଲାଇବାରେ ଏବଂ ହଲାଇବାରେ ମଧ୍ୟ ଅସୁବିଧା ହୋଇଥାଏ। ଏହି ଅବସ୍ଥାକୁ ଫ୍ରୋଜେନ୍ ସୋଲ୍ଡର କୁହାଯାଏ। ଆୟୁର୍ବେଦରେ ଏହାକୁ ଆବାବାହୁକ ଶୂଳ କୁହାଯାଇଥାଏ। ଶୀତଦିନେ ଏହି ସମସ୍ୟା ଗୁରୁତର ହୋଇଥାଏ।

### ଫ୍ରୋଜେନ୍ ସୋଲ୍ଡରର ଲକ୍ଷଣ

ଆୟୁର୍ବେଦରେ ଫ୍ରୋଜେନ୍ ସୋଲ୍ଡର୍, କିମ୍ବା ଅବବାହୁକା ଶୂଳକୁ ବାତ ଏବଂ କଫ ଦୋଷ ସହିତ ଜଡ଼ିତ ଥିବା କୁହାଯାଇଥାଏ। କୁହାଯାଏ ଯେ, ଯେତେବେଳେ ଶରୀରରେ ବାତ ଏବଂ କଫ ଦୋଷ ଅସନ୍ତୁଳିତ ହୋଇଥାଏ, ସେତେବେଳେ ମାଂସପେଶୀ ଓ ହାଡ଼ ସନ୍ଧି ଦୁର୍ବଳ ହୋଇଯାଏ। ଫଳରେ ଚର୍ବି ଜମା ହେବା ଆରମ୍ଭ ହୁଏ। ଏହି ଅବସ୍ଥାକୁ ସୂଚିତ କରୁଥିବା ଅନେକ ଲକ୍ଷଣ ଦେଖାଦେଇପାରେ। ଏଥିରେ ସନ୍ଧି ଯନ୍ତ୍ରଣା,ମାଂସପେଶୀ କଠିନତା, କାନ୍ଧରୁ ବେକ ପର୍ଯ୍ୟନ୍ତ ହଲାଇବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ବେକକୁ ବଙ୍କା କରିବାରେ ସମସ୍ୟା ଦେଖାଦେଇଥାଏ। ଅବବାହୁକା ଶୂଳର ଅନେକ କାରଣ ଅଛି, ଯେପରିକି ଅତ୍ୟଧିକ ଭଜା ଖାଦ୍ୟ ଖାଇବା, ଅତ୍ୟଧିକ ପାଣି ପିଇବା, ଅତ୍ୟଧିକ ପରିଶ୍ରମ କିମ୍ବା ଭାରୀ ଜିନିଷ ଉଠାଇବା, ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସି ରହିବା କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣିରେ ରହିବା।

### ଆୟୁର୍ବେଦରେ ଏହି ସମସ୍ୟାରୁ ମୁକ୍ତି ପାଇବାର ଉପାୟ

ଆୟୁର୍ବେଦ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଉପାୟ ପ୍ରଦାନ କରେ, ଯାହାକୁ ଅବବାହୁକ ଶୂଳ କୁହାଯାଏ, ଯାହାକୁ ଘରେ ସହଜରେ କରାଯାଇ ପାରିବ। ତେଲ ଏବଂ ମାଲିସ ସାହାଯ୍ୟରେ ଯନ୍ତ୍ରଣା ଦୂର କରାଯାଇ ପାରିବ। ଏନେଇ ରାଶି ତେଲ , ଦଶମୂଳ ତେଲ, କିମ୍ବା ବାଳଶ୍ୱଗନ୍ଧା ତେଲ ସାହାଯ୍ୟରେ ପ୍ରଭାବିତ ସ୍ଥାନକୁ ମାଲିସ କଲେ ସୁଫଳ ମିଳିଥାଏ। ପ୍ରତିଦିନ ସକାଳେ ୧୦ ମିନିଟ୍ ଏବଂ ସନ୍ଧ୍ୟାରେ ୧୦ ମିନିଟ୍ ପାଇଁ ମାଲିସ କରିବା ଆବଶ୍ୟକ। ଏହା ମାଂସପେଶୀରେ ରକ୍ତ ସଞ୍ଚାଳନ ବୃଦ୍ଧି କରିବା ସହିତ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଯନ୍ତ୍ରଣା ସ୍ଥାନରେ ଗରମ ସେକ ବ୍ୟବହାର କଲେ ଆରାମ ମିଳିଥାଏ। କିଛି ଔଷଧ ଏବଂ ଘରୋଇ ଉପଚାର, ଯେପରିକି ହଳଦୀ କ୍ଷୀର, ସେବନ କରି ମଧ୍ୟ ଆରାମ ମିଳିପାରିବ, ଯାହା ମାଂସପେଶୀର ଯନ୍ତ୍ରଣାକୁ କମାଇବ।

### ଗିଲୋୟ ରସ ଲାଭଦାୟକ

ସକାଳେ ଖାଲି ପେଟରେ ଗିଲୋୟ ରସ ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ଏବଂ ହାଡ଼ ମଜବୁତ କରିଥାଏ। ଅଶ୍ୱଗନ୍ଧା ଏବଂ ଯୋଗରାଜ ଗୁଗ୍ଗୁଲୁ ପାଉଡର ଦ୍ୱାରା ମଧ୍ୟ ସୁଫଳ ମିଳିଥାଏ । ଶୋଇବା ସମୟରେ ଉଭୟ ପାଉଡରକୁ ପୃଥକ ପୃଥକ ଭାବରେ ସେବନ କଲେ ଯନ୍ତ୍ରଣା ଏବଂ ଫୁଲା କମିଥାଏ। ଉଷୁମ ଗାଧୋଇବା ଦ୍ୱାରା ମଧ୍ୟ ଆରାମ ମିଳିଥାଏ।



# କଲରା ଜୁସ୍ ସ୍ୱାସ୍ଥ୍ୟ ପାଇଁ ହିତକର

ପରିବା ଖାଇବା ଦ୍ୱାରା ଆମକୁ ପୋଷକ ତତ୍ତ୍ୱ ମିଳେ। ଶରୀର ସୁସ୍ଥ ରୁହେ। ଯେପରିକି କଲରା... ଏହାକୁ ଡାଇବେଟିସ୍ ରୋଗୀମାନେ ଔଷଧ ରୂପରେ ଖାଆନ୍ତି। ନିୟମିତ କଲରା ଜୁସ୍ କରି ପିଅନ୍ତି। ହେଲେ ଆପଣ ଜାଣିଛନ୍ତି ଅତ୍ୟଧିକ କଲରା ଖାଇଲେ କ'ଣ ହୁଏ? କିଡନୀ ଉପରେ ଏହା କ'ଣ ପ୍ରଭାବ ପକାଏ?

କଲରା ଜୁସ୍‌ରେ ଭିଟାମିନ୍ ସି, ପୋଟାସିଅମ୍, ଜିଙ୍କ, ଆଇରନ୍, ଫୋଲେଟ ଭଳି ଭରପୁର ପୋଷକ ତତ୍ତ୍ୱ ରହିଛି। ଏହାକୁ ନିୟମିତ ସେବନ କଲେ ୮୭ ପ୍ରତିଶତ ଭିଟାମିନ୍ ମିଳେ। ଇମ୍ୟୁନିଟି ବଢ଼ାଏ। ମସ୍ତିଷ୍କକୁ ସୁସ୍ଥ ରଖେ। ଖଣ୍ଡିଆ ହୋଇଥିଲେ ଜଲଦି ଭରଣ ହୋଇଯାଏ। ଓଜନ ହ୍ରାସ କରିବାରେ ସହାୟକ ହୁଏ।ଫ୍ୟାଟ୍ କମାଏ। ତ୍ୱଚାରେ ଚମକ ଆଣେ। ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ସୁଗାର ଲେବୁଲ୍ କମାଏ।ପ୍ରାକୃତିକ ଇନସୁଲିନ୍ ଭଳି କାମ କରେ। ସବୁ ଜିନିଷର ଅତ୍ୟଧିକ ବ୍ୟବହାର ଶରୀର ପ୍ରତି ବିପଦ। ତେଣୁ ସୀମିତ ମାତ୍ରାରେ କଲରା ଜୁସ୍ ସେବନ କରିବା ଉଚିତ୍। ଯଦି କିଡନୀ ସମସ୍ୟା ରହିଛି ତାହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଖାଇବା ଉଚିତ୍ ନୁହେଁ। ଅତ୍ୟଧିକ କଲରା ଖାଇଲେ ପେଟ ବ୍ୟଥା ହୁଏ, ବାନ୍ତି ଲାଗେ ଏବଂ ଗ୍ୟାସ୍ ହୁଏ। ଅନ୍ୟ ପକ୍ଷରେ କଲରା କିଡନୀ ପାଇଁ ଭଲ ବୋଲି ଆଉ କିଛି ଅଧ୍ୟୟନରୁ ଜଣାପଡ଼ିଛି। ହେଲେ ଏହାର କୌଣସି ଠୋସ୍ ପ୍ରମାଣ ନାହିଁ।

# ଅପରେସନ ପୂର୍ବରୁ କ'ଣ ନିୟମ ମାନିବା ଉଚିତ

ଯଦି ଆପଣଙ୍କର କିମ୍ବା ଆପଣଙ୍କର ପ୍ରିୟଜନଙ୍କର କେବେ ଅସ୍ତ୍ରୋପଚାର ହୋଇଛି, ତେବେ ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଡାକ୍ତର ଏବଂ ହସ୍ପିଟାଲ କର୍ମଚାରୀମାନେ ଅସ୍ତ୍ରୋପଚାର ପୂର୍ବରୁ କିଛି ଘଣ୍ଟା ପର୍ଯ୍ୟନ୍ତ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରିବାକୁ ମନା କରନ୍ତି। ପ୍ରାୟତଃ, ରୋଗୀ ଏବଂ ସେମାନଙ୍କ ପରିବାର ଖାଲି ପେଟରେ ଅସ୍ତ୍ରୋପଚାରର ଅର୍ଥ ବୁଝି ପାରିନଥାନ୍ତି। ଅନେକ ଲୋକ ଭାବନ୍ତି ଯେ, ଟିକିଏ ପାଣି କିମ୍ବା ଚା ପିଇବା ଦ୍ୱାରା କିଛି ଫରକ୍ ପଡ଼ିବନି । କେତେକ ଲୋକ ରୋଗୀଙ୍କୁ ଜୋରଜବରଦସ୍ତି ଖାଇବାକୁ ମଧ୍ୟ ଦିଅନ୍ତି। ତଥାପି, ଅସ୍ତ୍ରୋପଚାର ପୂର୍ବରୁ ଖାଇବା ପିଇବା ବହୁତ ବିପଦପୂର୍ଣ୍ଣ ହୋଇପାରେ। ଏହା ରୋଗୀଙ୍କ ଜୀବନକୁ ମଧ୍ୟ ବିପଦରେ ପକାଇପାରେ। ତେଣୁ, ଡାକ୍ତରମାନେ ବାରମ୍ବାର ଗୁରୁତ୍ୱ ଦିଅନ୍ତି ଯେ, ଅସ୍ତ୍ରୋପଚାର ପୂର୍ବରୁ ଅତି କମ୍‌ରେ ୬ ରୁ ୮ ଘଣ୍ଟା ପର୍ଯ୍ୟନ୍ତ ଆପଣ କିଛି ଖାଇବାରୁ ନିବୃତ୍ତ ରହିବା ଉଚିତ। ତେଣୁ, ଆସନ୍ତୁ ଜାଣିବା ଅସ୍ତ୍ରୋପଚାର ପୂର୍ବରୁ ଡାକ୍ତରମାନେ କାହିଁକି କିଛି ଖାଇବା କିମ୍ବା ପିଇବାକୁ ମନା କରନ୍ତି ଏବଂ ଏହାର ପରିଣାମ କ'ଣ ହୋଇପାରେ। ଅସ୍ତ୍ରୋପଚାର ସମୟରେ, ରୋଗୀମାନଙ୍କୁ ସାଧାରଣତଃ ସାଧାରଣ ଆନାସ୍ଥେସିଆ ଦିଆଯାଏ । ଏହା ଏପରି ଏକ ଔଷଧ ଯାହା ସେମାନଙ୍କୁ ସମ୍ପୂର୍ଣ୍ଣ ଅଚେତ କରିଦିଏ। ଏହି ପ୍ରକ୍ରିୟା ସମୟରେ, କିଛି ସାଧାରଣ ଶାରୀରିକ କାର୍ଯ୍ୟ, ଯେପରିକି ଗିଳିବା, କାଶିବା କିମ୍ବା ବାନ୍ତି କରିବାକୁ ରୋକିଥାଏ । ଯଦି ଖାଦ୍ୟ କିମ୍ବା ତରଳ ପଦାର୍ଥ ପେଟରେ ଥାଏ, ତେବେ ଆନାସ୍ଥେସିଆ ଦେବା ବେଳେ ବାନ୍ତି ହୋଇପାରେ ଏବଂ ଶ୍ୱାସନଳୀରେ ପ୍ରବେଶ କରିପାରେ। ଏହା ଖାଦ୍ୟ କିମ୍ବା ତରଳ ପଦାର୍ଥ ଫୁସଫୁସରେ ପହଞ୍ଚିପାରେ,ଯାହାକୁ ଆସ୍ପିରେସନ୍ କୁହାଯାଏ। ଆସ୍ପିରେସନ୍ ଫୁସଫୁସ ସଂକ୍ରମଣ, ନିଶ୍ୱାସ ନେବାରେ କଷ୍ଟ ଏବଂ ଜୀବନକୁ ବିପଦପୂର୍ଣ୍ଣ କରିବା ଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି କରିପାରେ। ଏହାକୁ ଆସ୍ପିରେସନ୍ ନିମୋନାଇଟିସ୍ କୁହାଯାଏ। ତେଣୁ, ଏହି ବିପଦକୁ ଏଡାଇବା ପାଇଁ ଅସ୍ତ୍ରୋପଚାର ପୂର୍ବରୁ ପେଟକୁ ସମ୍ପୂର୍ଣ୍ଣ ଖାଲି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରେସନ୍ ପୂର୍ବରୁ ଖାଇବା କିମ୍ବା ପିଇବା ଦ୍ୱାରା ବିଶେଷକରି ପେଟ କିମ୍ବା ଅନ୍ତନଳୀ ଅସ୍ତ୍ରୋପଚାରରେ, ଯଦି ରୋଗୀ କିଛି ଖାଇଥାଏ, ତେବେ ପେଟ ଠିକ୍ ଭାବରେ ସଫା ହୋଇପାରେ ନାହିଁ, ଯାହା କାରଣରୁ ଅସ୍ତ୍ରୋପଚାର ସ୍ଥଗିତ ହୋଇପାରେ କିମ୍ବା କଷ୍ଟକର ହୋଇପାରେ।



# ରାତିର ଉଜ୍ଜ୍ୱଳ ଆଲୋକ ହୃଦ୍‌ଘାତ ବିପଦ ବଢ଼ାଏ



ରାତିରେ ଉଜ୍ଜ୍ୱଳ ଆଲୋକ ହୃଦ୍‌ଘାତ ବିପଦକୁ ୫୬% ବଢ଼ାଇଥାଏ। ମେଡିକାଲ୍ ଜର୍ଣ୍ଣାଲ ଜାମା ନେଟ୍‌ୱର୍କରେ ନିକଟରେ ପ୍ରକାଶିତ ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଦକ୍ଷିଣ ଅଷ୍ଟ୍ରେଲିଆର ଫ୍ଲିଣ୍ଡର୍ସ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ୮୯ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା। ଗବେଷକମାନେ ଏହି ସମୟରେ ଅଂଶଗ୍ରହଣକାରୀଙ୍କ ଉପରେ ପ୍ରାୟ ସାଢ଼େ ୯ ବର୍ଷ ଧରି ନଜର ରଖିଥିଲେ। ସେମାନଙ୍କ ହାତରେ ସେନ୍ସର ପିନ୍ଧାଯାଇଥିଲା। ରାତିରେ ଉଜ୍ଜ୍ୱଳ ଆଲୋକ ଅଂଶଗ୍ରହଣକାରୀଙ୍କ ହୃଦୟ ସ୍ୱାସ୍ଥ୍ୟକୁ କିଭଳି ପ୍ରଭାବିତ କରୁଛି ତାହା ଜାଣିବା ଥିଲା ଗବେଷଣାର ଉଦ୍ଦେଶ୍ୟ। ପରବର୍ତ୍ତୀ ସମୟରେ ଜଣାପଡିଲା ଯେ, ଯେଉଁମାନେ ରାତିରେ ଉଜ୍ଜ୍ୱଳ ଆଲୋକର ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ହୃଦ୍‌ଘାତ ହେବାର ବିପଦ ୫୬ ପ୍ରତିଶତ ଅଧିକ ଥିଲା। ଅଧ୍ୟୟନର ନେତୃତ୍ୱ ନେଉଥିବା ଡକ୍ଟର ଡାନିଏଲ୍ ୱିଣ୍ଡ୍ରେଡ୍‌ଙ୍କ ଅନୁସାରେ, ରାତି ସମୟରେ ଉଜ୍ଜ୍ୱଳ ଆଲୋକ ଜଳିବା ଦ୍ୱାରା ଆମର ଶରୀରର ଆଭ୍ୟନ୍ତରୀଣ ସର୍କାଡିଆନ୍ ରିଦମ୍ ଉପରେ ଖରାପ ପ୍ରଭାବ ପଡ଼େ। ସର୍କାଡିଆନ୍ ରିଦମ୍ ଆମ ନିଦ, ହରମୋନ୍ ନିୟନ୍ତ୍ରଣ ସମେତ ଅନେକ ଜିନିଷ ଲାଗି ଜରୁରି। ଏଭଳି କ୍ଷେତ୍ରରେ ସର୍କାଡିଆନ୍ ରିଦମ୍ ପ୍ରଭାବିତ ହେଲେ ହୃଦୟର ସ୍ୱାସ୍ଥ୍ୟ ବିଗିଡିଯାଏ। ଏହାଯୋଗୁ ବ୍ୟକ୍ତି ନିକଟରେ ମନସ୍ତାତ୍ତ୍ୱିକ ଦ୍ୱିଧା, ଉଚ୍ଚ ରକ୍ତଚାପ ଭଳି ସମସ୍ୟା ବି ଦେଖାଯାଏ।

# ପୁରୁଷଙ୍କ କ୍ଷେତ୍ରରେ ସ୍ତନ କର୍କଟ ବୃଦ୍ଧିର କାରଣ



ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଗ୍ରାଉଣ୍ଡ ଜିରୋ ନିକଟରେ ରହୁଥିବା ଏବଂ କାମ କରୁଥିବା ପୁରୁଷମାନଙ୍କ କ୍ଷେତ୍ରରେ ସ୍ତନ କର୍କଟ ମାମଲା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହା ସୁଦ୍ଧା ଆମେରିକାର ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର ଏପର୍ଯ୍ୟନ୍ତ ୯୧ ଜଣ ପୁରୁଷଙ୍କ କ୍ଷେତ୍ରରେ ସ୍ତନ କର୍କଟ ରୋଗ ନିଶ୍ଚିତ କରିଛି। ଏହି ସଂଖ୍ୟା ୨୦୧୮ରେ ହୋଇଥିବା ରିପୋର୍ଟ ଅପେକ୍ଷା ଛଅ ଗୁଣ ଅଧିକ ଏବଂ ଆମେରିକାର ଜାତୀୟ ହାର ଅପେକ୍ଷା ୯୦ ଗୁଣ ଅଧିକ ରହିଛି। ବିଶେଷଜ୍ଞମାନଙ୍କ ମତରେ, ପୁରୁଷଙ୍କ କ୍ଷେତ୍ରରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ମାମଲା ଚିନ୍ତାର କାରଣ ପାଲଟି ଗଲାଣି। ଏହି ସ୍ତନ କର୍କଟ ଅତ୍ୟନ୍ତ ବିରଳ । ସାଧାରଣତଃ ପ୍ରତି ୧୦୦,୦୦୦ ଜଣରେ କେବଳ ଜଣେ ପୁରୁଷ ଏହି ରୋଗ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି।

ଡାକ୍ତରଙ୍କ ମତରେ ସ୍ତନ କର୍କଟ କେବଳ ଏକ ମହିଳା ରୋଗ ନୁହେଁ। ପ୍ରତ୍ୟେକ ମଣିଷ ଶରୀରରେ ଜନ୍ମରୁ ଅଳ୍ପ ମାତ୍ରାରେ ସ୍ତନ ଟିସୁର ପରିମାଣ ରହିଥାଏ। ଏହି ଟିସୁ କେତେକ ସମୟରେ ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇପାରେ। ପୁରୁଷମାନଙ୍କ ମଧ୍ୟରେ ସ୍ତନ କର୍କଟ ସାଧାରଣତଃ ସ୍ତନ ଟିସୁର କୋଷଗୁଡ଼ିକରେ ପରିବର୍ତ୍ତନ ସହିତ ଆରମ୍ଭ ହୋଇଥାଏ। ଏହି କର୍କଟ କୋଷଗୁଡ଼ିକ ଧୀରେଧୀରେ ବୃଦ୍ଧି ପାଏ ଏବଂ ସମୟ ସହିତ ଏକ ଗଣ୍ଠି ବା ଟ୍ୟୁମରରେ ପରିଣତ ହୋଇଥାଏ। ଏହି ରୋଗ ସାଧାରଣତଃ ୬୦ ରୁ ୭୦ ବର୍ଷ ବୟସର ପୁରୁଷମାନଙ୍କ ମଧ୍ୟରେ ଦେଖାଯାଏ। ସ୍ତନ କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଥାଏ ।କିଛି ସାଧାରଣ ଲକ୍ଷଣ ମଧ୍ୟରେ ରହିଛି ଛାତିରେ ଗଣ୍ଠି ଭଳି ଦେଖାଯିବା। ଚର୍ମ ସଙ୍କୁଚିତ ହେବା, ଲାଲ ରଙ୍ଗ ଦେଖାଯିବ, ନିପଲର ଆକୃତିରେ ପରିବର୍ତ୍ତନ ହେବା ସହିତ ସେଥିରୁ ତରଳ କିମ୍ବା ରକ୍ତ ନିର୍ଗତ ହେବା। ଯଦି ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ କୌଣସିଟି ଯଦି ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହେ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ।ଏହି ରୋଗକୁ ସମ୍ପୂର୍ଣ୍ଣ ଭାବରେ ରୋକିବା ସମ୍ଭବ ନୁହେଁ, କିନ୍ତୁ କିଛି ସତର୍କତା ଏହି ବିପଦକୁ ହ୍ରାସ କରିପାରିବ।

# ପରିବେଶକୁ ବିପର୍ଯ୍ୟସ୍ତ କରୁଛି ପ୍ଲାଷ୍ଟିକ ବର୍ଜ୍ୟ

**ସବୁଠି କୁଢ଼ କୁଢ଼ ଆବର୍ଜନା**



କାକଟପୁର/ଅସ୍ତରଙ୍ଗ,୧୭।୫(ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ରାସ୍ତା ପାର୍ଶ୍ୱ, ପଡିଆ, ଚାଷ ଜମି, ନଦୀ, ନାଳ ଆଦିରେ ପ୍ଲାଷ୍ଟିକି ଓ ବର୍ଜ୍ୟବସ୍ତୁ ଆବର୍ଜନା କୁଢ଼ କୁଢ଼ ହୋଇ ଜମା ହୋଇଛି। ପ୍ଲାଷ୍ଟିକ ଓ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁ ନିକଟରେ ପ୍ରବାହିତ ନାଳ, ନଦୀ ଭଳି ପ୍ରାକୃତିକ ଜଳଉତ୍ସ, ପଡିଆ, ଚାଷଜମି, କେନାଲରେ ପଡି ପରିବେଶକୁ ବିପର୍ଯ୍ୟସ୍ତ କରୁଛି।

ପରିବେଶକୁ ସ୍ୱଚ୍ଛ ଓ ଜଳବାୟୁର ଅନୁକୂଳକରିବା ପାଇଁ ଭାରତ ସରକାର ୨୦୧୬ରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି କଠିନ ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିବାକୁ ପଦକ୍ଷେପ ନେଇଛନ୍ତି। ୨୦୨୦-୨୧ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ପଦକ୍ଷେପ ନିଆଯାଇ ପଂଚାୟତ ଓ ବ୍ଲକ ସ୍ତରରେ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ପାଇଁ ବ୍ୟାପକ ତାଲିମ୍ ପ୍ରଦାନ କରାଯାଇଥିଲା। ବିଭିନ୍ନ ପଂଚାୟତ କୁ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଗାଡି ପ୍ରଦାନ ସହ ଆନୁସାଙ୍ଗିକ ଉପକରଣ ଯୋଗାଣ କରାଯାଇଥିଲା। ବ୍ଲକ ସ୍ତରରେ ଥରେ ଦୁଇଥର ବୈଠକ କରାଯାଇ ସରପଞ୍ଚକୁ ଦାୟିତ୍ୱ ହସ୍ତାନ୍ତର କରାଯାଇ ଆଉ ତଦାରଖ କରାଯାଇନଥିଲା। ଏଥିପାଇଁ ବ୍ଲକ ସ୍ତରରେ ବିଡ଼ିଓ ଅଧକ୍ଷତାରେ ତହସିଲଦାର, ଜଳ ପରିମଳ କନିଷ୍ଠ ଯନ୍ତ୍ରୀ, ଅନ୍ୟାନ୍ୟ କନିଷ୍ଠ ଯନ୍ତ୍ରୀ, ଶିକ୍ଷାଧିକାରୀ, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ମେଡିକାଲ କର୍ମଚାରୀଙ୍କୁ ସଭ୍ୟ ଭାବେ ଗ୍ରହଣ କରି ଆଡ଼ଭାଇଜର କମିଟି ଗଠନ କରାଯାଇଥିଲା। ଅନୁରୂପ ଭାବେ ସରପଞ୍ଚ ଙ୍କ ଅଧକ୍ଷତା ରେ ପଂଚାୟତ ଦାୟୀତ୍ୱ ରେ ଥିବା ପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ମାତ୍ର ଏହି ବ୍ୟବସ୍ଥା କେବଳ କାଗଜପତ୍ରରେ ରହିଯିବା ସହ ଆଉ କାର୍ଯ୍ୟକାରୀ କରାଯାଇପାରିନଥିଲା।

୯ବର୍ଷ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ ଆରମ୍ଭ ହୋଇନାହିଁ। ଯେଉଁଠି ଦେଖିବ କୁଢ଼ କୁଢ଼ ଆବର୍ଜନା ଭର୍ତି। ଯାହାକି ବର୍ଷା ହେଲେ ପାଣି ଜମି ପୂର୍ତିଗନ୍ଧ ମୟ ପରିବେଶ ସୃଷ୍ଟି ହେଉଛି। ମାତ୍ର ଜନପ୍ରତିନିଧି ମାନଙ୍କ ଆନ୍ତରିକତା ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି ଯୋଜନାର କାର୍ଯ୍ୟକାରିତା ଅଧୁରା ରହିଯାଇଛି।

## ୩୩% ମହିଳା ସଂରକ୍ଷଣ କାର୍ଯ୍ୟକାରୀ ଦାବିରେ ବିଜେଡିର ପ୍ରସ୍ତୁତି ବୈଠକ



ଯୋଡ଼ା,୧୭।୫(ସଂଚାର ବ୍ୟୁରୋ)ଃ ଯୋଡ଼ା କଲ୍ୟାଣମଣ୍ଡପ ଠାରେ ଶନିବାର ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ବିଜୁ ଜନତା ଦଳ ପକ୍ଷରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଦାବିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଯୋଡ଼ା ପୌରପାଳିକାର ଉପସଭାପତି ସନ୍ଧ୍ୟାରାଣୀ ପାତ୍ର, ହୃଷିକେଶ ଜେନା, ରମେଶ ବେହେରା, ପ୍ରଭୁ ପ୍ରଧାନ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ବୈଠକରେ ୨୦୨୩ ମସିହାରେ ପାସ୍ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇନଥିବା ନେଇ ଆଲୋଚନା କରାଯାଇଥିଲା। ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିବା ସହ ଦିନକୁ ଦିନ ନାରୀଙ୍କ ପ୍ରତି ବଢୁଥିବା ଅପରାଧ ଓ ଅତ୍ୟାଚାରକୁ ରୋକିବା ପାଇଁ ମହିଳାଙ୍କ ସଶକ୍ତିକରଣ ଅତ୍ୟନ୍ତ ଆବଶ୍ୟକ ବୋଲି ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ଏହାସହ ଶୀଘ୍ର ଏହି ଆଇନକୁ ସକ୍ରିୟ କରି କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବି କରାଯାଇଥିଲା। ଆଗାମୀ ଦିନରେ ଏନେଇ ବ୍ୟାପକ ଜନଜାଗରଣ ଓ ସଂଗଠନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

ନୂଆପଡ଼ା, ୧୭।୫ (ସଂଚାର ବ୍ୟୁରୋ)ଃ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତିଖାଲି ଡ୍ୟାମ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ନୂଆପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ, ଏକ୍ସ କ୍ୟାଡ଼ରର କାର୍ଯ୍ୟକାରିଣୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଲେଖ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଘ କର୍ମକର୍ତ୍ତା ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ସମାଲୋଚନା କରିଥିଲେ। ପ୍ରାଥମିକ ଶିକ୍ଷକଙ୍କ ପ୍ରୋମୋସନ, ଇନକ୍ରିମେଣ୍ଟ, କ୍ୟାଡ଼ର ପୁନର୍ଗଠନ ଓ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ଶୀଘ୍ର ଏଲିମେଣ୍ଟାରୀ କ୍ୟାଡ଼ର ଭୁକ୍ତ କରା ନଗଲେ ଆଗାମୀ ଦିନରେ ଲକ୍ଷ୍ୟାଧିକ ଶିକ୍ଷକ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ଉପସଭାପତି ବେଣୁଧର ନାୟକ, ଗୌର ସାହୁ, ସାଙ୍ଗଠନିକ ସମ୍ପାଦକ ସନୁଧର ନାଗ, କୋଷାଧ୍ୟକ୍ଷ ଦେବକୁ ଗୁଆଲ, ଖଡ଼ିଆଳ ବ୍ଲକ ସଭାପତି ଜୟନ୍ତ ପ୍ରଧାନୀ ସମେତ ବ୍ଲକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ବଢୁଛି ତାତି, ମିଳୁନି ନିସ୍ତାର**

# ରାସ୍ତାଘାଟ ଶୂନଶାନ, ଜନଜୀବନ ଅସ୍ତବ୍ୟସ୍ତ



ଜୟପୁର, ୧୭।୫ (ସଂଚାର ବ୍ୟୁରୋ)ଃ ଜଳିଲାଣି କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ। ସବୁଦିନ ତାପମାତ୍ରା ୩୪ଡିଗ୍ରୀ ପାର କରୁଛି। ପ୍ରତିଦିନ ୨ଡିଗ୍ରୀ ଲେଖାଏଁ ତାପମାତ୍ରା ବଢୁଥିବା ଜଣାଯାଇଛି।। ଏପଟେ ତାତିକୁ, ସେ ପଟେ ଝାଞ୍ଜି ଅଞ୍ଚଳବାସୀ ରେ ଛଟ ପଟ ହୋଉଛନ୍ତି। ଦିନରେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି। ପୁଣି ତାତି ବଢ଼ିବା ଆଶଙ୍କା କରାଯାଉଛି। ଚଳିତ ବର୍ଷ କୋରାପୁଟ ଜିଲାର ୧୪ଟି ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ବେଆଇନି ଇଟା ଭାଟି। ଯାହା ଫଳରେ ଉତ୍ତାପ ସହ ଗରମ ଅନୁଭୂତ ହେଉଛି। ଦିନ ୧୦ପରେ ତାତି ଅନୁଭୂତ ହେଉଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇଯାଇଛି। ଟାଣ ଖରା, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜୀବନ ଦହଗଞ୍ଜ ହୋଇ ପଡୁଛି। ରାସ୍ତାଘାଟ ଖାଁ.. ଖାଁ।

ପୂର୍ବରୁ ଜନଗହଳି ରହୁଥିବା ଜୟପୁର ମୁଖ୍ୟ ରାସ୍ତା, ଏମଜି ରୋଡ. ରାଜା ନହର ଛକ ସହ ଅନ୍ୟ ଛକ ଗୁଡିକରେ ମଧ୍ୟଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ। ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ରୁମାଲୁ, ଗାମୁଛା, ଟାୱେଲ ଓ ମହିଳା ମାନେ ଓଢଣୀ ଘୋଡାଇ, ଛତା ଧରି ଯିବା ଆସିବା କରୁଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁମଧ୍ୟ କୌଣସି ବ୍ୟବସ୍ଥା କରାଯାଇନାହିଁ। ଆଶ୍ରୟ ନେବା ପାଇଁ ବ୍ୟସ୍ତ ବହୁଳ ସ୍ଥାନରେ ଏ ଯାଏଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲା ଯାଇନି। ପ୍ରଶାସନ ତରଫରୁ ଯେଉଁ ଜଳଛତ୍ର ଖୋଲା ହୋଇଛି କେଉଁଠି କେବଳ ଫ୍ଲେକ୍ସ ମରାଯାଇଛି, କେଉଁଠି ମାଠିଆ ଗଡୁଛି ପାଣି ନାହିଁ।

ତେବେ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି ସ୍ଥାନୀୟ ପ୍ରଶାସନ ଆବଶ୍ୟକତା ଦେଖି ସମସ୍ତ ବ୍ୟବସ୍ଥା କରିବା ଆବଶ୍ୟକ। ଅବାଧ ରେ ଇଟାଭାଟି ଯୋଗୁଁ ସ୍ଥାନୀୟ ଅଞ୍ଚଳ ଗରମ ଅନୁଭୂତ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଦରକାର। ଯଦି ପ୍ରଦୂଷଣ ରୋକାଯାଇ ଜଙ୍ଗଲ ବଞ୍ଚାଇବା ଦିଗରେ ସରକାର ଚିନ୍ତା କରନ୍ତେ ତେବେ ଜଳବାୟୁ ପରିବର୍ତ୍ତନକୁ ରୋକଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।

## ନାଳରେ ପଡ଼ି ବୃଦ୍ଧା ମୃତ



ବାରିପଦା,୧୭।୫(ସଂଚାର ବ୍ୟୁରୋ)ଃ ମୟୁରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ବାଉତିବେଡା ପଞ୍ଚାୟତର ପାରାଭାଡି ଗ୍ରାମର ବୃଦ୍ଧା ସିତାମଣି ହାଁସଦାଃ (୭୬) ଗାଁ ପାଖ ଗଭୀର ନାଳରେ ପଡ଼ି ମୃତ୍ୟୁ ହୋଇଅଛି। ସୂଚନାଯୋଗ୍ୟ ସିତାମଣି ଖରାବେଳେ ଗାଧୋଇବା ପାଇଁ ଗାଁ ପାଖ ନାଳକୁ ଯାଇଥିଲେ । ନାଳର ଗଭୀରତା ଅଧିକ ହେତୁ ତୋଠରେ ଗୋଡ଼ ଖସି ଯାଇଥିବା ଯୋଗୁଁ ଗଭିର ନାଳ ଭିତରକୁ ପଳାଇ ଯାଇଥିଲେ। ଘରକୁ ବୃଦ୍ଧା ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନୟାନ୍ତ ପରେ ନାଳ ପାଖକୁ ଯାଇଥିଲେ। ସେଠାରେ ଦେଖିଲେ ବୃଦ୍ଧାର ଲୁଗାପଟା ତୋଠରେ ଥିଲା। ତେଣୁ ସନ୍ଦେହ କରି ବିଶୋଇ ଥାନା ଏବଂ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ଖୋଜାଖୋଜି କରି ନାଳରୁ ମୃତା ବୃଦ୍ଧାକୁ ଉଦ୍ଧାର କରିଥିଲେ।ପରେ ମୃତକର ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଛନ୍ତି । ଆସନ୍ତାକାଲି ଶବ ବ୍ୟବଛେଦ କରାଯିବ । ଏ ବାବଦରେ ପୋଲିସ ତଦନ୍ତ ଜାରି ରହିଅଛି ।

## ଯାଦବ ସଂଘ ପକ୍ଷରୁ ଦହି ସରବତ ବଣ୍ଟନ

ସମ୍ବଲପୁର, ୧୭।୫ (ସଂଚାର ବ୍ୟୁରୋ)ଃସମ୍ବଲପୁର ଯାଦବ ସଂଘ ପକ୍ଷରୁ ପବିତ୍ର ସମଲେଶ୍ୱରୀଙ୍କ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ସେବାଭାବ ଓ ଉତ୍ସାହର ସହିତ ଆୟୋଜିତ ହୋଇଯାଇଛି। ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ରୁ ସାଧାରଣ ଲୋକ, ପଥଚାରୀ ଓ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ କଷ୍ଟ ଲାଘବ କରିବା ପାଇଁ ସଂଘ ପକ୍ଷରୁ ଏହି ଶୀତଳ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶତାଧିକ ପଥଚାରୀ, ଭକ୍ତ ଏବଂ ସାଧାରଣ ଲୋକଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସମାଜ ସେବା ଓ ମାନବିକତାର ବାର୍ତ୍ତା ନେଇ ସଂଘ ପକ୍ଷରୁ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି। ସଂଘର ସଭାପତି ଭୋଲାଶଙ୍କର ମହତମ, ସମ୍ପାଦକ ହେମନ୍ତ ଗହୀର, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ଗୁଣନିଧି ରାଉତ ଆୟୋଜନରେ ଭୂମିକା ନିର୍ବାହ କରିଥିଲେ।

## ତେନ୍ତୁଳୀଖୁଣ୍ଟିରେ ନୂତନ ଟ୍ରାକ୍ଟର ସଙ୍ଘ ଗଠନ

ନବରଙ୍ଗପୁର,ତେନ୍ତୁଳୀଖୁଣ୍ଟି, ୧୭।୫ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର, ତେନ୍ତୁଳୀଖୁଣ୍ଟି ବ୍ଲକ ର ତିନିଗୋଟି ପଂଚାୟତକୁ ନେଇ ନୂତନ ଟ୍ରାକଟର ସଙ୍ଘ ଗୋଠନ କରାଯାଇଛି ଯଥା, ତେନ୍ତୁଳୀଖୁଣ୍ଟି, ଦିଗୀ ଓ ପୂଜାରୀଗୁଡା ଗ୍ରାମପଞ୍ଚାୟତ।ଏହି ବୈଠକ ରେ ନୂତନ ଭାବେ ଟ୍ରାକ୍ଟର ସଙ୍ଘ ଗୋଠନ କରାଗଲା। ଏହି ବୈଠକ ରେ ସମସ୍ତ ଙ୍କ ମତାମତ ନେଇ ନୂତନ ଭାବେ ସଭାପତି ଭାବେ ଶ୍ରୀ ଦୁଷ୍ମନ୍ତ ନାୟକ ଙ୍କୁ ଚୟନ କରାଗଲା, ସମ୍ପାଦକ ଭାବେ ବାବୁଲା ନାୟକ, କୋଷାଧକ୍ଷ ରୂପେ ବବଲୁ କୁମାର ଜୈନ, ଉପସଭାପତି ରୂପେ ଅମରକେତନ ପାଣି ଙ୍କୁ ସର୍ବସମତି କ୍ରମେ ଚୟନ କରାଗଲା ଓ ଉପଦେଷ୍ଟା ଭାବେ ବୋରିଷ୍ଠ ନେତା ଭୀମସେନ ପାଣିଗ୍ରାହୀ, ଭି ବାସୁଦେବ ରାଓ, ଲେଖକ ବିଷୋୟୀ ଚୟନ କରାଗଲା। ଏହି ବୈଠକ ରେ ଟ୍ରାକଟର ଚାଲୁଥିବା ସମୟରେ ଉପୁଜୁଥିବା ବାଧା ଏବଂ ଏହି ପାଖରେ ବୋଲି ସରତ ଦେଖେଇ ଦେବାପାଇଁ ବୋଲି ଆଗାମୀଦିନରେ ତହସିଲଦାରଙ୍କୁ ସାକ୍ଷାତ କରି ଏହି ସମସ୍ୟା ର ସମାଧାନ ପାଇଁ ଟ୍ରାକଟର ସଙ୍ଘ ଲିଖିତ ଭାବରେ ଜଣାଇବ ବୋଲି ବୈଠକ ରେ ନିଷ୍ପତି ନିଆଗଲା। ଏହି ବୈଠକ ରେ ତିନଟି ପଞ୍ଚାୟତ ର ପ୍ରାୟ ପଚାଶ ଜଣ ଟ୍ରାକଟର ମାଲିକ ନିଜ ନିଜର ମତା ମତ ପ୍ରଦାନ କରିଥିଲେ।ଶେଷରେ କାଦିଲ ଯାନୀ ଏହି ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଟ ଅଫ ଗିଭିଂ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍ ଅନୁଷ୍ଠିତ




ଡେରାବିଶ, ୧୭।୫ (ସଂଚାର ବ୍ୟୁରୋ)ଃ ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ ସାଂସଦ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ୨୦୧୩ ମସିହା ମେ ୧୭ ତାରିଖରୁ ଆରମ୍ଭ ହୋଇଥିବା ଆଟ୍ର ଅଫ୍ ଗିଭିଂ ଏବେ ସବୁ ମହାଦେଶରେ ୨୨୨ ଦେଶରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳରେ ବ୍ୟାପକ ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ତ୍ରୟୋଦଶ ବର୍ଷରେ ପଦାର୍ପଣ କରିଛି।

ଚଳିତ ବର୍ଷର ଆର୍ଟ ଅଫ ଗିଭିଂର ଥିମ୍ ରଖାଯାଇଛି ସେୟାର ଟୁ ସାଇନ, ଯାହା ମାଧ୍ୟମରେ ସହଭାଗିତା, ସହଯୋଗ ଓ ଦାନର ମୂଲ୍ୟକୁ ଆହୁରି ମଜବୁତ କରିବା ଲକ୍ଷ୍ୟ। ଡ଼ଃ ଅଚ୍ୟୁତ ସାମନ୍ତଙ୍କର ଆର୍ଟ ଅଫ ଗିଭିଂ ବା ଦେବାର କଳା ଏବେ ୧୩ ବର୍ଷରେ ପାଦ ଥାପିଛି। ଯାହାକି ଏବେ ସାରା ବିଶ୍ୱରେ ଏହି ଆର୍ଟ ଅଫ ଗିଭିଂ ପାଳନ ହେଉଛି। ଦାନ ଦେବା ଏବଂ ସେବା ମାଧ୍ୟମରେ ସମାଜରେ ସାନ୍ତି, ସଦଭାବନା ଓ ଭାଇଚାରାର ପ୍ରଚାର ପ୍ରସାର ହେଉଛି ମୂଳ ଉଦ୍ଦେଶ୍ୟ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ପଡିଆରେ ଭଲିବଲ ଟିମ ଆନୁକୂଲ୍ୟରେ ଆର୍ଟ ଅଫ ଗିଭିଂ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା। ଆର୍ଟ ଅଫ ଗିଭିଂ ର ଡେରାବିଶ ବ୍ଲକ ସଂଯୋଜକ ସବ୍ୟସାଚୀ ମହାନ୍ତିଙ୍କ ପ୍ରୟାସରେ ଗ୍ରାମାଞ୍ଚଳ ଖେଳାଳି ଏବଂ ଗ୍ରାମବାସୀମାନଙ୍କୁ ଆର୍ଟ ଅଫ ଗିଭିଂ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇ ଭଲିବଲ ଟିମକୁ ଆର୍ଟ ଅଫ ଗିଭିଂ ପକ୍ଷରୁ ଖେଳ ସାମଗ୍ରୀ ସହ ପୋଷାକ ଦିଆଯାଇଥିଲା।

**ଟିପିସିଓଡିଏଲର ଉଦାସୀନତା**

## ବିଦ୍ୟୁତ ଖୁଣ୍ଟରେ କେବୁଲ ତାର ଲଗାଯାଉନି



କେନ୍ଦ୍ରାପଡ଼ା,୧୭।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୨ନମ୍ବର ୱାର୍ଡର ବଡବାରଙ୍ଗ ସ୍ଥିତ ବିଦ୍ୟୁତ ଖୁଣ୍ଟରେ ମାତ୍ର ୩ଶହ ମିଟର ବ୍ୟବଧାନରେ ଉଦେଶ୍ୟମୂଳକ ଭାବରେ କେବୁଲ ଦିଆଯାଉନାହିଁ। ଏନେଇ ସେହି ଗ୍ରାମର ବରିଷ୍ଠ ନାଗରିକ ତଥା ଶିକ୍ଷାବୀତ ଗଣେଶ୍ୱର ମେକାପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଶ୍ରୀ ମେକାପଙ୍କ ଘର ପୂର୍ବରୁ ଥିବା ବିଦ୍ୟୁତ ଖୁଣ୍ଟ ଓ ପରେ ଥିବା ବିଦ୍ୟୁତ ଖୁଣ୍ଟରେ କେବୁଲ ଲଗାଯାଇଥିବା ବେଳେ ଜାଣିଶୁଣି ଉଦେଶ୍ୟମୂଳକ ଭାବରେ ମାତ୍ର ୩ଶହ ମିଟର ବ୍ୟବଧାନ ପାଇଁ କେବୁଲ ଲଗାଯାଇନଥିବା ଶ୍ରୀ ମେକାପ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଟିପିସିଓଡିଏଲ କର୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଖୋଲା ବିଦ୍ୟୁତ ତାର ଖୁଣ୍ଟରେ ଯାଇଥିବାରୁ ଏହି ୩ଶହ ମିଟର ଦୂରତା ମଧ୍ୟରେ ଥିବା ଚାକୁଣ୍ଡା ଓ ନଡିଆ ଗଛ ପ୍ରଭୃତି ରହିଥିବାରୁ ସାମାନ୍ୟ ପବନ ହେଲେ ସେହି ବିଦ୍ୟୁତ ତାର ଗଛରେ ବାଜି ନିଆଁ ବାହାରୁଛି । ଏଥିସହିତ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସେବାରେ ବ୍ୟାହତ ସୃଷ୍ଟି ହେଉଛି । ଏଥିସହିତ ସେଠାରେ ନୂତନ ବିଦ୍ୟୁତ ଖୁଣ୍ଟ ବସାଯାଇଥିବା ବେଳେ ଭାଙ୍ଗି ଯାଇଥିବା ପୁରୁଣା ଦଦରା ବିଦ୍ୟୁତ ଖୁଣ୍ଟକୁ ସେଠାରୁ ଅପସାରଣ କରାଯାଉନାହିଁ ।

ଏହି ପୁରୁଣା ବିଦ୍ୟୁତ ଖୁଣ୍ଟ କେତେବେଳେ ଭାଙ୍ଗି ପଡି ଧନଜୀବବନ କ୍ଷୟକ୍ଷତି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ । ତେଣୁ ତୁରନ୍ତ ପୁରୁଣା ବିଦ୍ୟୁତ ଖୁଣ୍ଟ ସେଠାରୁ ଅପସାରଣ କରାଯିବା ସହ ବିଦ୍ୟୁତ ଖୁଣ୍ଟରେ କେବୁଲ ଲଗାଯିବା ପାଇଁ ଶ୍ରୀ ମେକାପ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ଟାଙ୍କିରେ ମିଳୁନି, ଗ୍ରାମାଞ୍ଚଳରେ ମିଳୁଛି ପେଟ୍ରୋଲ

**ଆସୁଛି କେଉଁଠୁ ? ସ୍ଥାଣୁ ପାଲଟି ଯାଇଛନ୍ତି ବ୍ଲକ ଯୋଗାଣ ବିଭାଗ ଅଧିକାରୀ**



ମାଲକାନଗିରି, ୧୭।୫ (ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟ ରେ ଯୁଦ୍ଧ ସଙ୍କଟ ପାଇଁ ଦେଶରେ ତୈଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ମଧ୍ୟ ତୈଳ ସଙ୍କଟ ପାଇଁ ଟାଙ୍କି ମାନଙ୍କୁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏପରିକି ଅନେକ ତୈଳ ଟାଙ୍କି ବନ୍ଦ ଥିବା ଦେଖିବାକୁ ମିଳିଛି। ଏହାରି ଭିତରେ ଯେଉଁ ଟାଙ୍କି ମାନଙ୍କରେ ତୈଳ ଗଚ୍ଛିତ ଅଛି ସେଠାରେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଛିଡା ହେବା ପରେ କେଉଁ ଟାଙ୍କିରେ ବାଇକ ଚାଳକ ପାଇଁ ୧୦୦ ଟଙ୍କାର ମିଳୁଛି ତ କେଉଁଠି ୨୦୦ ଟଙ୍କାର ମିଳୁଛି। ଯାହା ଆବଶ୍ୟକ ଠାରୁ କମ ମିଳୁଥିବାରୁ ବାଇକ ଚାଳକ ମାନେ ନାହିଁ ନଥିବାର ସମ୍ମୁଖୀନ ହେବାକୁ ପଡୁଛି। ଏବଂ ଡିଜେଲ ଗାଡିକୁ କେଉଁଠି ୫ଶହ ତ କେଉଁଠି ୧୦୦୦ ଟଙ୍କାର ମିଳୁଛି। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଗ୍ରାମାଞ୍ଚଳ ମାନଙ୍କରେ ପ୍ରଯ୍ୟାପ୍ତ ପରିମାଣରେ ତେଲ ମିଳୁଛି ସେବି ଚଢ଼ା ଦରରେ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ।

ଯାହା ଶୁଣିବାକୁ ମିଳୁଛି ଟାଙ୍କି ମାଲିକ ମାନେ ଗ୍ରାମାଞ୍ଚଳ ବେପାରୀ ମାନଙ୍କୁ ବିଳମ୍ବିତ ରାତିରେ ଜାରକିନ ରେ ଶହ ଶହ ଲିଟର ତେଲ ଦେଉଛନ୍ତି ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟରେ ତୈଳ ସଙ୍କଟ କୁ ନେଇ ଯୋଗାଣ ବିଭାଗ କଡା ନଜର ରଖିଛନ୍ତି। କିନ୍ତୁ ମାଥିଲି ଅଞ୍ଚଳରେ ଯୋଗାଣ ବିଭାଗ ଅଧିକାରୀ ମାନେ ସ୍ଥାଣୁ ପାଲଟି ଯାଇଛନ୍ତି।ଯାହା ଫଳରେ ଟାଙ୍କି ମାଲିକ ମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି।

ଅନ୍ୟ ପକ୍ଷରେ ଦିନ ତମାମ ଲୋକେ ତେଲ ପାଇଁ ଟାଙ୍କିକୁ ଯାଇ ଲମ୍ବା ଧାଡିରେ ଛିଡ଼ା ହେବା ପରେ ସ୍ୱଳ୍ପ ମାତ୍ରାରେ ମିଳୁଛି ତେଲ ଯାହା ସମୁଦ୍ରକୁ ଶଙ୍ଖେ।ଏବଂ ତେଲ ଟାଙ୍କିରେ ଜାରକିନ ରେ ତେଲ ମିଳୁ ନ ଥିବା କାରଣ ପାଇଁ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ପରିଲକ୍ଷିତ ହେଉଛି। ବିଜ୍ଞାନ ଯୁଗରେ ଚାଷୀ ମାନେ ଏବେ ଯନ୍ତ୍ର ଚାଳିତ ଯନ୍ତ୍ରପାତି ଉପରେ ନିର୍ଭରଶୀଳ ହୋଇ ନିଜର ହଳ ଲଙ୍ଗଳ ଭୁଲି ଗଲେଣି।ତାହା ସହିତ ଆଗକୁ ଚାଷ କାର୍ଯ୍ୟ ଆସୁଥିବାରୁ ଟ୍ରାକ୍ଟର ମାଲିକ ମାନଙ୍କୁ ଜାରକିନ ରେ ତେଲ ମିଳୁ ନଥିବାରୁ ଚିନ୍ତାରେ ଏବେ ଚାଷୀ ମାନେ ଆଗକୁ କରିବେ କଣ ବୋଲି ଭାଲେଣି ପଡ଼ିଲାଣି।ଆଗକୁ ଯଦି ଏପରି ପରିସ୍ଥିତି ଲାଗି ରହେ ଚଳିତ ବର୍ଷ ଖରିପ ଚାଷ କିପରି କରିବେ ବୋଲି ଏବେ ଠାରୁ ମୁଣ୍ଡରେ ହାତ ଦେଇ ବସିଲେଣି ଚାଷୀ।ଆମେ ଏବିଷୟରେ ମାଥିଲି ଯୋଗାଣ ଅଧିକାରୀ ରାଜେଶ ଶବରଙ୍କୁ ଯୋଗାଯୋଗ କରିବାରୁ ବାବୁଙ୍କ ନମ୍ବର ଟେମ୍ପରାଲି ଆଉଟ ଅଫ ସର୍ଭିସ ବୋଲି କହୁଛି।ଯଦି ଏପରି ସ୍ଥିତିରେ ଯୋଗାଣ ଅଧିକାରୀ ଙ୍କ ସହିତ ଯୋଗାଯୋଗ ହୋଇ ନପାରିବ ତାହେଲେ କିପରି ଏପରି ସ୍ଥିତି କୁ ସାମ୍ନା କରିବ ଯୋଗାଣ ବିଭାଗ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଜିଲ୍ଲା ପ୍ରଶାସନ ଏହାକୁ ତୁରନ୍ତ ହସ୍ତକ୍ଷେପ କରି ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# କାହା ପକେଟକୁ ଯାଉଛି ପାରାଦୀପ ପଇଡ଼ର ୫ କୋଟି



ପାରାଦୀପ, ୧୭।୫ (ସଂଚାର ବ୍ୟୁରୋ)ଃ ସମସ୍ତଙ୍କ ଆଖି ସାମ୍ନାରେ ହେଉଛି ଲୁଟ | ଦିନେକି ଦୁଇଦିନ ଧରି ନୁହଁ ଦୀର୍ଘ ୮ ବର୍ଷ ହେବ ଚାଲିଛି ଲୁଟ। ଶହେ କି ହଜାର ତାଙ୍କ ନୁହଁ ହୋଇଛି ପାଞ୍ଚ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଲୁଟ। ତାହା ପୁଣି ରାତିରେ ନୁହଁ କି ଲୁଚା ଛପାରେ ନୁହଁ, ସମସ୍ତଙ୍କ ଆଖି ସାମ୍ନାରେ ଆଉ ଦିବାଲୋକରେ। ଲୁଟ ସମୟରେ ସମସ୍ତେ ଦେଖନ୍ତି, ହେଲେ କେହି କେବେ ଏହା ଲୁଟ ହେଉଛି ବୋଲି ଭାବି ମଧ୍ୟ ପାରନ୍ତି ନାହିଁ। ଅତି ଚତୁରତାର ସହ ବନ୍ଦର ନଗରୀ ପାରାଦୀପର ଗଳିକନ୍ଦିରୁ ହୋଇ ଚାଲିଛି ଲୁଟ। ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ସମେତ ବାଲିଝରା, ବାଉରିଆ ପାଳନ୍ଦା, ମଧୁବନ, ନୂଆବଜାର, ଜେଜୀଆଇ, ଅଠରବାଙ୍କି ଆଦି ବିଭିନ୍ନ ଅଂଚଳରେ ବନ୍ଦର ଜାଗାରେ ପ୍ରାୟ ୧୨୦୦ରୁ ଉର୍ଦ୍ଧ୍ୱ ନଡ଼ିଆ ଗଛ ଅଛି। ଏହି ନଡ଼ିଆ ଗଛକୁ ପୂର୍ବରୁ ନିଲାମ ଦିଆଯାଇ ନଡ଼ିଆ ଓ ପିଇଡ ବାବଦକୁ ବାର୍ଷିକ ୧୨ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଉଥିଲା। ଏବାବାଦକୁ ନିଲାମ ସମୟରେ ଧାର୍ଯ୍ୟ ଅର୍ଥ ଡିପୋଜିଟ କରି ଜୈନିକ ବ୍ୟକ୍ତି ବନ୍ଦରରେ ଥିବା ସମସ୍ତ ନଡ଼ିଆ ଗଛର ନିଲାମ ନେଉଥିଲେ ଓ ସେଥିରୁ ଫଳୁଥିବା ନଡ଼ିଆ ଓ ପଇଡକୁ ସେ ତୋଳି ନେଇ ବିକ୍ରି ମଧ୍ୟ କରୁଥିଲେ।

କିନ୍ତୁ ଏହା କୋଭିଡ ସମୟ ୨୦୧୯ ମସିହା ଠାରୁ ଆଉ ନିଲାମ ହେଉନାହିଁ। କୌଣସି ଏକ କାରଣରୁ ବନ୍ଦର କର୍ତ୍ତୃପକ୍ଷ ଏହି ନିଲାମ ଆଉ କରୁନଥିବା ବେଳେ ଜୈନିକ ବ୍ୟକ୍ତି କିନ୍ତୁ ବନ୍ଦରର ସମସ୍ତ ନଡ଼ିଆ ଗଛରୁ ନଡ଼ିଆ ଓ ପଇଡ କିନ୍ତୁ ତୋଳି ଚାଲିଛନ୍ତି। ଦିବାଲୋକରେ ସମସ୍ତଙ୍କ ସାମ୍ନାରେ ସେ ତୋଳି ଖୋଲାମଖୋଲା ବଜାରରେ ଏହାକୁ ୫୦ ଟଙ୍କାରେ ବିକ୍ରି ମଧ୍ୟ କରୁଛନ୍ତି | ଗୋଟିଏ ନଡ଼ିଆ ଗଛରେ ବର୍ଷକୁ ଦୁଇଥର ଫଳ ଫଳୁଥିବା ଓ ଗୋଟିଏ ଗଛରୁ ୧୨୦ ଲେଖାଏଁ ହିସାବ କଲେ ୧୨୦୦ ଗଛରୁ ପ୍ରାୟ ଏକ ଲକ୍ଷ ଚଉରାଳିଶ ହଜାର ନଡ଼ିଆ ଓ ପଇଡ ଉକ୍ତ ବ୍ୟକ୍ତି ଲୁଟ କରିଛନ୍ତି |

ଦୀର୍ଘ ୮ ବର୍ଷ ମଧ୍ୟରେ ପ୍ରାୟ ପାଞ୍ଚକୋଟି ଟଙ୍କା ତାଙ୍କର ମୁନାଫା ହୋଇଥିବା ଆଲୋଚନା ହେଉଛି | ବିନା ନିଲାମରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କିଭଳି ବନ୍ଦର ଅଧୀନରେ ଥିବା ଏତେଗୁଡାଏ ନଡ଼ିଆ ଗଛରୁ ଦୀର୍ଘ ୮ବର୍ଷ ହେବ ନଡ଼ିଆ ଓ ପଇଡ ତୋଳିନେବାକୁ ସାହସ ଯୁଟାଇ ପାରିଛନ୍ତି, ତାହା ସମସ୍ତଙ୍କୁ ବେଶ ଆଶ୍ଚର୍ଯ୍ୟ କରିଛି। କିଭଳି ଅଧିକାରୀମାନେ ଏତେବଡ ଲୁଟକୁ ଦେଖି ନଦେଖିଲା ପରି ରହିଛନ୍ତି ନା ଏ ବିଷୟରେ ଆଉ ଖୋଳତାଡ କରୁନାହାନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି |

କାହା ଛତ୍ରଛାୟା ତଳେ ଉକ୍ତ ବ୍ୟକ୍ତି ଜଣଙ୍କ ଅଛନ୍ତି ଓ କିଭଳି ଏମିତି ସାହସ ଯୁଟାଇ ଦୀର୍ଘ ୮ ବର୍ଷ ହେବ ନିଲାମ ନକରି ନଡ଼ିଆ ଓ ପଇଡ ତୋଳି କୋଟ କୋଟି ଟଙ୍କା ଉପାର୍ଜନ କରି ଚାଲିଛନ୍ତି , ତାହା ତଦନ୍ତ ସାପେକ୍ଷ | ଘଟଣା ବିଷୟରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବପର ହୋଇନାହିଁ |

## ଲାଞ୍ଜିଠାରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ

ଲାଞ୍ଜିଗଡ଼, ୧୭।୫ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତ ଠାରେ କିଟ,କିସ ତରଫରୁ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଙ୍ଗ ଉପଲକ୍ଷେ ସେୟାର ଟୁ ସାଇନ୍ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।ସଂସ୍ଥାର ପ୍ରାଣ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବିଛୁଟି ଗାମୀ ଯୁବ ପିଢ଼ିଙ୍କ ପାଇଁ ଆଜିର ଯୁଗରେ ଦେବାର କଳାକୁ ଗୁରୁତ୍ୱ ଦେବାରେ ପ୍ରୟାସ ଜାରି ରଖିଛନ୍ତି। ଦେବାରେ ଯେଉଁ ଆନନ୍ଦ ଥାଏ ପାଇବାରେ ତାହା ଆନନ୍ଦ ନ'ଥାଏ।ଅର୍ଥ ଲୋଭି ମଣିଷ ନେବା ସହିତ ଦେବା। ଦାନ ବଦଳରେ ପ୍ରତିଦାନ ପ୍ରଧାନ ଶିକ୍ଷା ପାଇଁ ଦୀର୍ଘ ୧୩ବର୍ଷ ନିରନ୍ତର ଭାବେ ପ୍ରୟାସ ଚଳାଇଛନ୍ତି।

କିସ୍ ପୁରାତନ ଛାତ୍ର ସନାତନ ମାଝୀଙ୍କ ତତ୍ୱାବଧାନରେ ଆୟୋଜିତ ୧୩ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ କିସ୍ ଛାତ୍ରୀ ପଞ୍ଚୁ ମାଝୀ ଆର୍ଟ ଅଫ୍ ଗିଭିଙ୍ଗର ସମ୍ପୂର୍ଣ୍ଣ ବିବରଣୀ ପଠନ କରିଥିବାବେଳେ ଦଶମୀ ମାଝୀ ନିଜ ବିଷୟରେ ଉପସ୍ଥାପନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଆଦିବାସୀ କଲ୍ୟାଣ ମହାସଂଘ ସଭାପତି ପରମାନନ୍ଦ ମାଝୀ ଯୋଗଦେଇଥିବବେଳେ ସମ୍ମାନିତ ଅତିଥିଭାବେ ଲାଞ୍ଜି ପଞ୍ଚାୟତ ସରପଞ୍ଚ ଯମୁନା ମାଝୀ,ବେନଗାଁ ସରପଞ୍ଚ ପୁରାଣା ମାଝୀ,ସମାଜ ସେବୀ ତ୍ରିଲୋଚନ ପାଣିଗ୍ରାହୀ,କୈଳାଶ ମାଝୀ,ରାଣି ମାଝୀ ଜିପିଡିଓ ମ. ରାମପୁର,ପିଇଓ ଜୁନାଗଡ଼ ମୁକୁନ୍ଦ ଦୋରା,ଶଗଡା ପୂର୍ବତନ ସରପଞ୍ଚ ରୁକ୍ମଣୀ ମାଝୀ,ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଉପେନ୍ଦ୍ର ମାଝୀ,ତେନ୍ତୁଳିପଙ୍ଗା ପ୍ରଧାନ ଶିକ୍ଷକ ମନୋଜ କୁମାର ଧଙ୍ଗଡ଼ାମାଝୀ ପ୍ରମୁଖ ମଞ୍ଚାସିନ ରହିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ କିସ୍ ଓ କିଟର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ବୃଦ୍ଧବୃଦ୍ଧାଙ୍କୁ ଛତା ଓ ଛାତ୍ରଛାତ୍ରୀଙ୍କୁ ପାଠ୍ୟକ୍ରମ ସାମଗ୍ରୀ ବଣ୍ଟନ କରାଯାଇଥିଲା।